Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 274
Thursday, 11 December 2025
Balasore, Page : 8, ₹ 2/
ବାଲେଶ୍ବର, ଗୁରୁବାର, ୧୧ ଡିସେମ୍ବର, ୨୦୨୫
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ନେହେରୁ ପ୍ରଧାନମନ୍ତ୍ରୀ ହେବା ପ୍ରଥମ ଭୋଟ ଚୋରି : ଅମିତ ସାହ

ନୂଆଦିଲ୍ଲୀ, ୧୦/୧୨(ନ୍ୟୁ.ଏ): ବୁଧବାର ଲୋକସଭାରେ ନିର୍ବାଚନୀ ସଂସ୍କାର ଉପରେ ଆଲୋଚନା ଏକ ଐତିହାସିକ ବିତର୍କରେ ପରିଣତ ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଇତିହାସର ପୃଷ୍ଠା ଓଲଟାଇ କଂଗ୍ରେସ ଉପରେ ଏପର୍ଯ୍ୟନ୍ତ ସବୁଠାରୁ କଡ଼ା ସମାଲୋଚନା କରିଛନ୍ତି । ଗୃହରେ ଶାହ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ପ୍ରକ୍ରିୟା ଉପରେ ସିଧାସଳଖ ପ୍ରଶ୍ନ ଉଠାଇଛନ୍ତି । ବିରୋଧୀଙ୍କୁ ଆଇନା ଦେଖାଇ ସେ କହିଛନ୍ତି ଯେ, ଯେଉଁମାନେ ଗଣତନ୍ତ୍ରକୁ ଚ୍ୟାଲେଞ୍ଜ ଦେଉଛନ୍ତି ସେମାନେ ପ୍ରକୃତରେ ଐତିହାସିକ 'ଭୋଟ୍ ଚୋରି'ର ମୂଳଦୁଆ ଉପରେ ଠିଆ ହୋଇଛନ୍ତି । ତାଙ୍କ ଭାଷଣ କେବଳ ସଂସଦରେ ନୁହେଁ ବରଂ ସମଗ୍ର ଦେଶର ରାଜନୈତିକ କରିଡରରେ ଆଲୋଡ଼ନ ସୃଷ୍ଟି କରିଛି । ଅମିତ ଶାହ ତାଙ୍କ ଭାଷଣରେ କହିଛନ୍ତି ଯେ, ବିରୋଧୀ ପ୍ରାୟତଃ ଦାବି କରୁଛନ୍ତି ଯେ, ଶାସନ ବିରୋଧୀ ଲହର ବିଜେପି ଉପରେ ପ୍ରଭାବ ପକାଏ ନାହିଁ, କିନ୍ତୁ ସତ୍ୟ ହେଉଛି ଯେ, କେବଳ ଜନହିତ ପାଇଁ କାମ କରୁଥିବା ସରକାରଗୁଡ଼ିକ ପୁନଃନିର୍ବାଚିତ ହୁଅନ୍ତି । ପରିସଂଖ୍ୟାନ ଉଦ୍ଧୃତ କରି ସେ ସ୍ୱୀକାର କରିଛନ୍ତି ଯେ, ବିଜେପି ୨୦୧୪ ପରଠାରୁ ଅନେକ ରାଜ୍ୟରେ ନିର୍ବାଚନ ହାରିଛି । କିନ୍ତୁ ଦଳ କେବେ ଉଠଗ କିମ୍ବା ନିର୍ବାଚନ କମିସନଙ୍କୁ ଦୋଷ ଦେଇନାହିଁ । ଶାହ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି, ଯେତେବେଳେ କଂଗ୍ରେସ ଜିତିଥାଏ,

ସବୁକିଛି ଠିକ୍ ଥାଏ, କିନ୍ତୁ ହାରିବା ମାତ୍ରେ ସେମାନେ ଭୋଟର ତାଲିକାରେ ତ୍ରୁଟି ଖୋଜିବା ଆରମ୍ଭ କରନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ଗଣତନ୍ତ୍ରରେ ଏପରି ଦ୍ୱନ୍ଦ୍ୱ ମାନଦଣ୍ଡ ଆଉ କାମ କରିବ ନାହିଁ । ଅମିତ ଶାହ ଗୃହରେ ସ୍ପଷ୍ଟ କରିଛନ୍ତି, ଅନୁପ୍ରବେଶକାରୀମାନେ ଦେଶର ପ୍ରଧାନମନ୍ତ୍ରୀ କିମ୍ବା କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ନିଷ୍ପତି ନେଇପାରିବେ ନାହିଁ । ସେ ଏସଆଇଆର (ଉପ-ନିର୍ବାଚନ ତାଲିକା)ର ଶୁଦ୍ଧିକରଣକୁ ନିର୍ବାଚନ କମିସନଙ୍କର ଏକ ସାମ୍ବିଧାନିକ କାର୍ଯ୍ୟ ଭାବରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଧାରା ୩୨୪ ଏବଂ ୩୨୬ ଅନୁଯାୟୀ କମିସନଙ୍କର ଏହି ଅଧିକାର ଅଛି । ଶାହ ମନେ ପକାଇ ଦେଇଥିଲେ ଯେ, ୨୦୦୪ ପର୍ଯ୍ୟନ୍ତ ଏସଆଇଆର କୌଣସି ବିରୋଧ ନଥିଲା, କିନ୍ତୁ ବର୍ତ୍ତମାନ ଅନାବଶ୍ୟକ ଦ୍ୱନ୍ଦ୍ୱ ବିସ୍ତାର କରାଯାଉଛି । ଯେତେବେଳେ ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରିବା ଏବଂ ନିୟମ ଅନୁଯାୟୀ ଏହା ସଂସଦରେ ଏହାର ଆଲୋଚନା ହେବା ଉଚିତ୍ । ଗୃହମନ୍ତ୍ରୀ କଂଗ୍ରେସ ଦଳର ଅତୀତକୁ ନେଇ ଏକ ବଡ଼ ଦାବି କରିଛନ୍ତି । ସେ କହିଛନ୍ତି ଯେ ସ୍ୱାଧୀନତା ପରେ, ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବାକୁ ଥିଲେ, ସର୍ଦ୍ଦାର ପଟେଲଙ୍କୁ ୨୮ ଭୋଟ ମିଳିଥିଲା, ଯେତେବେଳେ ଜବାହରଲାଲ ନେହେରୁଙ୍କୁ ମାତ୍ର ଦୁଇଟି ଭୋଟ ମିଳିଥିଲା । ଏହା ସତ୍ତ୍ୱେ, ନେହେରୁ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରଧାନମନ୍ତ୍ରୀ ହୋଇଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହାକୁ ସ୍ୱାଧୀନତା ପରେ ପ୍ରଥମ 'ଭୋଟ ଚୋରି' ବୋଲି କହିଛନ୍ତି । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମ୍ପର୍କରେ କହିଛନ୍ତି ଯେ, ଆହ୍ଲାବାଦ ହାଇକୋର୍ଟ କିପରି ତାଙ୍କ ନିର୍ବାଚନକୁ ରଦ୍ଦ କରିଥିଲେ, ଯାହା ପରେ ସଂସଦରେ ଆଇନ ପରିବର୍ତ୍ତନ ଦ୍ୱାରା ସେ ରକ୍ଷା ପାଇଥିଲେ । ଶାହ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ଟାର୍ଗେଟ କରି କହିଛନ୍ତି ଯେ, ଏକ ସମୟ ଥିଲା ଯେତେବେଳେ ନାଗରିକତା ପାଇବା ପୂର୍ବରୁ ତାଙ୍କ ନାମ ଭୋଟର ତାଲିକାରେ ଯୋଡ଼ା ଯାଇଥିଲା, ଯାହା ସମ୍ପୂର୍ଣ୍ଣ ନିୟମ ବିରୋଧରେ ଥିଲା । ଭାଷଣ ସମୟରେ ପରିବେଶ ଆହୁରି ଉଷ୍ମ ହୋଇଯାଇଥିଲା । ଯେତେବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଆସନରୁ ଠିଆ ହୋଇ ବାଧା ଦେବାକୁ ଚେଷ୍ଟା କଲେ । ଅମିତ ଶାହ କଠୋର ଆଭିମୁଖ୍ୟ ଗ୍ରହଣ କରି ତୁରନ୍ତ ତାଙ୍କୁ ତାଙ୍କ ଆସନକୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶାହ ସ୍ପଷ୍ଟ ଭାବରେ କହିଥିଲେ ଯେ, ବିରୋଧୀଙ୍କ 'ଏକଛତ୍ରବାଦ' ଗୃହରେ ସହ୍ୟ କରାଯିବ ନାହିଁ ଏବଂ ସେ ନିର୍ଦ୍ଧାରିତ କ୍ରମରେ ଏବଂ ନିଜ ଇଚ୍ଛା ଅନୁଯାୟୀ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବେ ।

'ବୀର ସାବରକର ସମ୍ମାନ' ନେବାକୁ ମନା କରିଦେଲେ ଶଶି ଥରୁର

ନୂଆଦିଲ୍ଲୀ, ୧୦/୧୨(ନ୍ୟୁ.ଏ): ହିନ୍ଦୁବାଦୀ ନେତା ବିନାୟକ ଦାମୋଦର ସାବରକରଙ୍କ ନାଁ ଅନୁସାରେ ନାମିତ ଗୋଟିଏ ସମ୍ମାନ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି କଂଗ୍ରେସ ସାଂସଦ ଶଶି ଥରୁର । ପୂର୍ବରୁ ଥରୁରଙ୍କ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ବୟାନ କଂଗ୍ରେସରେ ଆଭ୍ୟନ୍ତରୀଣ ବିବାଦକୁ ଜନ୍ମ ଦେଇଥିଲା । ଏବେ ସାବରକର ସମ୍ମାନ ପାଇଁ ଥରୁରଙ୍କୁ ଚୟନ କରାଯିବାରୁ କଂଗ୍ରେସ ସହ ତାଙ୍କ ତିକ୍ତତା ବଢ଼ିବାର ଆଶଙ୍କା କରାଯାଉଥିଲା । କିନ୍ତୁ ଥରୁର ଉକ୍ତ ସମ୍ମାନକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି । ଆୟୋଜକମାନେ ବିନା ଆଲୋଚନାରେ ତାଙ୍କ ନାଁକୁ ପୁରସ୍କାର ପାଇଁ ଚୟନ କରିଥିବାରୁ ଏହାକୁ ସେ ନାପସନ୍ଦ କରିଛନ୍ତି । ପ୍ରଥମେ ସେ ସୋଶାଲ ମିଡିଆରେ ଓ ଏହାପରେ ଗଣମାଧ୍ୟମ ଆଗରେ ଆୱାର୍ଡ ଗ୍ରହଣ କରୁ ନଥିବା ସ୍ପଷ୍ଟୀକରଣ ଦେଇଛନ୍ତି । 'ଦ ବୀର ସାବରକର ଅନ୍ତର୍ଜାତୀୟ ଇମ୍ପାକ୍ଟ ଆୱାର୍ଡ ୨୦୨୫'କୁ ହାଇ ରେଞ୍ଜ ରୁରାଲ ଡେଭଲପମେଂଟ ସୋସାଇଟୀ ନାମକ ଗୋଟିଏ ଏନଜିଓ ଦେଇଥାଏ । ସଂସ୍ଥା ପକ୍ଷରୁ ପ୍ରଥମ ବର୍ଷ ହିଁ ସମ୍ମାନ ପାଇଁ ଥରୁରଙ୍କ ନାଁକୁ ଚୟନ କରାଯାଇଥିଲା । ଏହି ଆୱାର୍ଡ କାର୍ଯ୍ୟକ୍ରମକୁ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ହିଁ ଦିଲ୍ଲୀ ସ୍ଥିତ ଏନଡିଏମସି କନଭେନସନ ହଲରେ ଉଦଘାଟନ କରିବେ । ଜାତୀୟ ବିକାଶ, ସାମାଜିକ ସଂସ୍କାର ଓ ମାନବୀୟ ସହାୟତାରେ ପରିବର୍ତ୍ତନ ଧାରା ସୃଷ୍ଟି କରିଥିବା ଲୋକଙ୍କୁ ସଂସ୍ଥା ପୁରସ୍କୃତ କରିବ ବୋଲି ସୂଚନା ଦେଇଛି । ଏହି କ୍ରମରେ 'ବୀର ସାବରକର ସମ୍ମାନ' ପାଇଁ ଥରୁରଙ୍କ ନାଁ ଚୟନ କରାଯାଇଥିଲା । ଥରୁର କିନ୍ତୁ ଏ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଥିବା କହିଥିଲେ । ଆୱାର୍ଡ ପାଇଁ ନାଁ ସାର୍ବଜନୀନ କରିବା ପୂର୍ବରୁ ଆୟୋଜକମାନେ ତାଙ୍କ ସହ ଆଲୋଚନା କରି ନଥିବାରୁ ଏହାକୁ ସେ ସମାଲୋଚନା କରିଛନ୍ତି । ଥରୁର ସମ୍ମାନ ଗ୍ରହଣ କରିଥିଲେ ଏହା କଂଗ୍ରେସ ପାଇଁ ଅପମାନ ସୂଚକ ହୋଇଥାଆନ୍ତି । କାରଣ ବିଜେପି ଓ ଦକ୍ଷିଣ ପନ୍ଥୀମାନେ ବିନାୟକ ଦାମୋଦରଙ୍କୁ ବୀର ସାବରକର କୁହନ୍ତି । ସେମାନେ ତାଙ୍କୁ ବିପ୍ଳବର ଆଇକନ କହୁଥିବା ବେଳେ କଂଗ୍ରେସ ସବୁବେଳେ ସ୍ୱାଧୀନତା ପ୍ରତି ସେ କେଉଁ ପ୍ରକାରର ଅବଦାନ ଦେଇଥିଲେ ବୋଲି ପ୍ରଶ୍ନ କରି ଆସିଛି । ଥରୁର ଯଦିଓ ସିଧାସଳଖ ସାବରକରଙ୍କ ସମ୍ପର୍କରେ କିଛି ବି କହି ନାହାନ୍ତି । କିନ୍ତୁ ତାଙ୍କ ନାଁ ଅନୁସାରେ ଦିଆଯାଉଥିବା ସମ୍ମାନକୁ ଗ୍ରହଣ କରିବା ପାଇଁ ମନେ କରି ଦେଇଛନ୍ତି ।

ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଲା କନିଷ୍ଠ ଶିକ୍ଷକ ସଂଘ

ଭୁବନେଶ୍ୱର, ୧୦/୧୨ (ଆ.ପ୍ର) : ଆନ୍ଦୋଳନକୁ ଓହ୍ଲାଇଲା ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ । ଭୁବନେଶ୍ୱର ଲୋୟର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଲା ସଂଘ । ସାରା ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଶିଶୁ ବଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କନିଷ୍ଠ ଶିକ୍ଷକମାନେ ସମସ୍ତ ବିଷୟ ପଢ଼ାଉଛନ୍ତି । ଠିକା କର୍ମଚାରୀ ଭାବେ ସାରା ରାଜ୍ୟରେ ୧୩ ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ସଂଘ କାର୍ଯ୍ୟରତ । ଅଗଷ୍ଟ ୨୨ ତାରିଖରେ ରାଜ୍ୟ ସରକାର କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ଏଯାଏ ତାହା କାର୍ଯ୍ୟକାରୀ ହୋଇନାହିଁ । ୪ ମାସ ବିତିଯାଇଥିଲେ ବି ସୁଦ୍ଧା କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ବାହାରୁନାହିଁ ସରକାରୀ ନିର୍ଦ୍ଦେଶନାମା । ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ସଂଘ । ସେଥିପାଇଁ ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲୋୟର ପିଏମଜିରେ ଧାରଣା ଜାରି ରହିବ ବୋଲି ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଚେତାବନୀ ଦେଇଛି ।

ଅଧିକାର ସୁରକ୍ଷିତ ହେଲେ ସମାଜ ସମୃଦ୍ଧ ହୁଏ: ରାଜ୍ୟପାଳ

ଭୁବନେଶ୍ୱର, ୧୦/୧୨ (ଆ.ପ୍ର) : ଅଧିକାର ସୁରକ୍ଷିତ ହେଲେ ସମାଜ ସୁଦୃଢ଼ ହୁଏ । ବୁଧବାର ଓଡ଼ିଶା ମାନବିକ ଅଧିକାର ଆୟୋଗ ଆନୁକୂଲ୍ୟରେ ସମ୍ବଲପୁରଠାରେ ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ଏଥି ସହ ମାନବାଧିକାରକୁ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତା ପାଇଁ ଆହ୍ୱାନ ଜଣାଇଛନ୍ତି । ଅଧିକାରଗୁଡ଼ିକ କେବଳ ଆଇନ ମାଧ୍ୟମରେ ନୁହେଁ ବରଂ ନାଗରିକ, ଅନୁଷ୍ଠାନ ଏବଂ ଗୋଷ୍ଠୀମାନଙ୍କର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ବିକଶିତ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟପାଳ କହିଛନ୍ତି ଯେ ବିଶ୍ୱ ମାନବାଧିକାର ଦିବସ ଏକ ସ୍ମରଣକାରୀ ଦିବସ ଭାବରେ କାର୍ଯ୍ୟ କରେ । ଯାହା ସମସ୍ତଙ୍କ ପାଇଁ ନ୍ୟାୟ ଉପଲବ୍ଧ କରାଇବା, ସମାଜରେ ଭେଦଭାବର କୌଣସି ସ୍ଥାନ ନ ରହିବା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନର ସହିତ ବଂଚିବାର ସୁଯୋଗ ମିଳିବା ଆବଶ୍ୟକ ବୋଲି ସ୍ମରଣ କରାଇଦିଏ । ଚଳିତ ବର୍ଷର ବିଷୟବସ୍ତୁ 'ମାନବାଧିକାର ଆମର ଦୈନନ୍ଦିନ ଆବଶ୍ୟକତା' ଉପରେ ଆଲୋକପାତ କରି ଶିକ୍ଷା, ଅଭିବ୍ୟକ୍ତିର ସ୍ୱାଧୀନତା, ନିରାପଦ କାର୍ଯ୍ୟ ପରିବେଶ, ଖାଦ୍ୟ,

ପାଣି, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଅଧିକାର ମାନବିକ ମର୍ଯ୍ୟାଦାର ମୂଳଦୁଆ ଗଠନ କରେ ବୋଲି ରାଜ୍ୟପାଳ କହିଥିଲେ । ଯେତେବେଳେ ଏହି ଅଧିକାରଗୁଡ଼ିକୁ ବଜାୟ ରଖାଯାଏ ସମାଜ ସମୃଦ୍ଧ ହୁଏ; ଯେତେବେଳେ ପ୍ରତ୍ୟାଖ୍ୟାନ କରାଯାଏ ସମାଜରେ ଅବକ୍ଷୟ ଦେଖାଯାଏ ବୋଲି ରାଜ୍ୟପାଳ କହିଥିଲେ । ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କ ନେତୃତ୍ୱରେ ଆୟୋଗର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ସ୍ୱତଃସ୍ଫୂର୍ତ୍ତ ଭାବେ ଅଭିଯୋଗର ପଞ୍ଜିକରଣ କରିବା, ଅଭିଯୋଗର ତୁରନ୍ତ ସମାଧାନ ଏବଂ ଦୁର୍ବଳ ଗୋଷ୍ଠୀକୁ ସୁରକ୍ଷା ଦେବା ପାଇଁ ଆୟୋଗର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ, ମାନବାଧିକାର କର୍ମୀ ତଥା ରମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡା ୱିଲସନ ଏବଂ ପୂର୍ବତନ ଡିଜିପି ତଥା ଓପିଏସସିର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସତ୍ୟଜିତ ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମାନବାଧିକାର ଆୟୋଗର ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ମଂଚାସୀନ ଥିଲେ ।

ଭକ୍ତଙ୍କ ନେତୃତ୍ୱକୁ ଖୋଲା ଚ୍ୟାଲେଞ୍ଜ, ସୋନିଆଙ୍କୁ ଚିଠି ଲେଖିଲେ ମୋକିମ୍

ଭୁବନେଶ୍ୱର, ୧୦/୧୨ (ଆ.ପ୍ର) : ରାଜ୍ୟସଭା ସାଂସଦ ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କଟକ-ବାରବାଟୀରୁ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଚିଠି ଲେଖିଛନ୍ତି । ଏହି ଚିଠିରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ନେଇ ପରୋକ୍ଷରେ ପ୍ରଶ୍ନ ଉଠାଇଛନ୍ତି । ଏଥି ସହିତ ଦଳର ନେତୃତ୍ୱର ନବୀକରଣ କରାଯାଉ ବୋଲି ଦାବି କରିଛନ୍ତି । ଓଡ଼ିଶା କଂଗ୍ରେସର ପୁନରୁଦ୍ଧାର ଓ ପୁନର୍ଜୀବିତ କରାଗଲେ ଭବିଷ୍ୟତ ମଜବୁତ ହେବ ବୋଲି ମଧ୍ୟ କହିଛନ୍ତି । ବରିଷ୍ଠ ନେତା କହିଛନ୍ତି, ଦୀର୍ଘ ଦିନ ହେଲା ଭାରତୀୟ ଜାତୀୟ କଂଗ୍ରେସ ପାଇଁ କାମ କରୁଛି । କଂଗ୍ରେସ ସହିତ ମୋର ପରିବାର କାମ କରିବା ନୂଆ କଥା ନୁହେଁ । ମୋର ଜେଜେବାପାଙ୍କର ବାପା ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ, ଯିଏକି ସ୍ୱାଧୀନତା ସଂଗ୍ରାମର କଷ୍ଟ ଜାଣିଥିଲେ । ମୋର ବଡ଼ ଭାଇ ଯିଏ କି ୪୨ ବର୍ଷ ବୟସରେ ପରଲୋକ ଗମନ କରିଥିଲେ, ସେ ମଧ୍ୟ ତାଙ୍କ ଜୀବନକୁ କଂଗ୍ରେସ ସହିତ ଯୋଡ଼ିଥିଲେ । ଶେଷ ନିଃଶ୍ୱାସ ନେବା ଯାଏଁ କଂଗ୍ରେସ ପାଇଁ କାମ କରିଥିଲେ । ମୋର ପରିବାରର ପୂର୍ବଜଙ୍କ ଉତ୍ସର୍ଗ ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ମଧ୍ୟ କଂଗ୍ରେସ ପାଇଁ କାମ କରୁଛି । ଜିଲ୍ଲା ସଭାପତି, ପିସିସିର କୋଷାଧ୍ୟକ୍ଷ ଏବଂ ବାରବାଟୀ-କଟକ ବିଧାୟକ ଭାବେ ମୁଁ ମୋର ଜୀବନକୁ ପୂରା କଂଗ୍ରେସ ପାଇଁ ଦେଇଛି । ଦୀର୍ଘ ୩୫ ବର୍ଷ ପରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ୨୦୧୯ରେ ପୁଣି ଥରେ କଂଗ୍ରେସ ପାଖକୁ ଫେରି ଆସିଛି ବୋଲି ମୋକିମ୍ ? କହିଛନ୍ତି । ମହମ୍ମଦ ମୋକିମ କହିଛନ୍ତି, ୨୦୨୪ରୁ ମୋ ଝିଅ ସୋଫିଆ ଫିର୍ଦ୍ଦୋସ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଅଛନ୍ତି । ତାଙ୍କର ବିଜୟ ଐତିହାସିକ ଥିଲା । ସେହି ସମୟରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ଘନଘନ ପ୍ରଚାର ସତ୍ତ୍ୱେ ବାରବାଟୀ-କଟକ ଆସନକୁ କଂଗ୍ରେସ ହାତରୁ କେହି ଛଡ଼ାଇ ନେଇପାରି ନାହାନ୍ତି । ଏହା ଥିଲା ଲୋକଙ୍କର ଅପୂର୍ବ ବିଶ୍ୱାସର ଫଳ । ଆମେ ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାମ କରିଛୁ ।

ରେଳ ଚଳାଚଳ ବନ୍ଦ ନକରି ବ୍ୟାପକ ଷ୍ଟେସନ ପୁନଃବିକାଶ କାର୍ଯ୍ୟ ଜାରି ରହିଛି: କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୧୦/୧୨(ନ୍ୟୁ.ଏ): ଭାରତୀୟ ରେଳବାଇ ଇତିହାସରେ ପ୍ରଥମ ଥର ପାଇଁ ସବୁଠୁ ବଡ଼ ଏବଂ ବ୍ୟାପକ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ଜାରି ରଖିଛି । ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ରେଳ ନେଟୱର୍କ ମଧ୍ୟରୁ ଅନ୍ୟତମ ହୋଇଥିବା କାରଣରୁ ବଡ଼ ପରିଚାଳନାଗତ ଆହ୍ୱାନ ସତ୍ତ୍ୱେ ଭାରତ ଏହି କାର୍ଯ୍ୟକୁ ସୁଚାରୁ ରୂପେ ଆଗକୁ ବଢ଼ାଉଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୃଢ଼ ଭାବେ କହିଛନ୍ତି ଯେ, ଅନେକ ଦେଶ ପ୍ରମୁଖ ଷ୍ଟେସନ ପୁନର୍ନିର୍ମାଣ କାର୍ଯ୍ୟ ସମୟରେ ୩-୪ ବର୍ଷ ପାଇଁ ରେଳ ଚଳାଚଳ ବନ୍ଦ ରଖନ୍ତି । କିନ୍ତୁ ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଯାତାୟାତ କରୁଥିବାରୁ ଷ୍ଟେସନଗୁଡ଼ିକୁ ବନ୍ଦ କରିବା ସମ୍ଭବ ନୁହେଁ । ଏହି ପ୍ରତିବନ୍ଧକ ସତ୍ତ୍ୱେ ସୁରକ୍ଷା ପ୍ରତି ନିରନ୍ତର ଧ୍ୟାନ ଦିଆଯିବା ସହିତ ନିରବଚ୍ଛିନ୍ନ ରେଳ ପରିଚାଳନା ସୁନିଶ୍ଚିତ କରି ପୁନର୍ବିକାଶ ଦ୍ରୁତ ଗତିରେ ଆଗକୁ ବଢୁଛି । ରେଳ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଭାରତ ଏହାର ଷ୍ଟେସନ ଭିତିଭୂମିର ଏତେ ବ୍ୟାପକ ଏବଂ ରୂପାନ୍ତରଣକାରୀ ପରିବର୍ତ୍ତନ କରୁଛି । ଏହା ଦେଶ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଅଭିଜ୍ଞତା ।

ଏହି କାର୍ଯ୍ୟଗୁଡ଼ିକ ପାଇଁ ଅସାଧାରଣ ଯୋଜନା ପ୍ରସ୍ତୁତି, ସମନ୍ୱୟ ଏବଂ ସଠିକ ଇଞ୍ଜିନିୟରିଂର ଆବଶ୍ୟକତା ରହିଛି । ଏହାକୁ ସୁନିଶ୍ଚିତ କରାଯିବା ସହିତ ଦୈନନ୍ଦିନ ଟ୍ରେନ ଚଳାଚଳକୁ ବାଧା ନ ପହଂଚାଇ ବିକାଶ କାର୍ଯ୍ୟ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରତିବଦ୍ଧତା ଅମୃତ ଭାରତ ଷ୍ଟେସନ ଯୋଜନାରେ ସର୍ବାଧିକ ଦୃଶ୍ୟମାନ ହୋଇଛି । ଏହି ଯୋଜନା ଅଧୀନରେ ୬୦,୦୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରାଯାଇ ୧,୩୦୦ରୁ ଅଧିକ ଷ୍ଟେସନକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ମାନଦଣ୍ଡରେ ଉନ୍ନତିକରଣ କରାଯାଉଛି । ଏବେ ସୁଦ୍ଧା ୧୬୦ ଷ୍ଟେସନକୁ ପୁନଃବିକଶିତ କରାଯାଇସାରିଛି । ଆଧୁନିକ ଇଞ୍ଜିନିୟରିଂ ସମାଧାନଠାରୁ ଉନ୍ନତ ଯାତ୍ରୀ ସୁବିଧା ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରକଳ୍ପକୁ ପର୍ଯ୍ୟାୟକ୍ରମେ ଏବଂ ସତର୍କତାର ସହିତ ଯୋଜନାବଦ୍ଧ ଭାବରେ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ଷ୍ଟେସନଗୁଡ଼ିକ ରାଷ୍ଟ୍ରର ଜୀବନରେଖାକୁ ସେବା ଯୋଗାଇ ଦେବା ସହିତ ବିଶ୍ୱସ୍ତରୀୟ ପରିବହନ ହବ୍ ରୂପେ ବିକଶିତ ହୋଇପାରିବେ । ଚଳିତ ବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜସ୍ଥାନର ବିକାନେରରୁ ୧୦୩ଟି ଅମୃତ ଭାରତ ଷ୍ଟେସନର ଲୋକାର୍ପଣ କରିଥିଲେ । ଏହା ଦେଶବ୍ୟାପୀ ଆଧୁନିକୀକରଣ ଅଭିଯାନରେ ଏକ ପ୍ରମୁଖ ମାଇଲଖୁଂଟ ଥିଲା । ଉନ୍ନତ ସମ୍ମୁଖ ଭାଗ, ବିସ୍ତାରିତ ଚଳାଚଳ କ୍ଷେତ୍ର, ଦୀର୍ଘସ୍ଥାୟୀ ନିର୍ମାଣ ବୈଶିଷ୍ଟ୍ୟ ଏବଂ ବାଧାମୁକ୍ତ ବହୁମୁଖୀ ସଂଯୋଗ ସହିତ ଡିଜାଇନ୍ କରାଯାଇଥିବା ଏହି ଷ୍ଟେସନଗୁଡ଼ିକ ଆଧୁନିକ, ଦକ୍ଷ ଏବଂ ଯାତ୍ରୀ-ଅନୁକୂଳ ରେଳ ଯାତ୍ରାର ଭାରତର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥାଏ । ଅମୃତ ଭାରତ ଷ୍ଟେସନ ଯୋଜନା ଭାରତର ଜଟିଳ ଭିତିଭୂମି ଉନ୍ନତିକରଣକୁ ରେକର୍ଡ ଗତିରେ ଆଗକୁ ବଢ଼ାଇବା କ୍ଷମତାର ଏକ ଶକ୍ତିଶାଳୀ ପ୍ରମାଣ ଭାବରେ ଦଣ୍ଡାୟମାନ ହୋଇଛି । ଏହା ସହିତ ପ୍ରତିଦିନ ଟ୍ରେନ ଚଳାଚଳ ଯାତ୍ରୀଙ୍କ ଗମନାଗମନ ଏବଂ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ରୂପେ ଧ୍ୟାନ ଦିଆଯାଉଛି ।

ନଈକୂଳରେ ମିଳିଲା ମୁଣ୍ଡ, ଶାନ୍ତ ପଡିଲା ମାଲକାନଗିରି

ମାଲକାନଗିରି, ୧୦/୧୨ (ଆ.ପ୍ର) :ମିଳିଲା ମୁଣ୍ଡ, ଶାନ୍ତ ପଡିଲା ମାଲକାନଗିରି । ୬ ଦିନ ପରେ କଟା ମୁଣ୍ଡର ସନ୍ଧାନ ପାଇଲା ପୋଲିସ । ନଈକୂଳରେ ପଡିଥିଲା ମୁଣ୍ଡ ମୁଣ୍ଡ ପାଇଁ ମହାଭାରତ । ୧୦ ଦିନ ହେଲାଣି ମାଲକାନଗିରି ପୋଲିସ, ପ୍ରଶାସନର ନିଦ ହଜାଇଥିଲା କଟା ମୁଣ୍ଡ । ଖାଲି ଜିଲ୍ଲା ନୁହେଁ ସାରା ରାଜ୍ୟରେ ଖେଳାଇଥିଲା ହଲଚଲ । ମାଲକାନଗିରିରୁ ନେଇ ବିଧାନସଭାରେ ପହଂଚିଥିଲା ମୁଣ୍ଡ ତାତି । ଶେଷରେ ଆଜି କନ୍ୟା ଆଶ୍ରମ ନିକଟ ପୋଟେରୁ ନଦୀକୂଳରୁ ଲାକେ ପଡିଆମିଙ୍କ ମୁଣ୍ଡ ଜବତ କରିଛି ପୋଲିସ । ମୃତଦେହ ଠାରୁ ପ୍ରାୟ ୪୦ କିମି ଦୂର ଏହି ସ୍ଥାନରୁ ମିଳିଛି କଟା ମୁଣ୍ଡ । ସକାଳେ କିଛି ଲୋକେ ନଈକୁ ଗାଧୋଇବାକୁ ଯାଇଥିବାବେଳେ କଟା ମୁଣ୍ଡ ଦେଖି ପୋଲିସକୁ ଖବର ଦେଇଥିଲେ । ହେଲେ ଏବେ ବି ପ୍ରଶ୍ନ, ଲାକେ ପଡିଆମୀଙ୍କୁ ମାରିଲା କିଏ ? ନଈକୂଳରେ କିଏ ଲୁଚାଇଥିଲା ମୁଣ୍ଡ ? କିଏ ସେ ଜଘନ୍ୟ ହତ୍ୟାକାରୀ ? ତାହା ଏ ଯାଏଁ ବି ଅସ୍ପଷ୍ଟ । ଘଟଣାର ତଦନ୍ତ କରି ଦୋଷୀଙ୍କୁ ଧରିବାକୁ ଦାବି କରିଆସୁଛନ୍ତି ରାଖେଲଗୁଡାବାସୀ । ଗତ ୪ ତାରିଖ ଦିନ ତୁଡାମେଟା ନଦୀକୂଳରୁ ରାଖେଲଗୁଡା ଗାଁର ଲାକେ ପଡିଆମୀଙ୍କ ମୁଣ୍ଡ ବିହୀନ ମୃତଦେହ ମିଳିଥିଲା । ହେଲେ ମିଳିନଥିଲା କଟା ମୁଣ୍ଡ । ପୋଲିସ ସହ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଲାଗିପଡିଥିଲେ ମୁଣ୍ଡ ଖୋଜାରେ । ଏହି ହତ୍ୟାକାଣ୍ଡକୁ ନେଇ ରାଖେଲଗୁଡା ଓ ଏମଭି-୨୬ ଗାଁରେ ମଧ୍ୟରେ ଘଟିଥିଲା ବିବାଦ । ଏମଭି-୨୬ ଗାଁରେ ଭୟଙ୍କର ଲଙ୍କାକାଣ୍ଡ ଘଟାଇଥିଲେ ରାଖେଲଗୁଡା ଗ୍ରାମବାସୀ । ହାତ ହତିୟାର, ଅସ୍ତ୍ରଶସ୍ତ୍ର ଧରି ମାଡି ଆସିଥିଲେ ଶହ ଶହ ଲୋକେ । ନିଆଁ ଲଗାଇ ୫୦ରୁ ଅଧିକ ଘରଦ୍ୱାର ଓ ଦୋକାନ ଜାଳି ଦେଇଥିଲେ ।



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ବୃହତ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ

ଜଗତସିଂହପୁର, ୧୦/୧୨ (ଆ.ପ୍ର) : ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଜଗତସିଂହପୁର ମୁଖ୍ୟ ଶାଖା ପକ୍ଷରୁ ବୃହତ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ ସ୍ଥାନୀୟ ଆଳା ପଂଚାୟତର ବିସପିତଳ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ୟାଙ୍କର କଟକ ଶାଖାର ମୁଖ୍ୟ ସୁଜିତ କୁମାର ନେଗୀ, ଯୋଜନା ଓ ଉନ୍ନୟନ ଅଧିକାରୀ ଦୀପକ କୁମାର ପ୍ରଧାନ,ରାଜ୍ୟ ସରକାରଙ୍କ ତରଫରୁ ବିପିସି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ,ବିପିଏମ ସରିତା ବେହେରା, ସରପଂଚ ବନ୍ଧନ କୁମାର ବେହେରାଙ୍କ ସମେତ ବହୁ ପଦାଧିକାରୀ ଯୋଗଦେଇଥିଲେ । ଜିଲ୍ଲାର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଶାଖା ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସୁଜିତ କୁମାର ନେଗୀ କୃଷି ଓ କୃଷକର ଉନ୍ନତି ଦିଗରେ ଆଲୋକପାତ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ଯୋଗଦାନ ପରିବାରର ସାମୁହିକ ଉନ୍ନତି ଓ ଦେଶର ଅର୍ଥନୈତିକ ପ୍ରଗତି ହୋଇପାରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ସରିତା ବେହେରା ସ୍ୱୟଂ ସହାୟକ ଗୋଷ୍ଠୀ ଉପଲବ୍ଧ କରୁଥିବା ଋଣ ପରିଶୋଧର ତତ୍ପରତା ବିଷୟରେ ସମସ୍ତ ଦଳକୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଯୋଜନାକୁ ବ୍ୟାଙ୍କ ମାଧ୍ୟମରେ ସଫଳ କରୁଥିବା ସିଆରପି, ବ୍ୟାଙ୍କ ମିତ୍ର,ଏମବିକେ ମାନଙ୍କୁ ଶାଖା ତରଫରୁ ଉପହାର ପ୍ରଦାନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଶାଖା ତରଫରୁ ସ୍ୱୟଂ ସହାୟକ ଦଳ ଓ କୃଷକ ମାନଙ୍କୁ ୧୦ କୋଟି ଟଙ୍କା ଋଣର ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶାଖା ପ୍ରବନ୍ଧକ ବିଜୟ କୃଷ୍ଣ ମଣ୍ଡଳ ପୌରହିତ୍ୟ କରିଥିବା ବେଳେ ଅଧିକାରୀ କଲ୍ୟାଣ ମୁଖାର୍ଜୀ ପରିଚାଳନା କରିଥିଲେ ।

ଦାଦନ ସର୍ଦ୍ଦାର ଓ ଦଲାଲମାନଙ୍କ ଦୌରାତ୍ମ୍ୟ ବଢିବା ଯୋଗୁଁ ଶ୍ରମିକମାନଙ୍କ ମୃତ୍ୟୁ ହେଉଛି, ଜିଲ୍ଲା ପ୍ରଶାସନକୁ ଏହାର ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ

ନୂଆପଡ଼ା, ୧୦/୧୨ (ଆ.ପ୍ର) : ଯିବାପାଇଁ ବାହାରିବେ । ଦୁଇ ଦିନ ପରେ ତାଙ୍କ ସ୍ତ୍ରୀଙ୍କ ପାଖକୁ ଖବର ଆସିଲା ଯେ, ତାଙ୍କ ସ୍ୱାମୀଙ୍କ ମୃତ ଶରୀର କଂଟାବାଞ୍ଜି ଷ୍ଟେସନ ପାଖରେ ରେଳ ଧାରଣା କଡ଼ରେ ମିଳିଛି, ଜି ଆର ପି ପୋଲିସ୍ ମୃତ ଶରୀରକୁ ପୋଷ୍ଟମର୍ଟମ୍ ପାଇଁ ଟିଟିଲାଗଡ ନେଇଛନ୍ତି । ତାଙ୍କ ସ୍ତ୍ରୀ ଖବର ପାଇଲା ପରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି, ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଲଖନା ଥାନା ରେ ଏତଲା ଦାୟର କରିଥିଲେ । କାଲି ସ୍ୱର୍ଗତ ବାଞ୍ଛାନିଧିଙ୍କ ମୃତ ଶରୀର ଗାଁକୁ ପହଂଚିଲା ପରେ ଗ୍ରାମବାସୀ କୁରୁମପୁରୀ ଠାରେ ଏନ ଏଚ ୩୫୩ ଅବରୋଧ କରି କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ । ଆଜି ଶ୍ରୀ ଯଦୁମଣି ପାଣିଗ୍ରାହୀ ମହାସଂଘର ପ୍ରତିନିଧି ମଣ୍ଡଳୀଙ୍କ ସହିତ ଲଖନା ଥାନାଧିକାରୀ ଶ୍ରୀ ରଞ୍ଜନ କୁମାର ନାୟକଙ୍କ ସହିତ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରିଥିଲେ । ଟିଟିଲାଗଡ଼ ଜି ଆର୍ ପି ପୋଲିସ ୟୁ ଡି କେଶ ନମ୍ବର ୬୨/୨୦୨୫ଦ୍ୱାରା ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ଏବଂ ଏଥିପାଇଁ ଲଖନା ଥାନା ତରଫରୁ ଯାହା ସାହାଯ୍ୟ

ସହଯୋଗ ଦରକାର ଆମେ ଯୋଗେଇଦେବୁ ବୋଲି ଶ୍ରୀ ନାୟକ ପ୍ରକାଶ କରି ଥିଲେ । ଦାଦନ ସର୍ଦ୍ଦାର ଓ ଦଲାଲ୍ ମାନ ଙ୍କ ଦାଦାଗିରି, ଦୌରାତ୍ମ୍ୟ ଓ ଅତ୍ୟାଚାର ଶ୍ରମିକ ମାନଙ୍କ ଉପରେ ଦିନ କୁ ଦିନ, ବଢ଼ିଚାଲିଛି, ଏ ଘଟଣାରେ ଉପଯୁକ୍ତ ତଦନ୍ତ କରି, ଉଦାହରଣ ଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ପାଣିଗ୍ରାହି ଦାବୀ କରିଥିଲେ । ପରେ ଶ୍ରୀ ଯଦୁମଣି ପାଣିଗ୍ରାହୀ ଜିଲ୍ଲା ଶ୍ରମ ଅଧିକାରୀ, ଖରିଆର୍ ରୋଡ଼, ଜିଲ୍ଲାପାଳ ନୂଆପଡା, ପୋଲିସ୍ ଏସ ପି ନୂଆପଡାଙ୍କ ସହିତ ଫୋନ୍ ଯୋଗେ ବାଞ୍ଛାନିଧିଙ୍କ ସନ୍ଦେହ ଜନକ ମୃତ୍ୟୁ ଉପରେ ଓ ତାଙ୍କ ନିଃସହାୟ ତଥା ନିସନ୍ତାନ ସ୍ତ୍ରୀ ବିଂଚି ଦେବୀ ଙ୍କ କ୍ଷତି ପୂରଣ ଓ ଭରଣ ପୋଷଣ ଉପରେ ଫୋନ ଯୋଗେ କଥା ହେଇଥିଲେ । ଆଜି ସକାଳୁ ସ୍ଥାନୀୟ ଆର୍ ଆଇ ଜିଲ୍ଲା ରେଡକ୍ରସ ପାଣ୍ଠିରୁ କୋଡ଼ିଏ ହଜାର ଟଙ୍କା ଓ ସ୍ଥାନୀୟ ପଂଚାୟତ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଥିଲା । ଜିଲ୍ଲା ଶ୍ରମ ନିରୀକ୍ଷକ ଶ୍ରୀ ପଣ୍ଡା ମଧ୍ୟ ଘଟଣା ସ୍ଥଳ ରେ ପହଂଚି ଅନୁସନ୍ଧାନ କରି ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ ।ନୂଆପଡା ଜିଲ୍ଲା ର ଦାଦନ ଦୁଃଖ ଓ ଦୁର୍ଦ୍ଦଶା ଉପରେ ମହାସଂଘ ର ଏକ ପ୍ରତିନିଧି ମଣ୍ଡଳୀ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ ଆଲୋଚନା କରିବା ପାଇଁ ଯିବ ଓ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଚେଷ୍ଟା କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହା ସହ ଜିଲ୍ଲାର ପ୍ରାୟ ଗ୍ରାମରେ ଦାଦନ ସର୍ଦ୍ଦାର ଓ ଦଲାଲ ମାନେ ଅର୍ଥ ଲାଳସା ଦେଖାଇ ଶ୍ରମିକ ମାନଙ୍କୁ ଚାଲାଣ କରିବା ପାଇଁ ବୁଲୁଥିବା ସୂଚନା ମିଳିଛି । ଏହାର ଆଶୁ ସମାଧାନ ପାଇଁ ପ୍ରତି ପଂଚାୟତ ରେ ଜଣେ ଜଣେ ଶ୍ରମିକ ସୁରକ୍ଷା ଦାୟିତ୍ୱରେ କର୍ମଚାରୀ ନିଯୁକ୍ତି ଓ ପ୍ରଶାସନ କୁ ରିପୋର୍ଟ ପ୍ରଦାନ କଲେ ଦଲାଲ ଓ ସର୍ଦ୍ଦାର ମାନଙ୍କୁ ଚିହ୍ନଟ ହୋଇ ପାରିବ ବୋଲି ଧରୁଆ ପ୍ରକାଶ କରିଥିଲେ ।ଏହି ପ୍ରତିନିଧି ମଣ୍ଡଳୀ ରେ ସମାଜସେବୀ ଶ୍ରୀଭକ୍ତବଂଧୁ ଧରୁଆ, ସୁଖ ଦେବ୍ ସାହୁ, ଅନିରୁଦ୍ଧ ନାଗ, ଦର୍ଶନ ଜିଲ୍ଲା ପ୍ରତିନିଧି ଦିଲୀପ ଦଳପତି, କୋମନା ବ୍ଲକ ପ୍ରତିନିଧି ଡେରୁରାମ ନାଏକ ଓ ଅନ୍ୟମାନେ ସାମିଲ ହୋଇଥିଲେ ।

ଶାଳିଆ ପାଣିପାଂଚାୟତ ଶୀର୍ଷ କମିଟି ବୈଠକ

ଚିଲିକା/ବାଣପୁର, ୧୦/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ଥିବା ମଧ୍ୟମ ଜଳସେଚନ ପ୍ରକଳ୍ପ ଶାଳିଆ ପାଣି ପାଂଚାୟତ ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲ୍ଲାର ୨୨ ଗୋଟି ପାଣିପାଂଚାୟତର କର୍ମକର୍ତ୍ତା ଓ ଚାଷୀଙ୍କୁ ନେଇ ଆସନ୍ତା ରବି ଫସଲ ନିମନ୍ତେ ଶାଳିଆ ଏସ. ଡି.ଓଙ୍କ ଆବାହକତ୍ୱରେ ଓ ବି.ଜେ.ପି ନେତା ଦୁଷ୍ମନ୍ତ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବାଣପୁର ସ୍ଥିତ ମା ଭଗବତୀଙ୍କ ପୀଠରେ ରବି ଫସଲ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶୀର୍ଷକମିଟି ସମ୍ପାଦକ ଗିରିଜା ପ୍ରସାଦ ନାୟକ, ନଂ ୫ର ନକୁଳ ପ୍ରଧାନ, ନମ୍ବର ୮ ର ଭାସ୍କର ଖୁଂଟିଆ, ନମ୍ବର ୭ର ଅଭିମନ୍ୟୁ ସ୍ୱାଇଁ, ନମ୍ବର ୧୨ ର ଅଭିମନ୍ୟୁ ପ୍ରଧାନ, ନମ୍ବର ୨ର ଅକ୍ଷୟ ସ୍ୱାଇଁ, ଚନ୍ଦନ କୁମାର ବେହେରା ସମେତ ବିଭାଗୀୟ ଯନ୍ତ୍ରୀ ମନୋଜ କୁମାର ସାହୁ, ବାଳ କୃଷ୍ଣ ବିଶୋୟୀ, ଗଞ୍ଜାମ ଓ ଖୋର୍ଦ୍ଧାର କୃଷି ଅଧିକାରୀ, ଉଦ୍ୟାନ ଅଧିକାରୀ ମାନଙ୍କୁ ନେଇ ଆଲୋଚନା ହୋଇଥିଲା । ଏହି ସଭାରେ ବିଭିନ୍ନ ପାଣିପଂଚାୟତର ପ୍ରତିନିଧି ମାନେ ଶାଳିଆ ଯୋଗାଉଥିବା ପାଣି ଏବଂ ଶାଳିଆ କେନାଲର ରକ୍ଷଣା

ବେକ୍ଷଣର ଅଭାବ ସହ ଯେପରି ଚାଷକ୍ଷେତ୍ରକୁ ସୁବିଧାରେ ଜଳ ଯୋଗାଇବା ସହ ମୁଖ୍ୟ କେନାଲରୁ ବାହାରି ଥିବା ଛୋଟ କେନାଲ ଗୁଡ଼ିକର ଜରୁରୀ କାଳିନ ଭିତିରେ ମରାମତି କରାଯାଇପାରିବ ସେଥିପାଇଁ ଦୃଢ଼ ଦାବି କରାଯାଇ ଥିଲା । ଏହା ପରେ ରବି ଋତୁ ପାଇଁ ଚାଷୀଙ୍କ ନିମନ୍ତେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ମୁଗ, ବିରି ଓ ସାର ଯେଭଳି ଉନ୍ନତ ମାନର ବିହନ ଚାଷୀ ପାଇପାରିବେ ଆଲୋଚନା କରାଯାଇଥିଲା । ଶାଳିଆ ଡ୍ୟାମ, ମେନ କେନାଲ, ସଂଲଗ୍ନ କେନାଲ ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇ ସମାଧାନ ଦିଗରେ ଦୃଷ୍ଟି ଆକର୍ଷଣ କରାଇବାକୁ ଜିଲ୍ଲା ଭାଜପା ସମ୍ପାଦକ କହିଥିଲେ । ଉପସ୍ଥିତ ଥିବା ସମସ୍ତ ପ୍ରତିନିଧି, ଚାଷୀ, ସରକାରୀ କର୍ମଚାରୀ ମାନଙ୍କୁ ପାଣିପଂଚାୟତର ଶୀର୍ଷ କମିଟି ସମ୍ପାଦକ ଗିରିଜା ପ୍ରସାଦ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

ପର୍ଲା ଠାରେ ଖରିଫ ଋତୁ ଧାନ ମଣ୍ଡି ଉଦଘାଟନ

ଧର୍ମଗଡ଼, ୧୦/୧୨ (ଆ.ପ୍ର) : ଧର୍ମଗଡ଼ ବ୍ଲକ ପର୍ଲାରେ ଥିବା

ନିୟନ୍ତ୍ରିତ ବଜାର କମିଟି(ଆରଏମସି)ଠାରେ ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୨୦୨୫-୨୬ ଖରିଫ ଋତୁ ନିମନ୍ତେ ପର୍ଲା ଧାନ ମଣ୍ଡି ଉଦଘାଟିତ ହୋଇ ଯାଇଛି । ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଲା ସଭାନେତ୍ରୀ ସୂର୍ଯ୍ୟ ମଣ୍ଡା, ସଂପାଦକ କଦମନି ବୋଡ଼କିଆ ଓ ଅନ୍ୟ ସଦସ୍ୟ, ଆର.ଏମ.ସି କର୍ମଚାରୀ ସୋନମ ପୁରୋହିତ ଓ ଅନ୍ୟ କର୍ମଚାରୀ ଯୋଗ ଦେଇ ମଣ୍ଡି ଉଦଘାଟନ କରିଥିଲେ । ଏଫଏକ୍ୟୁ ମାନର ଧାନ ସମ୍ବନ୍ଧରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ । ଚାଷୀମାନେ ମଣ୍ଡିକୁ ଧାନ ବିକ୍ରୟ ପାଇଁ ଆଣିବା ବେଳେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ପଦକ୍ଷପ ନେବା ସହ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଚାଷୀଙ୍କୁ ମିଲର ବା ଆରଏମସି ପକ୍ଷରୁ ବସ୍ତା ବା ଅଖା ଯୋଗାଇ ଦେବା ପାଇଁ ଚାଷୀ ସୁଶାନ୍ତ କୁମାର ଦାସ, ଓ ମନୋଜ ଦାସ କହିଥିଲେ । କାର୍ଯ୍ୟକ୍ରମରେ ମଧୁସୂଦନ ବୋଡ଼କିଆ, ଲକ୍ଷ୍ମଣ ଗୋପାଲ, ଲୋଚନ ଗୋପାଲ ପ୍ରମୁଖ ଉପସ୍ଥିତ ରହିଥିଲେ ।

ଆସନ୍ତା ଡିସେମ୍ବର ଓ ଜାନୁଆରୀ ପାଇଁ ପୁରୀ ଏସ୍ପିଙ୍କ ଦ୍ୱାରା ବିଭିନ୍ନ ସାହି, ଲେନ୍ ଓ ବାଇ-ଲେନ୍‌ର ସମୀକ୍ଷା

ପୁରୀ, ୧୦/୧୨ (ଆ.ପ୍ର) :ବୁଧବାର ଦିନ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୁରୀ ସହରର ବିଭିନ୍ନ ସାହି, ଲେନ୍ ଏବଂ ବାଇ-ଲେନ୍ ଗୁଡ଼ିକୁ ସମୀକ୍ଷା କରିଛନ୍ତି । ଆସନ୍ତା ଡିସେମ୍ବର ଜାନୁଆରୀ ମାସ ଭାରତର କୋଣ ଅନୁକୋଣରୁ ପର୍ଯ୍ୟଟକ ଓ ଭକ୍ତମାନଙ୍କ ଭିଡ଼ ବ୍ୟାପକ ଭାବେ ବୃଦ୍ଧି ପାଉଥିବା ପରିପ୍ରେକ୍ଷିତରେ, ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା ଉଦ୍ଦେଶ୍ୟରେ ଗଳି ଓ ଲେନଗୁଡ଼ିକର ମାଇକ୍ରୋ ଲେଭେଲ୍ ଇନ୍ସପେକ୍ସନ୍ କରାଯାଇଛି ।ସକାଳ ୭ ଟାରୁ ଆରମ୍ଭ ହୋଇଥିବା ଏହି ସମୀକ୍ଷାରେ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ । ଏସ୍ପି ପୁରୀ ଗଣ୍ଡୁଆଚେରା ଛକ, ବାରବାଟୀ ଜାଗା, ମଣିକର୍ଣ୍ଣିକା ସାହି, ଧାନକୁଟି ସାହି, କଦମଗଡ ଛକ, ଭୋଗଜାଗା, ଜହ୍ନିମୁଣ୍ଡିଆ ଛକ, କେନେରୀ ଗଛ, ଲବଣିଖିଆ ଛକ, ମରଚିକୋଟ ଛକ ସହ ବିଭିନ୍ନ ସ୍ଥାନରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ସମସ୍ତ ସ୍ଥାନ ମାଧ୍ୟମରେ ହଜାର–ହଜାର ଭକ୍ତ ଓ ପର୍ଯ୍ୟଟକ ପ୍ରତିଦିନ ଯାତାୟାତ କରନ୍ତି । ଏସ୍ପି ପୁରୀ ନିଜେ ଲେନ୍–ବାଇଲେନ୍ ଗୁଡ଼ିକର ଚଉଡ଼ା, ରାସ୍ତାର ଅବସ୍ଥା, ଅବରୋଧ, ଅସୁରକ୍ଷିତ ସ୍ଥାନ, ଅନାବଶ୍ୟକ ପାର୍କିଂ ବିଷୟରେ ନିଜେ ନିଜେ ନିରୀକ୍ଷଣ କରିଥିଲେ । ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂଙ୍କ କହିବାନୁଯାଇ "ପୁରୀ ହେଉଛି ଜଗତର ଆସ୍ଥାର କେନ୍ଦ୍ର । ଆସନ୍ତା ପର୍ଯ୍ୟଟକ

ଋତୁରେ ଲକ୍ଷ୍ୟ–ଲକ୍ଷ୍ୟ ଭକ୍ତ ଓ ପର୍ଯ୍ୟଟକ ଆସିବେ । ସେମାନଙ୍କ ସୁମଧୁର ଅନୁଭବ, ସୁରକ୍ଷା ପୁରୀ ପୋଲିସର ପ୍ରଥମ ଦାୟିତ୍ୱ । ସାହି, ଲେନ୍ ଓ ବାଇଲେନ୍ ଭିତରକୁ ଯାଇ ନିଜେ ସମୀକ୍ଷା କରିବା ଏହି ଲକ୍ଷ୍ୟର ଏକ ଅଂଶ । ପୁରୀ ପୋଲିସ ପକ୍ଷରୁ ସମସ୍ତ ଜନସାଧାରଣଙ୍କୁ ଆହ୍ୱାନ ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିଲେ ପୋଲିସ୍‌କୁ ସୂଚନା ଦେବାକୁ ଆହ୍ୱାନ । ମହିଳାମାନେ ଯେକୌଣସି ସମସ୍ୟା ସାମ୍ନା କଲେ ୧୧୨ କିମ୍ବା ନିକଟସ୍ଥ ଥାନାକୁ ସୂଚନା କରିପାରିବେ । ପର୍ଯ୍ୟଟକ ସୁରକ୍ଷା ଦୃଷ୍ଟିରେ ରଖି ପୁରୀ ପୋଲିସ ପର୍ଯ୍ୟାୟକ୍ରମେ ମାଇକ୍ରୋ ଲେଭେଲ ସମୀକ୍ଷା, ସୁରକ୍ଷା ବ୍ୟବସ୍ଥା, ରୁଟ୍ ପରିଚାଳନା, ପଦଚାରୀ ପଟ୍ରୋଲିଙ୍ଗ କୋରଦାର ଚାଲୁଅଛି । ପୁରୀକୁ ଏକ ସୁନ୍ଦର, ସୁରକ୍ଷିତ ଓ ଆତ୍ମିୟ ପର୍ଯ୍ୟଟନ କେନ୍ଦ୍ର ଭାବେ ରଖିବା ଆମ ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ ।

ମତଦାନ କେନ୍ଦ୍ର ସୁବ୍ୟବସ୍ଥା କରଣ ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ଦଳ ବୈଠକ

ଖୋର୍ଦ୍ଧା, ୧୦/୧୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ମାନ୍ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ୧ ଗୋଟି ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନ ୮ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସାବ୍ୟସ୍ତ କେନ୍ଦ୍ର ତଥା ଭୋଟ ଦାନ କେନ୍ଦ୍ର ଗୁଡ଼ିକର ସୁବ୍ୟବସ୍ଥା କରଣ କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ମାନଙ୍କ ସହ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ବିଜୁ ଜନତା ଦଳ, ଜିଲ୍ଲା ଉପସଭାପତି ଉମାକାନ୍ତ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସ ଜିଲ୍ଲା ଉପସଭାପତି ସୌମ୍ୟ ପଟ୍ଟନାୟକ, ସି ପି ଆଇ (ଏମ)ର କର୍ମକର୍ତ୍ତା ଅନନ୍ତ ମଙ୍ଗରାଜ, ଭାରତୀୟ ଜନତା ପାର୍ଟିର ବଦ୍ରି ନାରାୟଣ ଦାସ, ଆମ ଆଦମୀ ପାର୍ଟିର ପ୍ରଶାନ୍ତ କୁମାର ରଣସିଂହ,ବି ଜେ ଡି ର ସୂର୍ଯ୍ୟ କାନ୍ତ ବେହେରା , ଡେପୁଟି କଲେକ୍ଟର ନିର୍ବାଚନ ମନୋଜ କୁମାର ସେନାପତି, ରଞ୍ଜନ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟାଳୟ ବରିଷ୍ଠ ସହାୟିକା

ସାଗରିକା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରି କହିଲେ ଯେ ନୂତନ ଭାବେ କରାଯାଇଥିବା ଭୋଟ କେନ୍ଦ୍ର ଓ ସ୍ଥାନାନ୍ତର ହୋଇଥିବା ଭୋଟ କେନ୍ଦ୍ର ଗୁଡ଼ିକ ଲୋକମାନେ ଜାଣିବା ପାଇଁ ସମସ୍ତ ରାଜନୈତିକ ଦଳ ସେମାନେ ତାଙ୍କର ପ୍ରତିନିଧି ପଠାଇ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାରେ ପୂର୍ବ ସାଧାରଣ ନିର୍ବାଚନ ସମୟରେ ୧୯୬୧ ମତଦାନ କେନ୍ଦ୍ର ଥିବାବେଳେ ଭାରତର ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ସମ୍ପ୍ରସାରଣ ହୋଇ ୨୦୨୫ ମସିହାରେ ୨୪୩୪ ମତଦାନ କେନ୍ଦ୍ର ସ୍ଥିରିକରଣ କରାଯାଇଛି । ୧୧୧ ଜୟଦେବ ବିଧାନ ସଭା ନିର୍ବାଚନ ମଣ୍ଡଳୀ ରେ ପୂର୍ବ ମତଦାନ କେନ୍ଦ୍ର ୨୩୬ ଥିବାବେଳେ ନୂତନ ଭାବେ ୧୫ ଗୋଟି ମତଦାନ କେନ୍ଦ୍ର କରାଯାଇ ମୋଟ ୨୫୧ ମତଦାନକେନ୍ଦ୍ର ହୋଇଅଛି ଷ ସେହିପରି ୧୧୨ ଭୁବନେଶ୍ୱର ମଧ୍ୟ ପୂର୍ବରୁ ୨୦୨ ଥିବାବେଳେ ନୂତନ ଭାବେ ୧୭ ଗୋଟି ମତଦାନ କେନ୍ଦ୍ର ବର୍ଦ୍ଧିତ କରାଯାଇ ମୋଟ ୨୧୯, ୧୧୩ଭୁବନେଶ୍ୱର ଉତର ୨୬୯ ଥିବାବେଳେ ୩ ଗୋଟି ସ୍ଥାନାନ୍ତର ଓ ୮୭ ଗୋଟି ନୂତନ ମତଦାନ କେନ୍ଦ୍ର କୁ ନେଇ ମୋଟ ୩୫୬ ଗୋଟି,୧୧୪ ଏକାମ୍ର ଭୁବନେଶ୍ୱର ପୂର୍ବରୁ ୨୪୮ ଥିବା ବେଳେ ୨୮ ବୃଦ୍ଧି ହୋଇ ୨୭୬ ଗୋଟି,୧୧୫ ଜଟଣୀ ପୂର୍ବରୁ ୨୬୨ ଥିବାବେଳେ ୮୪ ଗୋଟି ବୃଦ୍ଧି କରାଯାଇ ୨୪୬ ଗୋଟି,୧୧୬ ବେଗୁନିଆ ପୂର୍ବରୁ ୨୩୯ ଥିବାବେଳେ ୪ ଗୋଟି ସ୍ଥାନାନ୍ତର କେନ୍ଦ୍ରକୁ ଓ ୬୭ ବୃଦ୍ଧି କେନ୍ଦ୍ରକୁ ନେଇ ମୋଟ୩୦୭ ମତଦାନ କେନ୍ଦ୍ର,୧୧୭ ଖୋର୍ଦ୍ଧା ପୂର୍ବରୁ ୨୪୮ କେନ୍ଦ୍ର ଥିବାବେଳେ ୧୧ଗୋଟି ସ୍ଥାନାନ୍ତର ଓ ୯୧ ଗୋଟି ନୂତନ କେନ୍ଦ୍ରକୁ ନେଇ ମୋଟ ୩୪୮ ଏବଂ ୧୧୮ ଚିଲିକା ପୂର୍ବରୁ ୨୪୮ ଥିବାବେଳେ ୧ ଗୋଟି ସ୍ଥାନାନ୍ତର ଓ ୮୪ ଗୋଟିଁ ନୂତନ କେନ୍ଦ୍ରକୁ ନେଇ ମୋଟ ୩୩୨ ଗୋଟି ମତଦାନ କେନ୍ଦ୍ର କରାଯାଇଅଛି । ବିସ୍ତୃତ ଭାବେ ସୂଚନା ମୁତାବକ ପୂର୍ବରୁ ଜିଲ୍ଲାରେ ୧୯୬୧ ଗୋଟି ବୁଥ ଥିବା ବେଳେ ସ୍ଥାନାନ୍ତର ମତଦାନ କେନ୍ଦ୍ର ୧୯ ଓ ନୂତନ ମତଦାନ କେନ୍ଦ୍ର ୪୭୩ ଗୋଟିଏ ନେଇ ମୋଟ ୨୦୨୫ ମସିହାରେ ଜିଲ୍ଲାରେ ୨୪୩୪ ଗୋଟି ମତଦାନ କେନ୍ଦ୍ର ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ସ୍ଥିରୀକୃତ ହୋଇଅଛି ।

ଜଳବାୟୁ ସୁରକ୍ଷା ଆରୋଗ୍ୟମିତ୍ର ଶିବିର ଉଦଯାପିତ

ବଣାଇ, ୧୦/୧୨ (ଆ.ପ୍ର) : ବଣାଇ ସାମ୍ବାଦିକ ଭବନ ପରିସରରେ ୧୨ ଦିନ ଧରି ଚାଲିଥିବା ଜଳବାୟୁ ସୁରକ୍ଷା ପରିଷଦ ଆରୋଗ୍ୟ ମିତ୍ର ନିଯୁକ୍ତି ଓ ଯୋଗାଭ୍ୟାସ ନିମନ୍ତେ ତାଲିମ ଶିବିରର ଉଦଯାପିତ ଦିବସରେ ସଂଯୋଜକ ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ରାଜ୍ୟ ଜଳବାୟୁ ସୁରକ୍ଷା ପରିଷଦର ଅବାହକ ଜ୍ଞାନ ରଞ୍ଜନ ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କାଂଚନ ପାତ୍ର, ସାମ୍ବାଦିକ ସୁରଜ ପ୍ରତାପ ମହାନ୍ତି, ପ୍ରଦୀପ କୁମାର ସାହୁ, ଗଗନ ମହାରଣା, ମେଘୁ ପାତ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦଯାପିତ କରିଥିଲେ । ଜଳବାୟୁ ସୁରକ୍ଷା, ଯୋଗ ଓ ଆୟୁର୍ବେଦ ଉପଚାର ଉପରେ ମଂଚାସିନ ଅତିଥି ଗଣ ଆଲୋକପାତ କରିଥିଲେ । ବଣାଇ ବ୍ଲକ,

ଗୁରୁଣ୍ଡିଆ ବ୍ଲକ, କୋଇଡା ବ୍ଲକ ଓ ଲହୁଣୀ ପଡା ବ୍ଲକରୁ ୪୫ ଜଣ ପୁରୁଷ ଓ ମହିଳା ଶିବିରରେ ନିଯୁକ୍ତି ହୋଇ ଯୋଗ, ଆୟୁର୍ବେଦ ଉପଚାର ଉପରେ ଜ୍ଞାନ ଆହରଣ କରି ପ୍ରତ୍ୟେକ ଗ୍ରାମକୁ ଯାଇ ଯୋଗ ଓ ଆୟୁର୍ବେଦ ଉପଚାର ନିମନ୍ତେ ଶିକ୍ଷା ଦେବା ପାଇଁ ଦୃଢ ସଂକଳ୍ପ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରଗଡ଼ରୁ ଆସିଥିବା ଯୋଗ ଶିକ୍ଷକ ଲୋଚନ ମାଝୀ ଓ ଦୁଷ୍ମନ୍ତ କୁମାର ସାହୁ ଶିବିରକୁ ପରିଚାଳନା କରିଥିଲେ । ଶେଷରେ ଗୁରୁଣ୍ଡିଆ ବ୍ଲକ ସଂଯୋଜକ ସୁନୀଲ ଦଣ୍ଡସେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାୟଗଡ଼ ଜିଲ୍ଲା ଚଇତି -୨୫ କ୍ରୀଡା ପ୍ରତିଯୋଗିତା ମହୋତ୍ସବ ଶୁଭ ଉଦଘାଟନ

ରାୟଗଡା, ୧୦/୧୨ (ଆ.ପ୍ର) : ରାୟଗଡା ଜିଲ୍ଲା ଲୋକ ମହୋତ୍ସବ 'ଚଇତି ଓ ପଲ୍ଲିଶ୍ରୀ ମେଳା-୨୦୨୫' ପାଳନ ଉପଲକ୍ଷେ ଆଜି ଠାରୁ ଆରମ୍ଭ ହୋଇଛି ଚଇତି କ୍ରୀଡା ମହୋତ୍ସବ । ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ସ୍ଥାନୀୟ ରିଲାଏନ୍ସ ସ୍ମାର୍ଟ ନିକଟରୁ ଅନୁଷ୍ଠିତ ଚଇତି କ୍ରୀଡା ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ନିହାର ରଞ୍ଜନ କହ୍ନର,, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଚଇତି କ୍ରୀଡା ଉପସମିତି ର ଅଧ୍ୟକ୍ଷ ଚନ୍ଦ୍ର କାନ୍ତ ମାଝୀ, ଡି.ଆଇ.ପି.ଆର.ଓ ଶ୍ରୀ ବସନ୍ତ କୁମାର ପ୍ରଧାନ, କ୍ରୀଡା ଅଧିକାରୀ ଶେଖ୍ ଆଲେନର, ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର

ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ରିଲାଏନ୍ସ ସ୍ମାର୍ଟ ନିକଟରୁ ହାଲୁଆ ତୋଟା ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ଯାଏଁ ପୁରୁଷ ଓ ମହିଳା ବର୍ଗରେ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ପ୍ରତିଯୋଗୀ ନିଜ ନାମ ପଞ୍ଜିକୃତ କରି ମିନି ମାରାଥନରେ ସାମିଲ ହୋଇଥିଲେ । ଉଭୟ ବର୍ଗରେ ପ୍ରଥମରୁ ପଂଚମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ପ୍ରକାଶ କରିଥିଲେ । ପୁରୁଷ ବର୍ଗରେ ଶ୍ରୀକାନ୍ତ ପ୍ରଷସ୍କନ୍ଧ ପ୍ରଥମ, ଦ୍ୱିତୀୟରେ ରଞ୍ଜନ ଧୋନି, ତୃତୀୟରେ ବଳଭଦ୍ର ହିକକା, ଚତୁର୍ଥରେ ମନୋଜ କୁମାର ନାୟକ ଓ କଂସ ମାଝୀ ପଂଚମ ସ୍ଥାନରେ ରହିଥିବା ବେଳେ ମହିଳା ବର୍ଗରେ କଲ୍ୟାଣସିଂପୁରର ଲଳିତା ଡିଆକା ପ୍ରଥମ ସ୍ଥାନରେ, ପିଙ୍କି ହିମିରିକା ଦ୍ୱିତୀୟରେ, ଦୀପିକା ବିଡ଼ିକା ତୃତୀୟରେ, ସମୀରା ମାଝୀ ଚତୁର୍ଥରେ ଓ ମୌସୁମୀ ମାଝୀ ପଂଚମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସଦଭାବନା ସ୍ପୋର୍ଟ୍ସ କଂପ୍ଲେକ୍ସରେ ଉଭୟ ପୁରୁଷ ଏବଂ ମହିଳା ବର୍ଗ ପାଇଁ ବାସ୍କେଟ ବଲ ଅନୁଷ୍ଠିତ ହୋଇଥିଲା

୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ : ବାଳିକା ବିଭାଗରେ କଟକ ଓ ଭୁବନେଶ୍ୱର ଫାଇନାଲକୁ ଉନ୍ନୀତ

ଜଗତସିଂହପୁର, ୧୦/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ସାତୋଟି ଖେଳପଡିଆରେ ୩୧ଟି କ୍ରୀଡ଼ାଜିଲ୍ଲା ମଧ୍ୟରୁ ଆଜି ପଂଚମ ଦିବସରେ ୧୭ବର୍ଷରୁ କମ ବାଳକ ବିଭାଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବାଳକ ବିଭାଗରେ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ବଲାଙ୍ଗୀର ବନାମ ଯାଜପୁର ମଧ୍ୟ ରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଯାଜପୁର ୮ ୱିକେଟ୍ ରେ ବିଜୟ ଲାଭ କରି ଖୋର୍ଦ୍ଧା ସହ ଏକ କ୍ୱାଟରଫାଇନାଲ ମ୍ୟାଚ୍ ଖେଳି ଏଥିରେ ୬ ୱିକେଟ୍‌ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଅଛି । ନନ୍ଦବ୍ରତ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଗଜପତି ବନାମ ସମ୍ବଲପୁର ଲିଗ୍ ମ୍ୟାଚ୍‌ରେ ଗଜପତି ୧୬ ରନ୍‌ରେ ବିଜୟ ଲାଭ କରି ପୁରୀ ସହ ଏକ କ୍ୱାଟରଫାଇନାଲ ମ୍ୟାଚ୍ ଖେଳି ଏଥିରେ ୫ ୱିକେଟ୍ ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଅଛି । ସତୀ ଖେଳପଡିଆ ଠାରେ ନୂଆପଡ଼ା ବନାମ ପୁରୀ ମଧ୍ୟରେ ଏକ ଉତ୍କଣ୍ଠା ପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ପୁରୀ ୧ରନ ରେ ବିଜୟ ଲାଭ କରିଅଛି । ନବରଙ୍ଗପୁର ଓ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ କ୍ୱାଟର୍ ଫାଇନାଲ ମ୍ୟାଚରେ ନବରଙ୍ଗପୁର ୬୦ରନ୍‌ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଅଛି । ତର୍ତଙ୍ଗ

ମିନିଷ୍ଟାଡିୟମ ଠାରେ ଭଦ୍ରକ ବନାମ ଅନୁଗୁଳ ମ୍ୟାଚ୍‌ରେ ଭଦ୍ରକ ୮ ୱିକେଟ୍‌ରେ ବିଜୟ ଲାଭ କରିଥିଲା । ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ଗଞ୍ଜାମ ବନାମ ଢେଙ୍କାନାଳ ମ୍ୟାଚ୍ ରେ ଢେଙ୍କାନାଳ ୬ ୱିକେଟ୍‌ରେ ବିଜୟ ଲାଭ କରିଥିଲା । ମାଲକାନଗିରି ବନାମ ଭଦ୍ରକ ମ୍ୟାଚ୍‌ରେ ମାଲକାନାଗିରି ୫ ୱିକେଟ୍ ରେ ବିଜୟ ଲାଭ କରି ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଅଛି । ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଙ୍ଗ ସ୍ଥିତ ପୋଲିସ ବାରକ୍ଷକ ପଡିଆରେ କେନ୍ଦୁଝର ବନାମ ନୂଆପଡା ମ୍ୟାଚ୍‌ରେ କେନ୍ଦୁଝର ୧୧୧ ରନ୍‌ରେ ବିଜୟ ଲାଭକରିଥିଲା । କଟକ ବନାମ କେନ୍ଦୁଝର ସେମିଫାଇନାଲ ମ୍ୟାଚ୍‌ରେ କଟକ ୭୦ ରନ୍‌ରେ ବିଜୟ ଲାଭ କରି ଫାଇନାଲ କୁ ଉନ୍ନୀତ ହୋଇଅଛି । ଜୟଦୁର୍ଗା ୟୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ଭୁବନେଶ୍ୱର ବନାମ ବାଲେଶ୍ୱର ସେମିଫାଇନାଲ ମ୍ୟାଚ୍ ରେ ଭୁବନେଶ୍ୱର ୧୩ ରନ୍ ରେ ବିଜୟ ଲାଭ କରି ଆସନ୍ତା କାଲି କଟକ ସହ ଫାଇନାଲ ମ୍ୟାଚ ଖେଳିବ । ଆସନ୍ତା କାଲି ବାଳକ ବିଭାଗର ଦୁଇଟି ସେମିଫାଇନାଲ ମ୍ୟାଚ ଯାଜପୁର ବନାମ ମାଲକାନଗିରି ଓ ଗଜପତି ବନାମ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହେବ । ଏଥିରେ ବିଜୟ ଲାଭ କରିଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିଲାବେଳେ ବାଳିକା ବିଭାଗର କଟକ ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।ଏହାପରେ ଏହି ରାଜ୍ୟ ସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଉଦଯାପନ ଉତ୍ସବ ଅନୁଷ୍ଠିତ ହେବ । ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜାଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ମ୍ୟାଚ୍ ସ୍ଥଳରେ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡକ୍ରସ ସଂଗଠନ ତରଫରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା ବେଳେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଖେଳାଳି ଉପଭୋଗ କରିଥିଲେ । ଏହି ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାରେ ସମସ୍ତ ବ୍ଲକର ବ୍ଲକ ଶିକ୍ଷାଧିକାରୀ,ଏହି କ୍ରିକେଟ ପ୍ରତିଯୋଗିତା ପାଇଁ ଗଠିତ ଜିଲ୍ଲା କମିଟିର ସମସ୍ତ ସଦସ୍ୟାସଦସ୍ୟା ଓ ରାଜ୍ୟ କର୍ମକର୍ତ୍ତା ମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ଓ ସହଯୋଗ ପ୍ରଦାନ କରିଥିଲେ ।

ଦଲାଲ ମୁକ୍ତ କରିଥିବା ଅଧିକାରୀଙ୍କ ବଦଳି ନିର୍ଦ୍ଦେଶ, ହିତାଧିକାରୀଙ୍କ ଦୁଃଖ ଓ ପ୍ରଶ୍ନ

ଲଙ୍ଗଳେଶ୍ୱର, ୧୦/୧୨ (ଆ.ପ୍ର) : ଦୀର୍ଘ ଦିନ ଧରି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଥିବା ରାସନ ବିଭାଗ ଅବ୍ୟବସ୍ଥା, ଦୁର୍ନୀତି ଏବଂ ଦଲାଲଙ୍କ ଆଡ୍ଡା ସ୍ଥଳୀରେ ଥିଲା । ଯେଉଁଠି ହିତାଧିକାରୀଙ୍କ ଅଧିକାରକୁ ଅଣଦେଖା କରି କିଛି ଦଳୀୟ କର୍ମୀ ଏବଂ କିଛି ଦଲାଲଙ୍କ ଇସାରାରେ ଏହି ବିଭାଗ କାର୍ଯ୍ୟ କରୁଥିଲା । ମାତ୍ର ଯେବେ ଠାରୁ ଏହି ବ୍ଲକରେ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଦାୟିତ୍ୱ ନେଲେ ସେବେଠୁ ବିଭାଗରେ ସ୍ୱଚ୍ଛତା ଆସିବା ସହ ସାଧାରଣ ହିତାଧିକାରୀଙ୍କୁ ଗୁରୁତ୍ୱ ଦିଆଯାଉଛି । ବ୍ଲକରେ କମିଥିଲା ଦଲାଲଙ୍କ ପ୍ରାଦୁର୍ଭାବ । ଦୀର୍ଘ ଦିନ ଧରି ରାସନ କାର୍ଡରୁ ବଂଚିତ ଥିବା ବହୁ ଗରିବ, ଅସହାୟ, ଭିନ୍ନକ୍ଷମ ଏବଂ ରୋଗାଗ୍ରସ୍ତଙ୍କ ବିଷୟରେ ସୂଚନା ପାଇ ନିଜେ ତଦନ୍ତ କରି ସେମାନଙ୍କୁ ରାସନ କାର୍ଡ ଯୋଗାଇବା ପ୍ରୟାସ ସାରା ଓଡ଼ିଶାରେ ରଥ ବାବୁଙ୍କୁ ଏକ ସ୍ୱତନ୍ତ୍ର ଯୋଗାଣ ଅଧିକାରୀ ଭାବରେ ପରିଚୟ ଦେଇଥିଲା । ଦିନେ ଯିଏ ଅନ୍ୟର କରୁଣ କାହାଣୀ ଶୁଣି ନିଜକୁ ନସମ୍ଭାଳି ସେଇ ପରିବାରକୁ ଖାଦ୍ୟ ବ୍ୟବସ୍ଥା ପାଇଁ ରାସନ କାର୍ଡ ଯୋଗାଉଥିଲେ । ଆଜି ତାଙ୍କର ଭୋଗରାଇ ବ୍ଲକକୁ ବଦଳି ଖବର ଶୁଣି ସମଗ୍ର ବାଲିଆପାଳବାସୀଙ୍କ ମନରେ ଦୁଃଖ ଖେଳିଯାଇଛି । କାରଣ ତାଙ୍କର ମହାନତା ଏବଂ ବଳିଷ୍ଠ ପ୍ରଶାସନିକ ଦକ୍ଷତା ବାଲିଆପାଳ ବ୍ଲକର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ହୃଦୟରେ ଏକ ନିଆରା ଭଲପାଇବା ସୃଷ୍ଟି କରିଥିଲା । ବର୍ତ୍ତମାନ ଏହି ଯୋଗ୍ୟ ହିତାଧିକାରୀଙ୍କ ମନରେ ଏବେ ପ୍ରଶ୍ନ ଉଠୁଛି ଯେ, ଦୀର୍ଘଦିନ ଧରି ରଥ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନରହିବା ଏବଂ ଘରେ ରୋଗିଣା ସ୍ତ୍ରୀ ଏକା ରହିବା ହେତୁ ନିଜ ଅଂଚଳକୁ ଫେରିବା ପାଇଁ ପ୍ରଶାସନକୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏଭଳି ମହାନ ଅଧିକାରୀଙ୍କୁ ତାଙ୍କ ଅଂଚଳକୁ ବଦଳି ନକରି ପୁଣି କର୍ତ୍ତବ୍ୟ ସ୍ଥାନଠୁ ୩୦ କିଲୋମିଟର ଦୂରକୁ ପଠାଇବା କେତେ ଠିକ ? ଜଣେ ଭଲ ଏବଂ ଦକ୍ଷ ଅଧିକାରୀ ତାଙ୍କର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରୁଥିବା ବେଳେ ହଠାତ ତାଙ୍କର ବଦଳି ଦୂର ବ୍ଲକକୁ କରିବାର ଉଦ୍ଦେଶ୍ୟ କ'ଣ ? ବାଲିଆପାଳ ବ୍ଲକରେ ରାସନ ବିଭାଗରେ ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ମିଳୁଥିଲା ବେଳେ ନ୍ୟାୟ ପ୍ରଦାନ କରୁଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ଏକ ରାଜନୈତିକ ଉଦ୍ଦେଶ୍ୟ କି ? ଗରିବ ଓ ଅସହାୟଙ୍କୁ ପ୍ରାଧାନ୍ୟ ଦେଉଥିବା ରଥ ବାବୁଙ୍କୁ ରାଜନେତାଙ୍କ ଇସାରାରେ ଅଯୋଗ୍ୟଙ୍କୁ ରାସନ କାର୍ଡ ନଦେବା ଜିଲ୍ଲାପାଳଙ୍କ ଜରିଆରେ ବଦଳି ପୁରସ୍କାର ମିଳିଲା କି ? ତେବେ ଯୋଗାଣ ଅଧିକାରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ପାରିବାରିକ ସମସ୍ୟାକୁ ଲକ୍ଷ୍ୟ ରଖି ବଦଳି ନିର୍ଦ୍ଦେଶକୁ ପୁନଃ ବିଚାର କରିବାକୁ ବାଲିଆପାଳ ଅଂଚଳର ବହୁ ବୁଦ୍ଧିଜୀବି, ସାମାଜିକ କର୍ମୀ, ଭିନ୍ନକ୍ଷମ ଓ ଅସହାୟ ରାସନ ହିତାଧିକାରୀ ପ୍ରଶାସନକୁ ଗଣମାଧ୍ୟମ ଜରିଆରେ ଗୁହାରି କରିଛନ୍ତି ।

ବିଧାନସଭାର ଶୀତ କାଳୀନ ଅଧିବେଶନରେ ଆଂଚଳିକ ପ୍ରସଙ୍ଗ ଉଠାଇବାରେ ବସ୍ତା ବିଧାୟିକା ସୁବାସିନୀ ଜେନା ବେଶ୍ ପ୍ରଭାବଶାଳୀ

ବାଲିଆପାଳ, ୧୦/୧୨ (ଆ.ପ୍ର) : ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନରେ ଆଂଚଳିକ ପ୍ରସଙ୍ଗ ଉଠାଇବାରେ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଯୋଗଦାନ ବେଶ ପ୍ରଭାବଶାଳୀ ହୋଇଥିବା ଜଣାପଡିଛି । ନଭେମ୍ବର ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ୧୮ ଟି କାର୍ଯ୍ୟ ଦିବସ ପୂର୍ବରୁ ବନ୍ଦ ହୋଇଯାଇଛି । ଫଳରେ ଚାଲିଥିବା ୧୧ଟି ଦିବସରେ ବିଧାୟିକା ଜେନା ୮୫ଟି ପ୍ରଶ୍ନ ବୃନ୍ଦରେ ଉପସ୍ଥାପିତ କରିଥିଲେ । ସେଥିମଧ୍ୟରୁ ଆନ୍ତରାଜ୍ୟ ଗମନାଗମନର ସୁବିଧା ପାଇଁ ବାଲିଆପାଳ ବ୍ଲକ କାମଦ୍ଦୁଣ୍ଡାର ପତେଇ ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା ପୋଲ ନିର୍ମାଣ, ସୁବର୍ଣ୍ଣରେଖା ନଦୀ କୂଳରେ ଥିବା ଅଷ୍ଟି ପଂଚାୟତର ବଡାପାଳ ଡଡସାହି, ବଡଖାନପୁର, ବିଷ୍ଣୁପୁର ପଂଚାୟତର ଇକଡପାଳ, ଉସଲପୁର, ବିଷ୍ଣୁପୁର, ଚଉମୁଖ ପଂଚାୟତର ଜଙ୍ଗଡାପାଳ, ନିଖିରା ପଂଚାୟତର ପାଳବେଗୁନିଆ, ଚଡପାଳପଡା ଓ କୁମ୍ଭାରୀ ଗ୍ରାମପଂଚାୟତର ନୂଆସାହି, ଝଲଝଲିଆ ଗ୍ରାମରେ ଥିବା ଦୁର୍ବଳ ନଦୀବନ୍ଧର ପଥର ପ୍ୟାଚିଂ ଓ ସୁଦୃଢୀକରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ, ରାଜ୍ୟ ସରକାରଙ୍କର ଫ୍ଲାଗସିପ କାର୍ଯ୍ୟକ୍ରମ ମଧ୍ୟରୁ କେଉଁ ଯୋଜନାରେ ବ୍ୟୟ କମ ଓ ଖର୍ଚ୍ଚ ବଢାଇବା ପାଇଁ ପଦକ୍ଷେପ ପ୍ରମୁଖ ପ୍ରସଙ୍ଗ ଉଠାଇଥିଲେ । ତେବେ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଡ୍ରପ ଆଉଟ ହାର ପ୍ରସଙ୍ଗ ବିଧାୟିକା ସୁବାସିନୀ ଜେନାଙ୍କର ମୂଳ ପ୍ରଶ୍ନ ଥିବା ବେଳେ ଗୃହରେ ଅନ୍ୟ ସଦସ୍ୟ ମାନେ ଏଥିରେ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ । ଏହି ପ୍ରସଙ୍ଗ ସେହିଦିନ ରାଜ୍ୟର ଏକ ପ୍ରମୁଖ ପ୍ରସଙ୍ଗ ପାଲଟି ଯାଇଥିଲା । ସେହିଭଳି ନଭେମ୍ବର ୧୭ ତାରିଖ ଦିନ ବାଲିଆପାଳ ବ୍ଲକର ବିଷ୍ଣୁପୁର ପଂଚାୟତର ୧୦ ମାସର ଶିଶୁକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଆଣ୍ଡ ହସପିଟଲ ନିଆଯିବା ବାଟରେ ଅକ୍ସିଜେନ ଅଭାବରୁ ମୃତ୍ୟୁ ପ୍ରସଙ୍ଗକୁ ବିଧାୟିକା ଜେନା ବିଧାନସଭାର ଶୂନ୍ୟକାଳରେ ଉଠାଇ ଗଭୀର ଉଦବେଗ ପ୍ରକାଶ କରିଥିଲେ । ସେହିଭଳି ରାଜ୍ୟର ପ୍ରାଥମିକ ଶିକ୍ଷକ ମାନଙ୍କର ଦୁଇଟି ଦାବି ଓ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ମାନଙ୍କୁ ସରକାରୀ ଶିକ୍ଷକ ଭାବେ ମାନ୍ୟତା ପ୍ରଦାନ ସହିତ ବିଭିନ୍ନ ଦାବି ପ୍ରସଙ୍ଗ ବିଧାୟିକା ଜେନା ମଙ୍ଗଳବାର ଦିନ ଶୂନ୍ୟକାଳରେ ଉତ୍ଥାପନ କରିଥିଲେ । ବିଧାନସଭାରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟରେ ନାରୀ ନିର୍ଯ୍ୟାତନା ଉପରେ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଅଂଶଗ୍ରହଣ କରି ଭଦ୍ରକ ଅରଣ୍ଡି ଗ୍ରାମରେ ଜନୈକା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ କନ୍ୟା ଉପରେ ଅତ୍ୟାଚାର ପ୍ରସଙ୍ଗ ଉଠାଇ ମହିଳା ସୁରକ୍ଷା ପାଇଁ ଦାବୀ କରିଥିଲେ । ତେବେ ୨୦୨୫-୨୬ ରାଜ୍ୟ ଅତିରିକ୍ତ ବଜେଟରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବୀ ଉପରେ ଆଲୋଚନା ରାଜ୍ୟ ସାରା ଚର୍ଚ୍ଚାର ବିଷୟ ହୋଇଥିଲା । ପାଣିକୁ ନେଇ ଆଗାମୀ ଦିନରେ କିଭଳି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ସେ ପ୍ରସଙ୍ଗରେ ଗୃହକୁ ଅବଗତ କରାଇଥିଲେ । ତେବେ ସମଗ୍ର ରାଜ୍ୟ ପରିପ୍ରେକ୍ଷୀରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମଧ୍ୟ ସେ ନିଜ ଅଂଚଳରେ କାର୍ଯ୍ୟକ୍ଷମ ହୋଇପାରୁନଥିବା ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରସଙ୍ଗ ଉଠାଇଥିଲେ । ୨୦୨୧ ମସିହାରେ ବାଲିଆପାଳ ବ୍ଲକର ୨୧ ଟି ପଂଚାୟତର ୧୪୪ଟି ଗ୍ରାମକୁ ନେଇ ମେଗା ପାନୀୟ ଜଳ ପ୍ରକଳ୍ପ ୨୦୨୩ ଡିସେମ୍ବର ୮ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ ହେବା କଥା, କିନ୍ତୁ ତାହା ଏ ପର୍ଯ୍ୟନ୍ତ ସମାପ୍ତ କାହିଁକି ହୋଇ ପାରୁନି ବୋଲି ସେ ପ୍ରଶ୍ନ କରି ଗଭୀର ଉଦବେଗ ପ୍ରକାଶ କରିଥିଲେ । ତେବେ ବିଧାନସଭାର ଏହି ଶୀତକାଳୀନ ଅଧିବେଶନକୁ ୧୧ଟି କାର୍ଯ୍ୟଦିବସ ମଧ୍ୟରେ ସୀମିତ କରାଯାଇଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ପାରିଲେନି ବୋଲି ବିଧାୟିକା ଜେନା ପ୍ରକାଶ କରିଛନ୍ତି । ବସ୍ତା ଓ ବାଲିଆପାଳ ଅଂଚଳର ପ୍ରସଙ୍ଗ ଭିତିକ ଅତିରିକ୍ତ ୧୪୪ ଟି ପ୍ରଶ୍ନ ବିଧାନସଭା ପକ୍ଷରୁ ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ଉତଥାପନ ହୋଇପାରିଲା ନାହିଁ ବୋଲି ସେ କହିଛନ୍ତି ।

ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ

ଭୋଗରାଇ, ୧୦/୧୨ (ଆ.ପ୍ର) : ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଏବଂ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି । ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ସ୍କାଉଟ୍ସ ଓ ଗାଇଡ୍ସର ପତାକା ଉତୋଳନ କରି ଶୁଭାରମ୍ଭ କରିଥିଲେ । ପରେ ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ନେଇ ଏକ ବିରାଟ ସଚେତନତା ରାଲି ମାନବିକ ଅଧିକାର ସମ୍ପର୍କୀୟ ବିଭିନ୍ନ ସ୍ଲୋଗାନ ଦେଇ ଥାନାଛକ ଅଂଚଳରେ ପରିକ୍ରମା କରିଥିଲେ । ଏହି ସଚେତନତା ରାଲି ମହାବିଦ୍ୟାଳୟର ରୋଭର ସ୍କାଉଟ ଲିଡର ଡ. ଧୀରେନ୍ଦ୍ର କୁମାର ଜେନା, ରେଞ୍ଜର ଲିଡର ପ୍ରୀତିରାଣୀ ସେଠୀ, ରାଜନୀତି ବିଜ୍ଞାନ ବିଭାଗର ସୁଶୀଳା ମିଶ୍ର, ଇଂରାଜୀ ବିଭାଗ ଅଧ୍ୟାପକ ସୁକୁମାର ମହାନ୍ତି ଓ ରାଧାକାନ୍ତ କର ପ୍ରମୁଖ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ପରେ ମହାବିଦ୍ୟାଳୟର ଓଡ଼ିଟୋରିୟମରେ 'ଯୁବକ ମାନଙ୍କର ମାନବ ଅଧିକାର ଓ କର୍ତ୍ତବ୍ୟ : ଭାରତୀୟ ସମ୍ବିଧାନକୁ ସଂଯୋଗ କରି ଏକ ସମାଲୋଚନାତ୍ମକ ବିଶ୍ଳେଷଣ' ବିଷୟବସ୍ତୁ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ସଭାପତିତ୍ୱ କରିଥିବାବେଳେ ବିଶିଷ୍ଟ ସ୍ତମ୍ଭକାର, ଶିକ୍ଷାବିତ୍ ତଥା ସମାଜସେବୀ ସତ୍ୟବ୍ରତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ 'ସମ୍ବିଧାନ ପାଠଶାଳ' ରୂପକ କାର୍ଯ୍ୟକ୍ରମ ମାଧ୍ୟମରେ ମାନବିକ ଅଧିକାରକୁ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବୋଧଗମ୍ୟ କରାଇଥିଲା । ଏହି ଅବସରରେ ମାନବ ଅଧିକାର ସମ୍ପର୍କରେ ହୋଇଥିବା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ମୁଖ୍ୟ ଶୈବାଳ କାନ୍ତି ପ୍ରଧାନ, ଡ. ଧୀରେନ୍ଦ୍ର କୁମାର ଜେନା, ପ୍ରୀତିରାଣୀ ସେଠୀ, ସୁଶୀଳା ମିଶ୍ର ପ୍ରମୁଖ ଯୋଗ ଦେଇ ନିଜ ନିଜ ମତ ରଖିଥିଲେ । ଛାତ୍ର ଦେବାଶିଷ ରଣା ଧନ୍ୟବାଦ ଦେଇଥିଲାବେଳେ ରୋଭର ନିମାଇଁ ପ୍ରଧାନ ଓ ଅନ୍ୟ ଛାତ୍ର ଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ

ନୀଳଗିରି, ୧୦/୧୨ (ଆ.ପ୍ର) : ଆଗାମୀ ୨୦୪୭ସୁଦ୍ଧା ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତଗଠନ ସହିତ ଦେଶକୁ ଏକ ମଜଭୁତ ସ୍ଥିତିରେ ପହଂଚାଇବାର ସ୍ୱପ୍ନ ଦେଖିଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଶିକ୍ଷାକ୍ଷେତ୍ରରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ସମ୍ଭାବନାର ଆଶାପୋଷଣ କରିଛନ୍ତି । ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏଥିପାଇଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି । ବିଶେଷକରି, ତୃଣମୂଳସ୍ତରରୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଆଧାରକରି ଏକ ଆତ୍ମନିର୍ଭର ଭାରତ ଗଠନର ଲକ୍ଷ୍ୟ ନେଇ,ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମଙ୍ଗଳବାର ନୀଳଗିରି ବ୍ଲକ, ଗରଡିହି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଓ ପ୍ରଦର୍ଶନୀରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ବୈଷୟିକ ଶିକ୍ଷା ଓ ଗଣିତ (ଏସଟିଇଏମ୍)ର ଏକ ଥିମ ପରିକଳ୍ପନା କରାଯାଇଛି । ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନମନସ୍କ ଏବଂ ଏହି କୁନିବୈଜ୍ଞାନିକ ମାନଙ୍କୁ ନେଇ ଓଡ଼ିଶା ଏବଂ ଭାରତବର୍ଷରେ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଆତ୍ମନିର୍ଭର ଭାରତ ଗଠନକରିବାର ଉଦ୍ଦେଶ୍ୟ ବୋଲି ଉପସ୍ଥିତ ମଂଚାସୀନ ବକ୍ତାମାନେ ଅଭିଭାଷଣ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ସଭାପତିତ୍ୱ କରିଥିଲାବେଳେ, ମୁଖ୍ୟଅତିଥି ଭାବେ ନୀଳଗିରି ପଂଚାୟତସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଆସନରେ ବାଲିଗୋହିରୀ ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଂଚ ଶିବାଜୀ ସିଂ, ଗରଡିହି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ପଂଚସଖା ଶିକ୍ଷାସେତୁର ସଭାପତି ସନ୍ତୋଷ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀକାନ୍ତ ମହାପାତ୍ର, ବି ଆର ସି ସି ମିହିର କୁମାର ଦାସ,ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲମ୍ବୋଦର ସିଂ ପ୍ରମୁଖ ମଂଚାସୀନ ରହି ବିଜ୍ଞାନଭିତ୍ତିକ ସାରଗର୍ଭକ ଅଭିଭାଷଣ ରଖିଥିଲେ । ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଶାନ୍ତ କୁମାର ବିଶ୍ୱାଳ ବାର୍ଷିକବିବରଣୀ ପାଠକରିଥିବା ବେଳେ, ସି ଆର ସି ସି ସାବିତ୍ରୀ ସିଂ ଧନ୍ୟ ବାଦ ଅର୍ପଣ କରିଥିଲେ । ଏହି ପ୍ରଦର୍ଶନୀରେ ପ୍ରାଥମିକ ସ୍ତରରୁ ୨୧ଟି ଓ ମାଧ୍ୟମିକ ସ୍ତରରୁ ୮୭ଟି ମୋଟ ୧୦୮ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । କେ.ସି ହାଇସ୍କୁଲର ଛାତ୍ର ଦିବ୍ୟଜ୍ୟୋତି ମିଶ୍ର,ତରତରି ବାଳିକା ବିଦ୍ୟାନିକେତନର ଛାତ୍ରୀ ପ୍ରଜ୍ଞାପାରମିତା ବେହେରା, ତେଲିପାଳ ଆଶ୍ରମର ଛାତ୍ରୀ ପଦ୍ମିନୀ ସିଂ, କାଂଶ ହାଇସ୍କୁଲର ଛାତ୍ର ଜଗଦୀଶ ନାୟକ, ବିଷ୍ଣୁପ୍ରିୟା ହାଇସ୍କୁଲର ଛତ୍ର ହିମାଂଶୁ ରାଉଳ, ତେଲିପାଳ ଉଚ୍ଚବିଦ୍ୟାଳୟର ଛାତ୍ର ରାଜ ସେନାପତି,ଅଯୋଧ୍ୟା ମାରିଚି ବାଳିକା ବିଦ୍ୟାଳୟର ଛାତ୍ରୀ ରାମାରାଣୀ ବେହେରା କୃତିତ୍ୱର ସହ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି । ଶିକ୍ଷକ ଉମେଶ କୁମାର ସେଣ ମଂଚପରିଚାଳନା କରିଥିବା ବେଳେ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ / ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା ।

ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲିଆପାଳ, ୧୦/୧୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୂନାରୁଇ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନରସିଂହ ପଣ୍ଡାଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି, ଶ୍ରୀ ପଣ୍ଡା ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡୀତ ହୋଇ କଟକ ଏସସିବି ମେଡିକାଲ ରେ ଚିକିତ୍ସା ହେଉଥିବା ବେଳେ ଆଜି ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ସୁନାରୁଇ ଉପ୍ରା ବିଦ୍ୟାଳୟ ରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରି ଅବସର ଗ୍ରହଣ କରି ଥିବା ବେଳେ ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ସୁନାରୁଇ ସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି, ମରଶରୀର ନିକଟରେ ପୁତ୍ର ହରିହର ପଣ୍ଡା, ପୁତ୍ରବଧୂ ମନୋରମା ପଣ୍ଡା ଏବଂ ଦୁଇ ନାତି ଉପସ୍ଥିତ ଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ହରିହର ପଣ୍ଡା ମୁଖାଗ୍ନି ଦେଇଛନ୍ତି, ସଂଧ୍ୟାରେ ଗାଂଆ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

ସିପିଆଇ ପକ୍ଷରୁ ଡ. ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ବାଲେଶ୍ୱର, ୧୦/୧୨ (ଆ.ପ୍ର) : ସିପିଆଇ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ବି.ଆର. ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ 'ଆମେ କେତେଜଣ' ସଂଗଠନର ସଭାପତି ସାଥୀ ଯତୀନ ପାତ୍ରଙ୍କ ବାସଗୃହ 'ଶଙ୍କର ଭବନ' ଠାରେ ଗତ ତା ୬ ତାରିଖ ଅପରାହ୍ନ ୪ଟାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ସିପିଆଇ ର ବହୁ କର୍ମକର୍ତ୍ତା ଯୋଗ ଦେଇ ବାବା ସାହେବଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ନିଜନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ରୂପେ ସିପିଆଇର ବାଲେଶ୍ୱର ଜିଲ୍ଲା ସଂପାଦକ ବିଶିଷ୍ଟ କମ୍ୟୁନିଷ୍ଟ ଚିତ୍ତନାୟକ ସାଥୀ ଭାଗବତ ପ୍ରତିହାରୀ ନିଜ ବକ୍ତବ୍ୟରେ କହିଥିଲେ ଡ. ଆମ୍ବେଦକରଙ୍କ ଲଢ଼େଇ ଦଳିତ, ନିଷ୍ପେସିତ, ଅବହେଳିତ, ନିର୍ଯ୍ୟାତୀତ, ଅପମାନିତ ଓ ଖଟିଖିଆ ମେହେନତୀ ଜନଗଣଙ୍କ ଉନ୍ନତି ପାଇଁ ଥିଲା । ସମଗ୍ର ଦେଶରେ କିପରି ସାମାଜିକ ନ୍ୟାୟ ପ୍ରତିଷ୍ଠା ହେବ ସେଥିପାଇଁ ସମ୍ବିଧାନରେ ଆଇନ କରିଦେଇଯାଇଛନ୍ତି । ଦୈନିକ କାର୍ଯ୍ୟଦିବସ ୮ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିଥିବା ବର୍ତ୍ତମାନର ସରକାରକୁ ସେ ଦୃଢ଼ ବିରୋଧ କରିଥିଲେ । ଉତ୍କଳ ମହିଳା ସମିତିର ବାଲେଶ୍ୱର ଜିଲ୍ଲା ସଭାନେତ୍ରୀ ସାଥୀ ବନ୍ଦନା ବିଶ୍ୱାସ ନିଜ ବକ୍ତବ୍ୟରେ କହିଥିଲେ ଡ. ଆମ୍ବେଦକର ହିନ୍ଦୁ କୋଡ଼ ବିଲ୍ ମାଧ୍ୟମରେ ଭାରତୀୟ ମହିଳାମାନଙ୍କୁ ନ୍ୟାୟ ଦେଇଯାଇଛନ୍ତି । ସେ ଆମପାଇଁ ଚିରନମସ୍ୟ । ଉକ୍ତ ସଭାକୁ ସଫଳ କରିଥିବା ବ୍ୟକ୍ତିମାନେ ହେଲେ ସାଥୀ ଯତୀନ୍ ପାତ୍ର, ମକର ମାଝୀ, ମାନସ କୁମାର ବିହାରୀ, ଅନ୍ତର୍ଯାମୀ ଭାଇ, କୌଶଲ୍ୟା ପାତ୍ର, ରବୀନ୍ଦ୍ର ତରେଇ, କୁନୁ ବେହେରା, କୃଷ୍ଣା ବିହାରୀ, ମାନସୀ ନାୟକ, ସୁଲୋଚନା ପାତ୍ର, ରମେଶ ବେହେରା, ଶେଖ୍ ଗୁଲାମ୍ ଜାବିଦ୍, ଟିକିନ ଦଣ୍ଡ, ବନମାଳୀ ମାଝୀ, ଶିବଶଙ୍କର ବାଡକ, ଆଲୋକ ଦାସ, ଗୋବିନ୍ଦ ମାଝୀ, ସଞ୍ଜୁଲତା ଖଟୁଆ ଓ ଜୟନ୍ତ ମଣ୍ଡଳ । ସଭାଶେଷରେ ନେତ୍ରୀ ଜୟନ୍ତୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମାନବାଧିକାର ଦିବସ ପାଳିତ

ପ୍ରେରଣାଦାୟୀ ଅଧିବେଶନ ଓ ସାଂସ୍କୃତିକ ଅଭିବ୍ୟକ୍ତିର ନିଦର୍ଶନ

ନୀଳଗିରି, ୧୦/୧୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଉଦ୍ୟମରେ ମାନବାଧିକାର ଦିବସ ପାଳିତ କରାଯାଇଅଛି । କାର୍ଯ୍ୟକ୍ରମର ଆରମ୍ଭରେ ସମାଜ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ପ୍ରଫେସର ପବିତ୍ରମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିଥି ସ୍ୱାଗତ ଅଭିଭାଷଣ ରଖିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନିଜ ଅଭିଭାଷଣରେ କହିଥିଲେ ଯେ, ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହେଉଛି ସୁସ୍ଥ ମାନବାଧିକାର ଅଭ୍ୟାସର ଭିତିସ୍ତମ୍ଭ । ସମତାମୂଳକ ଚିନ୍ତାଧାରା ଥିବା ସମାଜ ମାନବାଧିକାରକୁ ସ୍ଥାପିତ କରିବା ଓ ସୁରକ୍ଷା କରିବାର ପ୍ରକୃତ ପ୍ରେରଣାଶକ୍ତି । ସେ ଛାତ୍ରଛାତ୍ରୀଙ୍କୁ ମାନବାଧିକାରର ସଚେତନ, ଦାୟିତ୍ୱଶୀଳ ଓ ସାମୂହିକ ପ୍ରତିନିଧି ଭାବେ ଗଢ଼ିଉଠିବାର ପ୍ରେରଣା ଦେଇଥିଲେ । ମୁଖ୍ୟ ଅତିଥି ଜଗଦାନନ୍ଦ, (ମେଂଟର ଓ ସହ-ସ୍ଥାପକ, ସିଏ୍ୱାଇଏସଡି ପୂର୍ବତନ ସଦସ୍ୟ, ସ୍ଥାୟୀ ସମିତି (ସିଏସ.ଓ), ନୀତି ଆୟୋଗ; ଓ ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ, ଓଡ଼ିଶା) ନିଜର ଅତ୍ୟନ୍ତ ପ୍ରଭାବଶାଳୀ ଅଭିଭାଷଣରେ ଫକୀରମୋହନ ସେନାପତିଙ୍କ ସାହିତ୍ୟରେ ଉଲ୍ଲେଖ ମାନବାଧିକାର ଉଲ୍ଲଂଘନର ବିରୋଧରେ ଚାଲିଥିବା ଐତିହାସିକ ସଂଘର୍ଷକୁ ସଂଯୋଗ କରିଥିଲେ । ସେ କହିଥିଲେ ଯେ ସାହିତ୍ୟ ସଦା ସମାଜ ସୁଧାର ଓ ନ୍ୟାୟର ସ୍ୱର ହୋଇ ଆସିଛି । ସେ ସାହାନୁଭୂତିମୂଳକ ଶାସନକୁ ଆଲୋକପାତ କରି ଯୁବପୀଢିର ଭୂମିକା ଓ ଭାରତୀୟ ସମ୍ବିଧାନ ପଠନର ଆବଶ୍ୟକତାକୁ ଜୋରଦେଇଥିଲେ । ମୁଖ୍ୟବକ୍ତା ପ୍ରଭୁ ପ୍ରସନ୍ନ ବେହେରା, (ଜ୍ୟେଷ୍ଠ ଅଧିବକ୍ତା, ଓଡିଶା ହାଇ କୋର୍ଟ, କଟକ) ଯୋଗଦେଇ, ମାନବାଧିକାରକୁ ଏକାଧିକ ମାନଦଣ୍ଡରୁ ଅବଗତ କରାଇ ବିବିଧ ଚର୍ଚ୍ଚା କରିଥିଲେ । ସେ ସଭ୍ୟତାର ଅବଧିରେ ମାନବାଧିକାରର ଉତ୍ଥାପନ ଓ ଭାରତୀୟ ଜ୍ଞାନ ପରମ୍ପରାରେ ମାନବ ମର୍ଯ୍ୟାଦା ଓ ନୈତିକ ଜୀବନର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, ନିଜ ଅଧିକାର ବା ପରଙ୍କ ଅଧିକାର ହେଉ, ଦୁହିଁକୁ ସୁରକ୍ଷିତ କରିବା ପାଇଁ ପ୍ରତ୍ୟେକ ନାଗରିକର ସକ୍ରିୟ ଭୂମିକା ଆବଶ୍ୟକ । କାର୍ଯ୍ୟକ୍ରମର ଶେଷ ଅଂଶରେ ସମାଜ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ "ଲାଇଟ୍ସ ଅଫ୍ ହ୍ୟୁମାନିଟି" ନାମକ ଏକ ସଚେତନତାମୂଳକ ନାଟକ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମର ସଂଚାଳକ ଭାବେ ସହାୟକ ଅଧ୍ୟାପକ ଶଶାଙ୍କ ସେଖର ଗଡନାୟକ ଦାୟିତ୍ୱ ନିର୍ବାହ କରିଥିଲେ ଓ ଶେଷରେ ସହାୟକ ଅଧ୍ୟାପିକା ପ୍ରିୟମ୍ବଦା ପଲେଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

ନୀଳଗିରିକୁ ପଶିଲେ ଝାଡଖଣ୍ଡି ହାତୀପଲ

ନୀଳଗିରି, ୧୦/୧୨ (ଆ.ପ୍ର) : ଚିରାଚରିତ ଢଙ୍ଗରେ ବାଲେଶ୍ୱର ଜିଲ୍ଲା ନୀଳଗିରିକୁ ପ୍ରବେଶ କରିଛନ୍ତି ୨୭ ଟିକିଆ ଝାଡଖଣ୍ଡି ହାତୀପଲ । ଝାଡଖଣ୍ଡ ଦଲମା ଅଭୟାରଣ୍ୟରୁ ଗତ ୨୦୧୦ ମସିହାରୁ ନଭେମ୍ବର ଶେଷସପ୍ତାହ କିମ୍ବା ଡିସେମ୍ବର ପ୍ରଥମ ସପ୍ତାହରେ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀପଲ ଆସୁଛନ୍ତି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡ ଦଲମାଜଙ୍ଗଲରୁ ଏହି ହାତୀ ଦଳ ଆସି ଓଡିଶା ସୀମାପାରିହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବାବେଳେ, ମଙ୍ଗଳବାର ବିଳମ୍ବିତ ରାତିରେ ୨୭ଟିକିଆ ହାତୀପଲ ନୀଳଗିରି ରେଞ୍ଜ ଅଧୀନ ଦୁର୍ଗାଦେବୀ, ପୁଦାଳ, କାଠପାଳ, ପାଟଣା ଅଯୋଧ୍ୟା ରାସ୍ତାପାରହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି । ଆସୁଥିବା ରାସ୍ତାରେ ହାତୀପଲ ବ୍ୟାପକ ଧାନଫସଲ ନଷ୍ଟ କରିଛନ୍ତି । ଏହି ହାତୀପଲ ମଧ୍ୟରେ ୩ଟି ଦନ୍ତାହାତୀ ଥିବାବେଳେ ୧୦ଟି ଛୁଆହାତୀ ଓ ୧୪ଟି ମାଈହାତୀ ଥିବାର ସୂଚନା ମିଳିଛି । ତେବେ ଆଜି ସକାଳ ୧୦ଘଟିକା ସୁଦ୍ଧା ହାତୀପଲ ଦୁଇରୁ ତିନି ଭାଗରେ ବିଭକ୍ତ ହୋଇଯାଇଥିବା ବେଳେ ହାତୀପଲ ତିନିକୋଶିଆ ସଂରକ୍ଷିତ ଜଙ୍ଗଲମୁହାଁ ହେଉଥିବା ଜଣାପଡିଛି । ହାତୀପଲ ଆସୁଥିବାର ଖବରପାଇ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ବାସକରିଥିବା ଗ୍ରାମବାସୀ ଭୟ ଓ ଆଶଙ୍କାରେ ରେ ରହିଛନ୍ତି । ଜଙ୍ଗଲ ଚାରିପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡ ଗୁଡିକ ଧ୍ୱଂସବିଧ୍ୱସ୍ତ ହୋଇଯାଇଥିବାବେଳେ ମରାମତି ପାଇଁ ଗ୍ରାମବାସୀମାନେ ଦାବୀ କରିଛନ୍ତି । ବନବିଭାଗ ହାତୀର ଗତିବିଧି ନୀରିକ୍ଷଣ ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ଜଗିରହିଥିବା ସୂଚନା ମିଳିଛି ।

ତରତରି ବାଳିକା ନିକେତନର ବାର୍ଷିକ ଶିଶୁଉତ୍ସବ -୨୦୨୫ଅନୁଷ୍ଠିତ

ନୀଳଗିରି, ୧୦/୧୨ (ଆ.ପ୍ର) : ନୀଳଗିରି ବ୍ଲକ୍ ତରତରୀ ବାଳିକା ବିଦ୍ୟାନିକେତନର ବାର୍ଷିକ ଶିଶୁଉତ୍ସବ ୨୦୨୫ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଅପରାହ୍ନ ୨ଘଟିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ମଂଚଆହ୍ୱାନ କରାଯାଇ ଛାତ୍ରୀମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ସ୍ୱାଗତ କରାଯାଇଥିଲା ।ଓଷ୍ଟା ନୀଳଗିରି ବ୍ଲକ୍ ସଭାପତି ଭାସ୍କର ଚନ୍ଦ୍ର ଜେନା ମୁଖ୍ୟଅତିଥି, ବାଲେଶ୍ୱର ଜିଲ୍ଲା ଓଷ୍ଟା ଯୁଗ୍ମସମ୍ପାଦକ ତଥା ତେଲିପାଳ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ଉପସ୍ଥିତରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଉତ୍ସବର ଶୁଭଉଦ୍ଘାଟନ ହୋଇଥିଲା । ପରେ ଆୟୋଜିତ ଶିଶୁଉତ୍ସବରେ କୋମଳମତି ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶର ପରିଭାଷା ବୁଝାଇବା ସହିତ ପିତାମାତାଙ୍କର ଭୂମିକା ସମ୍ପର୍କରେ ଉପସ୍ଥିତ ବକ୍ତାମାନେ ଶିକ୍ଷଣୀୟ ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତଅତିଥି ଭାବେ ନୀଳଗିରି ବ୍ଲକ୍ ଓଷ୍ଟାସମ୍ପାଦକ ସୁରେନ୍ଦ୍ର ପାତ୍ର, ଅମୃତଦୁନିଆର ବରିଷ୍ଠ ସାମ୍ବାଦିକ ରତିକାନ୍ତ ପରିଡା ମଂଚାସିନରହି ନିଜର ବହୁମୂଲ୍ୟ ଅଭିଭାଷଣ ରଖିଥିଲେ । ବିଦ୍ୟାନିକେତନର ବିଜ୍ଞାନଶିକ୍ଷୟତ୍ରୀ ଇତିଶ୍ରୀ ଦାସ ବାର୍ଷିକବିବରଣୀ ପାଠ କରିଥିବାବେଳେ ସହକାରୀଶିକ୍ଷକ ମନୋଜ କୁମାର ସିଂ ମଂଚପରିଚାଳନା ସହ ଅତିଥିପରିଚୟ ପ୍ରଦାନ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି କୁନିକୁନି ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଆସନ୍ତା ୧୨ତାରିଖ ଶୁକ୍ରବାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବିଦ୍ୟାଳୟର କର୍ତୃପକ୍ଷ ସୂଚନା ଦେଇଛନ୍ତି ।

ସେଇଠୁ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୧ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ମାନସିକତା

ସମସ୍ୟା ଜର୍ଜରିତ ସାମାଜିକ ଜୀବନରେ ସନ୍ତାନକାମୀ ପିତାମାତା ଆଜି କନ୍ୟା ସନ୍ତାନ ପରିବର୍ତ୍ତେ ପୁତ୍ର ସନ୍ତାନ ଜନ୍ମ ଦେବାକୁ ପସନ୍ଦ କରୁଛନ୍ତି । କାରଣ ଆଜି ଆଉ ବିଧାତାର କନ୍ୟା ସୃଷ୍ଟି ଏକ ବରଦାନ ନୁହେଁ, ତାହା ଅଭିସମ୍ପାତ ରୂପେ ବିବେଚିତ । କନ୍ୟାଟିର ପରିଣୟ ପର୍ବ ସହିତ ଯୌତୁକର ସମ୍ପର୍କ ଯେଉଁଭଳି ଭାବରେ ଘନୀଭୂତ ହୋଇଉଠିଛି ତାହା ଦ୍ୱାରା ସମାଜ ଏକ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇଛି । ଯୌତୁକ ପ୍ରଥା ଭାରତୀୟ ସାମାଜିକ ଜୀବନରେ ଏକ ପରମ୍ପରା ହେଲେ ମଧ୍ୟ ପ୍ରାଚୀନ କାଳରେ ତାହା କନ୍ୟାକର୍ତ୍ତା ଉପରେ ଦୁର୍ବହ ଭାର ହୋଇ ତା'ର ମେରୁ ଭଗ୍ନ କରୁ ନଥିଲା । ସ୍ୱାମୀ ଗୃହାଭିମୁଖିନୀ ନବବିବାହିତା କନ୍ୟା ନିଜ ସଙ୍ଗରେ ଯେଉଁ ସାମାନ୍ୟ ଉପଢୌକନ ଘେନି ଯାଉଥିଲା, ସେଥିରେ ଜଡ଼ିତ ହୋଇ ରହିଥିଲା ପିତୃ ମାତୃ ଗୁରୁଜନମାନଙ୍କର ଅସରନ୍ତି ଅପାର୍ଥିବ ସନ୍ତାନ ବାତ୍ସଲ୍ୟର ନିଦର୍ଶନ । ସେତେବେଳେ ପ୍ରାଚୀନ ରାଜ ପରିବାରରେ ଦାସଦାସୀଙ୍କୁ ମଧ୍ୟ ଯୌତୁକ ସୂତ୍ରରେ ଦାନ କରାଯାଉଥିଲା । ପୁନଶ୍ଚ ପୈତୃକ ସମ୍ପତ୍ତିରେ କନ୍ୟାର ସ୍ୱତ୍ୱ ସାବ୍ୟସ୍ତ କରାଯାଇ ନଥିବାରୁ ପିତୃ ପରିବାର ପରିତ୍ୟାଗ କରିବା ସମୟରେ କନ୍ୟା ନିଜ ସହିତ କିଛି ଧନର ବସ୍ତ୍ର ଅଳଙ୍କାର ଆଦି ଘେନି ଯାଉଥିଲା । ମାତ୍ର ସେଦିନର ସେହି ସ୍ୱେଚ୍ଛାକୃତ, ସ୍ନେହସିକ୍ତ, ଅମୂଲ୍ୟ ବାତ୍ସଲ୍ୟ ପ୍ରୀତିର ନିଦର୍ଶନ ରୂପେ ବିବେଚିତ ସ୍ନେହୋପହାର ଆଧୁନିକ ଯୁଗରେ ମାନ, ମତାନ୍ତର, ଅପ୍ରୀତି ପରିବର୍ତ୍ତକ ଏକ ଦାବି ଓ ଅଧିକାରରେ ପର୍ଯ୍ୟବସିତ ହୋଇଛି । ଆଜି ଯୌତୁକ ଆକାରରେ ଟି.ଭି. ଫ୍ରିଜ୍, କାର୍, ମଟର ସାଇକେଲ, ନଗଦ ଅର୍ଥ, ସ୍ୱର୍ଣ୍ଣ ଅଳଙ୍କାର ଓ ମୂଲ୍ୟବାନ ଆସବାବ ଦେବାକୁ ପଡୁଛି । ଯେଉଁଥିପାଇଁ ବିବାହ ସମାପନ କରିବା ପର୍ଯ୍ୟନ୍ତ ଜଣେ କନ୍ୟାପିତାଙ୍କୁ ଅତିକମ୍‌ରେ ୫ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡୁଛି । ଏପରିକି ବିବାହର ସମସ୍ତ ପୂଜାବିଧି ସାରିଲା ବେଳକୁ ପାଖାପାଖି ୧୦ ଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡୁଛି । ଏଥିପାଇଁ କନ୍ୟାପିତାଙ୍କୁ ବ୍ୟାଙ୍କରୁ ଋଣ ଓ ବିଭିନ୍ନ ସ୍ଥାନରୁ କରଜ କରିବାକୁ ପଡୁଛି । ମଧ୍ୟବିତ୍ତ ପରିବାର ମଧ୍ୟ କରଜ କରି କନ୍ୟାଦାନ କରୁଛନ୍ତି । କାରଣ ଆଜିର ସମୟରେ ବିବାହକୁ ଧୁମ୍‌ଧାମ୍‌ରେ ପାଳନ କରିବା ଏକପ୍ରକାର ସଉକ ପାଲଟିଗଲାଣି । ସେଥିରେ ଊଣା ହେଲେ ପିତୃଗୃହରେ ନବବଧୂର ଚରମ ନିର୍ଯାତନା ସହିତ ଜୀବନ ବିପନ୍ନ ହୋଇପଡୁଛି । ଆଧୁନିକ ସମାଜରେ ବିବାହ ଯେ ଧନ, ରତ୍ନ, ଟଙ୍କା, ସୁନା ଇତ୍ୟାଦି ଯୌତୁକର ବିନିମୟରେ ବରପାତ୍ର ବିକ୍ରୟର ଏକ ବିପଣୀ, ଏକଥା କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅର୍ଥଲାଳସା ଦାମ୍ପତ୍ୟ ଜୀବନରେ ନାନା ଅଶାନ୍ତି ସୃଷ୍ଟି କରି ମଧୁର ଜୀବନ ଧାରାରେ ଉତ୍କଟ ବିଷୟ ଯନ୍ତ୍ରଣା ସଞ୍ଚାର କରିଥାଏ । ପାତ୍ର, ଅପାତ୍ର ପ୍ରତି ଦୃଷ୍ଟି ନାହିଁ, ଯୋଗ୍ୟତାର ବିଚାର ନାହିଁ, ଚରିତ୍ର ବା ସୌନ୍ଦର୍ଯ୍ୟର ମୂଲ୍ୟାଙ୍କନ ନାହିଁ । ବହୁ ଉଚ୍ଚଶିକ୍ଷିତ ଯୁବକ ତଥା ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଏହି ଅବାଞ୍ଛିତ ମନୋବୃତ୍ତି ଆଜି ସମାଜରେ ଅଶାନ୍ତିର ବହ୍ନି ପ୍ରଜ୍ୱଳିତ କରିଛି । ଯୌତୁକ ଦାନର କ୍ଷମତା ଅଭାବରୁ କେଉଁଠି ଅବିବାହିତା କନ୍ୟା ଗୃହକୋଣରେ ନିରବରେ ଅଶ୍ରୁ ସମ୍ପାତ କରୁଛି ତ କେଉଁଠି ବୃଦ୍ଧ ପିତାମାତା ଏକମାତ୍ର କନ୍ୟାର ବିବାହ କରାଇ ନପାରି ଗଭୀର ମନୋବେଦନାରେ କାଳ ନିର୍ବାହ କରୁଛନ୍ତି । ପୁଣି କେଉଁଠି ଅବା ଦାବି ଅପୂରଣୀୟ ରହିଲେ ବିବାହ ବେଦୀରୁ ବର ବାହୁଡ଼ି ଯିବାର ନିନ୍ଦନୀୟ ବ୍ୟାପାର ସଂଘଟିତ ହେଉଛି । ଯୌତୁକ ସମସ୍ୟାର ନିରାକରଣ ନିମନ୍ତେ ସରକାର ୧୯୭୧ ମସିହାରୁ 'ଯୌତୁକ ନିରୋଧ ଆଇନ୍' ପ୍ରଣୟନ କରିଛନ୍ତି । ୧୯୮୪ ମସିହାରେ ଏହି ଆଇନ୍‌ରେ କିଛି ସଂଶୋଧନ କରି ଯୌତୁକ ଦେବା ସହିତ ଯୌତୁକ ଦେବାକୁ ମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ ରୂପେ ଗ୍ରହଣ କରାଯାଇଛି । ଯୌତୁକ ଦେଇଥିବା ବା ନେଇଥିବା ପ୍ରମାଣିତ ହେଲେ ଅପରାଧୀଙ୍କୁ ୧ ହଜାର ଟଙ୍କା ଜରିମାନା ସହିତ ଦୁଇବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଦିଆଯିବାର ବ୍ୟବସ୍ଥା ରହିଛି, କିନ୍ତୁ ଦୁଃଖର କଥା ପ୍ରକାଶ୍ୟ ଭାବରେ ଓ ଶହ ଶହ ଦର୍ଶକଙ୍କ ସମ୍ମୁଖରେ ଏହି କାରବାର ଚାଲିଥିଲେ ମଧ୍ୟ ଆଇନ କେବଳ ଏକ ନିରବଦ୍ରଷ୍ଟା ଭାବରେ ହିଁ ଦଣ୍ଡାୟମାନ ହୋଇ ରହୁଛି । ବଧୂହତ୍ୟା ଓ ଯୌତୁକ ନିର୍ଯାତନା ପାଇଁ ବହୁ ଅପରାଧୀ ଦଣ୍ଡିତ ହେଉଥିଲେ ମଧ୍ୟ ଆଇନର ତ୍ରୁଟି ଯୋଗେ ଅନେକ ସମୟରେ ଅପରାଧୀମାନେ ଖସି ଯାଉଛନ୍ତି । ଏହି ଉତ୍କଟ ସାମାଜିକ ବ୍ୟାଧିର ନିରାକରଣ ନିମନ୍ତେ ଯୌତୁକ ନିରୋଧ ଆଇନ ପ୍ରଣୀତ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ଭାବେ ଯୌତୁକ ଜନିତ ନିର୍ଯାତନା ଦୂର କରି ପାରିନାହିଁ । ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଆଧୁନିକ ଯୁବକର ନୈତିକତା ଏଥିନିମନ୍ତେ ବ୍ୟଥିତ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହାର ସମାଧାନ ଆଶା କ୍ଷୀଣ । ବିବାହ ଯେ କେବଳ ସ୍ତ୍ରୀ ପାଇଁ ଅତ୍ୟାବଶ୍ୟକ ଏବଂ ସେଥିନିମନ୍ତେ ପୁରୁଷକୁ ନାନା ସ୍ୱାର୍ଥରେ ପ୍ରଲୋଭିତ କରି ସ୍ୱୀକୃତ କରାଇବା କନ୍ୟାକର୍ତ୍ତାର କର୍ତ୍ତବ୍ୟ, ଏଭଳି ଚିନ୍ତା ପରିହାର କରିବା ଉଚିତ୍ । ସ୍ତ୍ରୀ ହେଉଛି ପୁରୁଷର ଅର୍ଦ୍ଧାଙ୍ଗିନୀ ଏବଂ ସେ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ପୁରୁଷର ସହକର୍ମିଣୀ, ସହଧର୍ମିଣୀ ଏବଂ ସମଦୁଃଖିନୀ ମଧ୍ୟ ।

ଶବ୍ଦ ପ୍ରଦୂଷଣର ବିପଦ

।। ଡାକ୍ତର ଗୁରୁପଦ ମିଶ୍ର ।।

ପରିବେଶ ପ୍ରଦୂଷଣ ପରେ ଶବ୍ଦ ପ୍ରଦୂଷଣ ଆଉ ଏକ ଗୁରୁତର ସମସ୍ୟା ଭାବେ ଆଧୁନିକ ସଭ୍ୟତାରେ ମୁଣ୍ଡ ଟେକିଛି । ଏଥିଯୋଗୁ ଆଜିର ମଣିଷ, ମୁଖ୍ୟତଃ ସହରର ମଣିଷ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇଛି । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା ମିଳୁଥିବା ଯୋଗୁ ବାକ୍ ସ୍ୱାଧୀନତା ତାର ହକ୍ ବୋଲି ସମସ୍ତେ ଧରି ନିଅନ୍ତି । କିନ୍ତୁ ବାକ୍ ସ୍ୱାଧୀନତାର ଅର୍ଥ ନୁହେଁ ଚିତ୍କାର କରିବା ଓ ଅନ୍ୟର ସ୍ୱାଧୀନତାକୁ ଅପହରଣ କରିବା । ଆମର ଅଜ୍ଞାତସାରରେ ଶବ୍ଦ ପ୍ରଦୂଷଣ ଆମର କେତେ କ୍ଷତିକରେ ଆମେ ଜାଣୁନା । ଫଳରେ ସାମାନ୍ୟ ସାମାନ୍ୟ କଥାରେ ଆମେ ଉଚ୍ଚ ଶବ୍ଦରେ ବିଭିନ୍ନ କାରବାର କରିବାରେ ଗର୍ବକରୁ ଓ ଆନନ୍ଦ ଅନୁଭବ କରୁ । ଶବ୍ଦ ପରିବେଶରେ ଆମେ ସିନା କ୍ଷଣିକ ଆନନ୍ଦ ଅନୁଭବ କରୁଛେ, କେବେ ଚେଷ୍ଟା କରିଛେ କି ନିରବତାର ସ୍ୱର ଶୁଣିବା ପାଇଁ ? କୁହାଯାଏ ନିରବତାର ଗଭୀରତାରେ ଲୁଚିରହିଥାଏ ଈଶ୍ୱରଙ୍କ ସ୍ୱର । ତାଙ୍କୁ ଶୁଣିବା ପାଇଁ କେବେ ଚେଷ୍ଟା କରିଛେ କି ? ସେଥିପାଇଁ ତ ମୁନି ଋଷିମାନେ ସହରର ଚାକଚକ୍ୟ ଓ ଶବ୍ଦ ଆଡ଼ମ୍ବର ଛାଡ଼ି ସୁଦୂର ବଣ ଜଙ୍ଗଲ ଓ ପାହାଡ଼ ପର୍ବତର ଗହ୍ୱର ଭିତରେ ବସି ଈଶ୍ୱର ପ୍ରାପ୍ତି ପାଇଁ ଧ୍ୟାନସ୍ଥ ହୁଅନ୍ତି । ସେଥିପାଇଁ ପ୍ରଦୂଷଣମୁକ୍ତ ହୋଇ ସୁସ୍ଥ ଶରୀର ରଖିବା ସହିତ ଦୀର୍ଘଜୀବୀ ହୁଅନ୍ତି, ପ୍ରଜ୍ଞା ପ୍ରାପ୍ତ ହୁଅନ୍ତି ।

ସହର ଓ ସହରତଳିଗୁଡ଼ିକରେ ଯନ୍ତ୍ରପାତି ମାଧ୍ୟମରେ ଉଚ୍ଚ ଶବ୍ଦ ସୃଷ୍ଟି କରିବା ଏକ ଆଭିଜାତ୍ୟ ବୋଲି ମନେକରନ୍ତି । ଏହା ମୁଖ୍ୟତଃ ମଧ୍ୟବିତ୍ତ, ଉଚ୍ଚମଧ୍ୟବିତ୍ତ ଓ ଧନୀକ ଶ୍ରେଣୀ ବ୍ୟକ୍ତିମାନଙ୍କ ପାଖରେ ଦେଖାଯାଏ । ସବୁ କଥାରେ ବାଣ, ବାଜା ନହେଲେ ଚଳେନା । ତାହା ପୁଣି ଉଚ୍ଚ ଶବ୍ଦରେ । ଆମର ବାହାଘର ଓ ଭୋଜିଘରେ ବାଣ ଓ ବାଜାର ଘୋଷଣୀ ହୁଏ । ତାହା ପୁଣି ସାଧାରଣ ଭାବେ ନୁହେଁ, କାନକୁ ତାଳ୍‌ଦା କଲା ଭଳି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ସାଉଣ୍ଡରେ ଓ ବୋମା ଫୁଟିବା ଭଳି ବାଣରେ । ଜନ୍ମ ଦିନରେ ବାଜାବାଣ, ବ୍ରତଘରେ ବାଜାବାଣ, ବିବାହରେ ବାଜାବାଣ, ନିର୍ବାଚନ ଜିତିଲେ ବାଜାବାଣ, ଶୋଭାଯାତ୍ରାରେ ବାଜାବାଣ, ନେତାଙ୍କୁ ସଂଖୋଳିବାରେ ବାଜାବାଣ, ପୂଜା ପାର୍ବଣରେ ବାଜାବାଣ ସବୁଠି ଉଚ୍ଚ ଶବ୍ଦ । ଦୀପାବଳୀ ଦିନ ଗ୍ରାମାଂଚଳ ଠାରୁ ଆରମ୍ଭ କରି ସହରାଂଚଳ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ଯେଉଁଭଳି ବାଣ ଫୁଟାଯାଏ ତାହା କେବଳ ମଣିଷକୁ ନୁହେଁ ଗୃହପାଳିତ ପଶୁପକ୍ଷୀଙ୍କୁ ମଧ୍ୟ ଆତଙ୍କିତ କରିପକାଏ । ଦେଖାଯାଇଛି ଯଦି କୌଣସି ଗଛ ମୂଳେ ବିସ୍ଫୋରଣ କଲା ଭଳି ବାଣ ଫୁଟାଯାଏ ତେବେ ସେ ଗଛର ପତ୍ରଗୁଡ଼ିକ ଝାଉଁଳି ପଡ଼ନ୍ତି । କାରଣ ସେମାନେ ମଧ୍ୟ ଉଚ୍ଚ ଶବ୍ଦର ସହିବାର ଶକ୍ତିକୁ ହରାଇ ବସିଥାନ୍ତି । ଶବ୍ଦକୁ ଭଲ ପାଉ ନଥିବା ଲୋକମାନଙ୍କ କଥା ସେତେବେଳେ ସମସ୍ତେ ଭୁଲି ଯାଇଥାନ୍ତି । ସଂଗୀତ ପ୍ରତି ସାଧାରଣତଃ ଲୋକମାନଙ୍କ ଆଗ୍ରହ ନଥାଏ । କିନ୍ତୁ ଯେଉଁଭଳି ଭାବେ ଉଚ୍ଚ ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ମାଧ୍ୟମରେ ସଂଗୀତ ପରିବେଷଣ କରାଯାଉଛି ତାହା ଆନନ୍ଦ ଅପେକ୍ଷା ବିରକ୍ତି ଭାବ ଉଦ୍ରେକ କରୁଛି ଏବଂ କାନକୁ ଅସୁଖକର ଲାଗୁଛି ।

ଏବେ ସହର ମାନଙ୍କରେ ଯାନବାହନ ଚଳାଚଳ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । କାର, ଟ୍ରକ, ଟ୍ରାକ୍ଟର, ବସ୍, ମିନି ବସ୍, ମଟର ସାଇକେଲ, ସ୍କୁଟର ଇତ୍ୟାଦି ଯାନବାହନଗୁଡ଼ିକ ହର୍ଣ୍ଣ ବଜେଇବା ଠାରୁ ଆରମ୍ଭ କରି ଯାନବାହନ ଚାଲିବାର ଶବ୍ଦ, ଆକାଶରେ ଅତି ପାଖରେ ଉଡୁଥିବା ଜେଟ ପ୍ଲେନ, ହେଲିକ୍ୟାପ୍ଟର, ମନ୍ଦିର ଓ ମସ୍‌ଜିଦ୍‌ରେ ବାଜୁଥିବା ଲାଉଡ ସ୍ପିକର ଇତ୍ୟାଦି ପରିବେଷଣକୁ ଆହୁରି ଉତ୍କଟ କରୁଛି । ଶିଳ୍ପାଂଚଳଗୁଡ଼ିକରେ ଶବ୍ଦ ନିୟନ୍ତ୍ରଣ ସୀମା ୭୫ ଡେସିବେଲ ରହିଥିବା ବେଳେ ଏହା ୧୧୫ ଠାରୁ ଅଧିକ ରହୁଛି । ଫଳରେ ସେ ଅଂଚଳରେ ବସବାସ କରୁଥିବା ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ପୀଡ଼ିତ ହୁଅନ୍ତି । ଘରେ ମଧ୍ୟ ଫୁଡ୍ ମିକ୍ସର, ଗ୍ରାଇଣ୍ଡର, ଭକ୍ୟୁମ୍ କୁଲର, ୱାସିଙ୍ଗମେସିନ୍, ଏସି, ଟିଭି, ଆଇପଡ୍ସ, ଇୟରଫୋନ, ଦୀର୍ଘ ସମୟ ଧରି କୁକୁର ଭୋକିବା ଆଦିରୁ ସୃଷ୍ଟି ଶବ୍ଦ ମଧ୍ୟ ପ୍ରଦୂଷଣର ଅନ୍ୟତମ କାରଣ । ସେହିପରି ସହରଗୁଡ଼ିକରେ ଦିନରାତି ଲାଗି ବହୁତଳ ପ୍ରାସାଦ ନିର୍ମାଣରେ ବ୍ୟବହୃତ ଯନ୍ତ୍ରପାତିରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହା ମଧ୍ୟ ଅତ୍ୟନ୍ତ ଅସହ୍ୟକର । ଖାଲି ସ୍ଥଳ ଭାଗରେ ନୁହେଁ, ଜଳ ଭାଗରେ ମଧ୍ୟ ବ୍ୟବହୃତ ଟ୍ରଲର, ସବ୍‌ମ୍ୟାରିନ୍ ଓ ବୃହତ୍‌ଜାହାଜରୁ ନିର୍ଗତ ହେଉଥିବା ଶବ୍ଦ ଦ୍ୱାରା ଜଳଜୀବମାନେ ଆଘାତ ପ୍ରାପ୍ତ ହୁଅନ୍ତି । ଏପରିକି ଅସହ୍ୟ ଶବ୍ଦ ଯୋଗୁଁ ତିମି ଭଳି ବିରାଟକାୟ ମାଛମାନେ ମଧ୍ୟ ମରିଯାଉଥିବା ନଜିର ରହିଛି । ଶବ୍ଦ ପ୍ରଦୂଷଣ ଶରୀର ଉପରେ ଅନେକ କୁପ୍ରଭାବ ପକେଇଥାଏ । ଏହା ମାନସିକ ସ୍ତରରେ ଚାପ ସୃଷ୍ଟି କରିବା ସହ ଉଦ୍‌ବେଗ ଓ ନିଦ୍ରାହୀନତାର କାରଣ ହୋଇଥାଏ । କାନକୁ ଶୁଣା ନଯିବା, ଭଲ କଥା ନକହିପାରିବା, ଉତ୍ତମ ପ୍ରଯୋଜନ ଶକ୍ତି ହରାଇବା, ଉଚ୍ଚରକ୍ତଚାପ ବଢ଼ାଇବା ଓ ହୃଦ୍‌ରୋଗର ମଧ୍ୟ କାରଣ ହୋଇଥାଏ । ସେଥିପାଇଁ ଚିକିତ୍ସାଳୟ, ବିଦ୍ୟାଳୟ, ଛୋଟ ପିଲାଙ୍କ ସ୍କୁଲ, ବାସୋପଯୋଗୀ ଅଂଚଳରେ ଉଚ୍ଚ ଶବ୍ଦ ବ୍ୟବହାରର ବାରଣ ଅଛି । ସେଥିପାଇଁ ମଧ୍ୟ ଭାରତ ସରକାର ପରିବେଶ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି । ଏହାକୁ ଯେଉଁମାନେ ଭଙ୍ଗ କରିବେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିବା ସହ ଜାମିନ୍‌ବିହୀନ ଗିରଫ କରିବା ସହ ପାଂଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ରହିଛି । ଅଥଚ ଜନସଚେତନତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଭାରତୀୟ ନାଗରିକମାନେ ଆଇନକାନୁନ୍‌କୁ ଜାଣନ୍ତି ସିନା କିନ୍ତୁ ତାକୁ ସମ୍ମାନ ଦେଇ ନିଜକୁ ପରିବର୍ତ୍ତନ କରନ୍ତି ନାହିଁ । ଫଳରେ ଦେଖାଯାଇଛି ବଡ଼ ବଡ଼ ସହରମାନଙ୍କରେ ମାନସିକ ରୋଗୀ ବଢ଼ିବା ସହ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି । ଏଥିରୁ ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ, କଲିକତା, ବେଙ୍ଗାଲୁରୁ ପ୍ରଭୃତି ସହର ବାଦ୍ ପଡ଼ିନାହାନ୍ତି । ଏବେ ସମୟ ଆସିଛି ଶବ୍ଦ ପ୍ରଦୂଷଣ ପ୍ରତି ଆମେ ଜନ ସଚେତନତା ବଢ଼ାଇବା ଓ ଅଯଥା ଉଚ୍ଚ ଶବ୍ଦ ସୃଷ୍ଟି କରିବାରୁ ନିଜେ ନିବୃତ୍ତ ରହିବା ସହ ଅନ୍ୟ ମାନଙ୍କୁ ସଚେତନ କରିବା ।

ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ

ମହାଯୋଗୀ ଶ୍ରୀ ଅରବିନ୍ଦ

।। ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ।।

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଂଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା । ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ । ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଈଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଂଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ । ପାଂଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଂଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଏଟ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନ୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା । ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜବପନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ଶୁଷ୍କ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା । ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ୍ୟ ସାର୍ଥକ ହୋଇପାରିବ । ଜୀବନର ଅନ୍ତିମ ସମୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିଥିଲେ । ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର,

ହଜିଯାଉଛି ହସ

।। ଡାକ୍ତର ସମ୍ରାଟ କର ।।

ଆପଣ କିଛି ସମୟ ପାଇଁ ପ୍ରକୃତି କୋଳରେ ସମୟ ଅତିବାହିତ କରିବା ପାଇଁ ଚେଷ୍ଟା କରନ୍ତୁ ଆଉ ନିରୋଳାରେ, ନିଭୃତରେ ଟିକିଏ ଭଲ ଭାବେ ଅନୁଭବ କରନ୍ତୁ ପ୍ରକୃତରେ କ'ଣ ଆପଣଙ୍କ ଜୀବନରେ ଆଉ ପୂର୍ବ ପରି ହସ ଅଛି ? କାହିଁକି ନାହିଁ ? ମଣିଷର ପ୍ରବୃତ୍ତିଗତ ସାମାଜିକ ଓ ଚରିତ୍ରଗତ ଦୃଷ୍ଟିକୋଣକୁ ଦେଖିଲେ ହସ ହେଉଛି ମଣିଷ ପାଇଁ ଅମୂଲ୍ୟ, ଦୁର୍ମୂଲ୍ୟ ଓ ମହୌଷଧି । ଶିଶୁଟିର କଅଁଳ ମୁହଁର ହସ କେବଳ ମା'ବାପାଙ୍କୁ ନୁହେଁ, ସମସ୍ତଙ୍କୁ ଖୁସି ଦିଏ । ହେଲେ ସେହି ଶିଶୁ ବଡ଼ ହେଲେ ତା ମୁହଁରୁ ହସ ଉଭେଇ ଯାଏ । ସତେଯେମିତି ବୟସ ବଢ଼ିଲେ ଅବସାଦପୂର୍ଣ୍ଣ ହୋଇପଡୁଛି ଜୀବନ । ବ୍ୟସ୍ତତାପୂର୍ଣ୍ଣ ଜୀବନ ଭିତରେ କାହା ମୁହଁରୁ ହୃଦୟର ହସ ଟିକେ ଦେଖିବା କଷ୍ଟକର ହୋଇପଡୁଛି । ମାନସିକ ଚାପ ଏତେ ବଢ଼ି ଯାଉଛି ଯେ ସବୁ ବର୍ଗର ମଣିଷ ଆଜି ଦୁଃଖ, କଷ୍ଟ, ଯନ୍ତ୍ରଣାର ଶିକାର । ପାଠପଢ଼ାଠୁ ନେଇ ଚାକିରି, ପାରିବାରିକ ଅଶାନ୍ତି ଭଳି ଅନେକ ସମସ୍ୟାର ଆଜି ସମସ୍ତେ ଛନ୍ଦି ହୋଇପଡ଼ିଛନ୍ତି । ବିଶେଷକରି ଆଜିର ସୋସିଆଲ ମିଡ଼ିଆ ଯୁଗରେ ପରସ୍ପର ହସିବା, ସମୟ ବିତାଇବା ବହୁତ କମିଯାଇଛି । ମଣିଷ ମେଳରେ ଥାଇ ବି ହସ ଖୋଜୁଛି ମଣିଷ ।

ଅଧିକ ହସ ନେଇପାରେ ଜୀବନ । ଭିନ୍ନ ଭିନ୍ନ ଶାରୀରିକ ଗତିବିଧି ସମ୍ବେଦନା ମଧ୍ୟରୁ ହସ ଅନ୍ୟତମ । ପରସ୍ପର ଭିତରେ ଥାଉ ବରଂ ଯେତେ ମତାନ୍ତର, ମନାନ୍ତର ଟିକିଏ ହସ ସବୁକିଛିକୁ ମୁହୂର୍ତ୍ତକ ଭିତରେ ସବୁ ତିକ୍ତତାକୁ ବି ପଛକୁ କରିଦେଇଥାଏ ଆଉ ପରକୁ ନିଜର କରିବାର କଳା ଏହି ହସ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଆଉ ଏହା ବି ସତ କଥା ସୌନ୍ଦର୍ଯ୍ୟ ଜଣଙ୍କର ବଢ଼ାଇବାରେ ହସର ଯେତିକି ଉପଲବ୍ଧି ରହିଛି ଏହା ସକାରାତ୍ମକ ଭାବନା ମଧ୍ୟ ତିଆରି କରିଥାଏ । ଅନେକ ଆଶା ସଂଚରି ଦେଇଥାଏ ଏହି ଅଳ୍ପ ଟିକିଏ ହସ । କାହାଙ୍କ ପାଇଁ ହସର ତରିକା କିଭଳି କ'ଣ ହୋଇପାରେ ସତ କିନ୍ତୁ ହସ ହେଉଛି ସ୍ୱାସ୍ଥ୍ୟ ପାଇଁ ଏକ ଅତ୍ୟନ୍ତ ଜରୁରୀ ବ୍ୟାୟାମ । ଅନେକ ହୁଏତ ଜାଣିନଥାନ୍ତି ମୁଖ ମଣ୍ଡଳରେ ହସଟି ଫୁଲପରି ପ୍ରସ୍ଫୁଟିତ ହେବାଦ୍ୱାରା ମୁଖମଣ୍ଡଳର ଶିରା ପ୍ରଶିରା ଓ ମୁହଁର ଭଙ୍ଗୀରେ ପରିବର୍ତ୍ତନ ଆସିଥାଏ । ଏହାଛଡ଼ା ଆମର ଭାବ ପ୍ରବଣତା ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ । ମନରେ ସଂଚାର କରିଥାଏ ଅନେକ ଆଶା, ସମ୍ଭାବନା ଓ ଏକ ଉଜ୍ଜ୍ୱଳ ଭରଷାର ଚେତନା । ହସିବା ଦ୍ୱାରା ଅବସାଦ ଓ ମାନସିକ ଚାପ ମଧ୍ୟ ଉଡି ଯାଇଥାଏ । ଏହା ସ୍ୱାଭାବିକ କଥା ଜୀବନ ଅଛି ମାନେ ମଣିଷ ଜଣଙ୍କ ଅନେକ କାରଣରୁ ଚାପଗ୍ରସ୍ତ ହୋଇପଡ଼ିଥାଏ । ଅନେକ ଦୁଃଶ୍ଚିନ୍ତା, ଅବସାଦର ବୁଢ଼ିଆଣୀ ଜାଲ ଆମ ଭିତରକୁ ପଶି ଆସେ ଏହା ଉଭୟ ଶାରୀରିକ ଓ ମାନସିକ ଭାବେ କେବଳ ଅସୁସ୍ଥ କରିନଥାଏ ବରଂ କ୍ଷତାକ୍ତ କରି ଏପରି ଏକ ଶୂନ୍ୟସ୍ଥାନ ତିଆରି କରିଦିଏ ଯେ ଏହା ଭିତରୁ ମୁକୁଳି କିଭଳି ଜଣେ ସୁନ୍ଦର ନିରୋଗ ଜୀବନ ଆଡ଼କୁ ଆଗେଇ ପାରିବ ତାହା ବଡ଼ ଆହ୍ୱାନ ମଧ୍ୟ ସୃଷ୍ଟି କରିଥାଏ ।

ଅନେକଙ୍କୁ ଏହା ଅଜଣା ହୋଇପାରେ କିନ୍ତୁ ବାସ୍ତବ ସତ୍ୟ ହେଉଛି ହସ ସମସ୍ତଙ୍କୁ ଏକ ମଧୁର ଓ ଦିବ୍ୟ ଅନୁଭବ ଦେଇଥାଏ । ଅନେକଙ୍କ ପାଇଁ ଏହି ଦୁର୍ମୂଲ୍ୟ ସମ୍ପଦଟି ବ୍ୟକ୍ତିତ୍ୱ ବଢ଼ାଇବା ସହିତ ସ୍ୱାସ୍ଥ୍ୟ ପାଇଁ ଏକ ମହୌଷଧି ଭଳି କାମ କରିଥାଏ । ସ୍ୱାସ୍ଥ୍ୟ ପାଇଁ ହସର ଉପାଦେୟତା ସମ୍ପର୍କରେ ଅନେକ ଜାଣନ୍ତି । ପ୍ରଚୁର ହସ ଦ୍ୱାରା ଜଣେ ବ୍ୟକ୍ତି ଭିତରେ ସକାରାତ୍ମକ ଚେତନା ଜାଗ୍ରତ ହୋଇପାରିବ ଏହା ସମଗ୍ର ଜୀବନ କାଳକୁ ଏପରି ଏକ ଦୃଢ଼ ଭାବେ ସାମର୍ଥ୍ୟବାନ କରିପାରିବ ଯେ ତାହା ଯେକୌଣସି ଜଟିଳ ପରିସ୍ଥିତି ହେଉନା କାହିଁକି ଏହାକୁ ସାମ୍ନା କରିବାର ସାହସ ଓ ସାମର୍ଥ୍ୟ କିନ୍ତୁ ନିଶ୍ଚିତ ତିଆରି କରିପାରିଥାଏ ।

ତେବେ ଅନେକ ହୁଏତ ଜାଣି ନଥିବେ ଅଧିକ ହସ ମଧ୍ୟ ଜୀବନ ଘାତକ ହୋଇପାରେ । କିଛି ଦିନ ତଳେ ଦକ୍ଷିଣ ଭାରତର ଜଣେ ସିନେ ଅଭିନେତ୍ରୀ ନିଜ ନିୟମିତ ହସରୁ ମୁକୁଳାଇ ପାରୁନଥିବାର ଖବର ପ୍ରକାଶ ପାଇଥିଲା । ତେବେ ଅନେକ ହୁଏତ ଜାଣିନାହାଁନ୍ତି ହସରୁ ମୃତ୍ୟୁ ପ୍ରାଚୀନରୁ ଏକ ବିରଳ ପ୍ରକାରର ମୃତ୍ୟୁ । ସାଧାରଣତଃ ଏହା କାର୍ଡ଼ିଆକ୍ ଆରେଷ୍ଟ ବା ହୃଦଘାତ କିମ୍ବା ଆଷ୍ଫିକିଏସନ, ଯାହା ଅତ୍ୟଧିକ ହସ କାରଣରୁ ହୋଇଥାଏ । ଯଦିଓ ହସିବା କାରଣରୁ ଜଣେ ମୃତ୍ୟୁମୁଖରେ ପଡ଼ିବା ଅସ୍ୱାଭାବିକ ମନେହୁଏ, ତଥାପି ପ୍ରାଚୀନ ଗ୍ରୀସଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଅନେକ ଥର ଭଳି ଘଟିଛି । ଖ୍ରୀଷ୍ଟପୂର୍ବ ପଂଚମ ଶତାବ୍ଦୀର ଜଣେ ଚିତ୍ରଶିଳ୍ପୀ ଜିଅକ୍ସିସ । କୁହାଯାଏ ହସିବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଲୋକମାନଙ୍କୁ ହସେଇବା ପାଇଁ ସୋସିଆଲ ମିଡ଼ିଆ ଓ ୟୁଟ୍ୟୁବରେ କେମେଡ଼ି ପ୍ଲାଟଫର୍ମ ଦିନକୁ ଦିନ ବଢୁଛି । ବିଭିନ୍ନ ହାସ୍ୟାତ୍ମକ ବିଷୟବସ୍ତୁ ଯୁବ କମେଡ଼ିଆନ ମାନଙ୍କ ଦ୍ୱାରା ପୋଷ୍ଟ ହେଉଛି । ଷ୍ଟାଣ୍ଡଅପ୍ କମେଡ଼ି ଶୋ' ଆୟୋଜନ ହେବା ସହ ଏହାକୁ ଦେଖିବାକୁ କେବଳ ଯୁବପିଢ଼ୀ ନୁହେଁ ଅନ୍ୟ ବର୍ଗଙ୍କ ଭିତର ପ୍ରବଳ ଆଗ୍ରହ ବଢୁଛି । ଏହି କାର୍ଯ୍ୟକ୍ରମରେ ସମସ୍ତେ ସିଧାସଳଖ ଯୋଡ଼ିହୋଇ ସାଙ୍ଗସାଥୀଙ୍କ ମେଳରେ କିଛି ମୁହୂର୍ତ୍ତ ହସିବା ଓ ହସି ହସି ସମୟକୁ ଉପଭୋଗ ମଧ୍ୟ କରିପାରୁଛନ୍ତି ।

ଅସଲ କଥା ହେଉଛି ଆମ ଶରୀର ପାଇଁ ବାସ୍ତବରେ ଏଣ୍ଡୋର୍ଫିନ୍ ହରମୋନ ହେଉଛି ପ୍ରାକୃତିକ ପେନକିଲର ବା ଯନ୍ତ୍ରଣା ନିବାରକ । ଆମେ ଯେତେବେଳେ ହସୁ ସେହି ସମୟରେ ଏହି ହରମୋନ ଉତ୍ପନ୍ନ ହୋଇଥାଏ । ଏହି ହରମୋନ ଆମକୁ ଉତ୍ତମ ଅନୁଭବ କରାଇବାରେ ସହାୟତା କରିଥାଏ । ହସିବା ଦ୍ୱାରା ଆମ ଶରୀରରେ ଟିସେଲସ ଗୁଡ଼ିକର ବୃଦ୍ଧି ହୋଇଥାଏ । ଏହା ଆମ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇଥାଏ । ଯେତେବେଳେ ଆମେ ହସୁ, ଆମ ଶରୀରରେ ଟିସେଲସ ବୃଦ୍ଧି ପାଏ ଓ ଆମେ ରୋଗ ସହିତ ଲଢ଼ିବାକୁ ସକ୍ଷମ ହୋଇଥାଉ । ହସିବା ଏକ ଅସାଧାରଣ କସରତ । ବିଶେଷକରି ଯେତେବେଳେ ଜଣେ ବ୍ୟକ୍ତି ଶାରୀରିକ ଦୁର୍ବଳତା କିମ୍ବା ଆଘାତ କାରଣରୁ ଅନ୍ୟ କୌଣସି ପ୍ରକାର ଶାରୀରିକ ବ୍ୟାୟାମ କରିପାରନ୍ତି ନାହିଁ ସେମାନଙ୍କ ପାଇଁ ହସ ଅତ୍ୟନ୍ତ ଉତ୍ତମ ବ୍ୟାୟାମ ଭାବେ କାର୍ଯ୍ୟ କରିଥାଏ । ହସର ଆଉ ଏକ ଉପାଦେୟତା ହେଉଛି, ଏହା ଆମ ପେଟର ବ୍ୟାୟାମ କରିଥାଏ । ହସିବା ଦ୍ୱାରା ଆମ ପେଟର ମାଂସପେଶୀ ପ୍ରସାରିତ ହୋଇଥାଏ । ପେଟ ପାଇଁ ନାନା ପ୍ରକାର ବ୍ୟାୟାମରୁ ଯାହାଫଳ ମିଳିଥାଏ, ହସରୁ ମଧ୍ୟ ତାହା ମିଳିଥାଏ । ଫଳରେ ଆମେ ପେଟ ପାଇଁ ବିଶେଷ କିଛି ବ୍ୟାୟାମ ନକରି ମଧ୍ୟ କେବଳ ହସ ଦ୍ୱାରା ସେହି ସୁଫଳ ପାଇଥାଉ । ଏକ ସୁସ୍ଥ ପାକସ୍ଥଳୀ, ପେଟ ପାଇଁ ହସଠାରୁ ଅଉ କୌଣସି ସୁବିଧାଜନକ ବ୍ୟାୟାମ ଅଛି କି ? ଏସବୁ ବ୍ୟତୀତ ହସ ଆମର ଷ୍ଟ୍ରେସ ବା ଚାପ ହରମୋନ ହ୍ରାସ କରିଥାଏ । ଆଙ୍ଗଜାଇଟି ଦୂର କରେ । ରକ୍ତଚାପ କମ କରିବାରେ ସହାୟତା କରେ । ଫଳରେ ହାର୍ଟ ଆଟାକ୍ କିମ୍ବା ଷ୍ଟ୍ରୋକ ହେବାର ଆଶଙ୍କା ମଧ୍ୟ କମ ହୋଇଥାଏ ।

ହସ ଆମ ଶରୀରର ଆଣ୍ଟିବଡ଼ି ଉତ୍ପାଦନକୁ ଅଧିକ ଉତ୍ତେଜିତ କରିଥାଏ ଓ ରୋଗ ପ୍ରତିଷେଧକ କୋଷଗୁଡ଼ିକୁ ସକ୍ରିୟ କରିଥାଏ । ଏହା ରୋଗ ଓ ସଂକ୍ରମଣକୁ ପ୍ରତିରୋଧ କରିବାରେ ସହାୟତା କରେ । ଏହାଦ୍ୱାରା ଆମର ଚାପ ମଧ୍ୟ କମ ହୋଇଥାଏ । ହସିବା ଦ୍ୱାରା ଫୁସଫୁସର ଶକ୍ତି ବୃଦ୍ଧି ପାଇଥାଏ । ଶ୍ୱାସ ସମ୍ବନ୍ଧିତ ସମସ୍ୟା କମ ହୋଇଥାଏ । ଶ୍ୱାସ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ଲକ୍ଷଣକୁ ମଧ୍ୟ କମ କରିଥାଏ ହସ । ଶରୀର ତତ୍ତ୍ୱ ଅନୁଯାୟୀ ମଣିଷର ଶରୀରରେ ଏପରି ଅନେକ ହରମୋନ ରହିଥାନ୍ତି ଯେଉଁମାନେ ଶରୀରରେ ଅନେକ ଚାପ ସୃଷ୍ଟି କରିଥାନ୍ତି । କିନ୍ତୁ ଏହି ହସ ଟିକକ କର୍ଟିସୋଲ ଓ ଏଣ୍ଡ୍ରୋନାଲାଇନ ଭଳି ଚାପ ସୃଷ୍ଟିକାରୀ ହରମୋନ ପାଇଁ ସଞ୍ଜିବନୀ ପରି କାମ କରିଥାଏ । ଜଣେ ମଣିଷ ଚାପ ଗ୍ରସ୍ତ ହେବା ଦ୍ୱାରା ତାର ମସ୍ତିଷ୍କରେ ସଠିକ ପରିମାଣର, ସଠିକ ସମୟରେ ରକ୍ତ ପହଂଚ୍ ପାରିନଥାଏ । ଯାହାଦ୍ୱାରା ଜଣଙ୍କର ରକ୍ତଚାପ ମଧ୍ୟ ହୋଇଥାଏ । କିନ୍ତୁ ମନ ଖୋଲା ହସ ଦ୍ୱାରା ଉଭୟ ଅକ୍ସିଜେନ ଓ ରକ୍ତ ପ୍ରବାହ ସ୍ୱାଭାବିକ ହୋଇ ମାନସିକ କ୍ଷେତ୍ରକୁ ସୁସ୍ଥତାରେ ଭରି ଦେଇଥାଏ ଏହା ମୁଡ଼କୁ ଠିକ ରଖିବା ସହ ନିଃସଙ୍ଗତାକୁ ଦୂରେଇ ସାମାଜିକ ସମ୍ପର୍କ, ଭଲ ପାଇବାକୁ ଦୃଢ଼ୀଭୂତ କରିଥାଏ । ଏହା ଏକଲାପଣକୁ ଦୂରେଇବା ସହ ନିତିଦିନିଆ ଧାଁଧଉଡ଼ କର୍ମବ୍ୟସ୍ତ ସଂଘର୍ଷମୟ ଜୀବନ ଭିତରେ ବଂଚିବାର ରାହା ଦେଖାଇଥାଏ । ମନଖୋଲା ହସ ଜଣଙ୍କୁ ଅନିଦ୍ରା ସମସ୍ୟାରୁ ଦୂରେଇ ବା ଦ୍ୱାରା ଏହା ଶରୀରରେ ଏପରି ଏକ ଚମକ ତିଆରି କରିଥାଏ ଯେ ତାହା ତ୍ୱଚାକୁ କୋମଳ ଓ ଉଜ୍ଜ୍ୱଳ ରଖିଥାଏ । ହସର ଖରାପ ଦିଗ ମଧ୍ୟ ବି ଥାଇପାରେ । କିନ୍ତୁ ହସ ପରି ଏକ ମୂଲ୍ୟବାନ ସମ୍ପତ୍ତିକୁ ଜୀବନର ବଡ଼ ଉପଲବ୍ଧି ଭାବେ ଗ୍ରହଣ କରିବାର ମାନସିକତା ଏକ ସକାରାତ୍ମକ ଜୀବନ ଆଡ଼କୁ ନେଇଯାଇଥାଏ । ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ମୁଁ ଅନୁଭବ କରିଛି ଜଣେ ପୀଡ଼ିତ ବା ମୁମୂର୍ଷୁ ପାଇଁ ଏହି ହସ ଏପରି ଏକ ରାମବାଣ ପରି କାମ କରେ ଯେ ଅସକଡ଼ା, ଅବସାଦ ଓ ଭାଙ୍ଗି ଯାଇଥିବା ମୁର୍ଚ୍ଛାଟି ହସ ଟିକକ ପାଇବା ପରେ ଜୀବନର ବାସ୍ତବ ଆନନ୍ଦ ପାଇବାକୁ ସମର୍ଥ ହୋଇପାରିଥାଏ । ନିଜେ ମନଖୋଲା, ହୃଦୟଖୋଲା ହସିବା ସହ ଅନ୍ୟମାନଙ୍କୁ ହସିବା ପାଇଁ ଚେଷ୍ଟା କରନ୍ତୁ । ହସେଇଲେ ପୁଣ୍ୟମିଳେ ଆଉ ଏହା ଜୀବନ ଆନନ୍ଦର ମହୌଷଧି ।

ମାନସିକରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼,
କଟକ,
ଦୂରଭାଷ: ୯୧୩୨୪୩୩୩୩୩

ସେଇଠୁ ଆରମ୍ଭ
SEITHO ARAMBHA

ହେରୋଇନ୍ ଜବତ, ଗିରଫ ହେଲେ ନିଶା ବେପାରୀ

ଜଗତସିଂହପୁର, ୧୦/୧୨ (ଆ.ପ୍ର) : ପାରାଦୀପ ପୌରାଂଚଳସ୍ଥିତ ଲକପଡା ଅଂଚଳରେ ଚଢଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୨୭ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଲକପଡାର ଅମଜାଦ୍ ଖାନ୍ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ଉପନିରିକ୍ଷକ ଧର୍ମପଦ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ଲକପଡାର କାଦର ମହମ୍ମଦ ଖାନଙ୍କ ପୁଅ ଅମଜାଦ୍ ଖାନ(୩୪) । ଜବତ ହେରୋଇନ୍ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୭୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍କଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍ କୁ ପଠାଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ରେ ଅନେକଗୁଡ଼ିଏ ମାମଲା ଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ ।

ଚଇତି ମହୋତ୍ସବ -୨୦୨୫ ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

ରାୟଗଡ଼ା, ୧୦/୧୨ (ଆ.ପ୍ର) : ରାୟଗଡ଼ ଜିଲ୍ଲାର ଗଣପର୍ବ ଚଇତି - ୨୦୨୫ର ବିଭିନ୍ନ ଉପ ସମିତିର ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣ୍ଣି ଆଜି. ସମୀକ୍ଷା କରିଛନ୍ତି । ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅପରାହ୍ନ ୪ଟା ବେଳେ ବିଭିନ୍ନ ଉପ-ସମିତି ଯଥା ନିମନ୍ତ୍ରଣ, ମଂଚ ପରିଚାଳନା, ଖାଦ୍ୟ ପ୍ରସ୍ତୁତି, ରହଣି, ପ୍ରଚାର ପ୍ରସାର, ଅର୍ଥ ସଂଗ୍ରହ, ଚଇତାଳି ସ୍ମରଣିକା, ପୁରସ୍କାର ଓ ମାନପତ୍ର, ସାଂସ୍କୃତିକ ଓ ସାଂସ୍କୃତିକ ଶୋଭାଯାତ୍ରା ଓ ପଲିଶ୍ରୀ ଆଦି ଉପସମିତିର ଅଧକ୍ଷ, ସହ ଅଧକ୍ଷ ଓ ଆବାହକ ମାନଙ୍କ ସହିତ ଆଲୋଚନା କରିଥିଲେ । ଚଳିତ ବର୍ଷ ଚଇତି ଯେମିତି ସୁନ୍ଦର ଓ ସୁରୁଖୁରୁ ଭାବରେ ଆୟୋଜନ ହୋଇ ପାରିବ ସେଥିପାଇଁ ସମସ୍ତେ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ କୁଲକାର୍ଣ୍ଣି ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ଚାଉରୀ ତଥା ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦାନ କରିଥିଲେ ।

ସ୍ୱାଧୀନତା ସଂଗ୍ରାମି ରିନ୍ଦ ମାଝୀଙ୍କ ସହିଦ ଦିବସ ପାଳିତ

ବାଲିଗୁଡା, ୧୦/୧୨ (ଆ.ପ୍ର) : ବାଲିଗୁଡା ବ୍ଲକ ମିଡିଆକିଆ ପଂଚାୟତର ବରିକିଆ ଠାରେ ଜନ୍ମମାଟି ବରିକିଆରେ ବୀର ସହିଦ ରିନ୍ଦ ମାଝୀଙ୍କ ୧୭୦ତମ ସ୍ମୃତି ମହୋତ୍ସବ ରିନ୍ଦ ମାଝୀ ସ୍ମୃତି କମିଟି ଦ୍ୱାରା ପାଳିତ ହୋଇଯାଇଛି । ଏଏଥିରେ ମୁଖ୍ୟ ଅତିଥୀ ଭାବେ ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଳିକ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥୀ ଭାବେ ଚନ୍ଦ୍ରମା କହଁର ସ୍ମୃତି କମିଟିର ସଭାପତି ତଥା ସରପଂଚ ଅଶୋକ ମଳିକ, ସମ୍ପାଦକ ନକୁଳ ନାୟକ, ଆବାହକ ନେତ୍ର ମାନସେଠ,ସ୍ଥାପନା ସଭାପତି ଜହନ ଦିଗାଳ, କବିରାଜ ଆର୍ଯ୍ୟ ଅତିରିକ୍ତ ତହସିଲଦାର ପ୍ରମୁଖ ମଂଚାସିନ ଥିଲେ । ଉକ୍ତ ସଭାରେ ରିନ୍ଦ ମାଝୀଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ଜନ୍ମ ମାଟି ବରିକିଆ ଗ୍ରାମକୁ ବୀର ସହିଦ ରିନ୍ଦ ମାଝୀଙ୍କ ଜନ୍ମ ସ୍ଥାନ ଘୋଷଣା କରାଯାଉ । ରିନ୍ଦ ମାଝୀଙ୍କ ପ୍ରତିମୂର୍ତି ସ୍ଥାପନ କରାଉ । ବରିକିଆ ଗ୍ରାମକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଦିଆଯାଉ । ବରିକିଆରେ ପାର୍କ, ଗୋଷ୍ଠିଗୃହ, ଖେଳପଡିଆ ଆଦି କରି ରିନ୍ଦ ମାଝୀଙ୍କ ନାମରେ ନାମିତ କରାଯାଉ ବୋଲି ଏକ ଦାବୀ ପତ୍ର ଜିଲ୍ଲା ପରିଷଦ ଅଧକ୍ଷା ଙ୍କ ଜରିଆରେ ଜିଲ୍ଲାପାଳଙ୍କ ଦେଇଛନ୍ତି ।

ଖଣ୍ଡପଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୧୦/୧୨ (ଆ.ପ୍ର) : ଖଣ୍ଡପଡ଼ା ସହରର ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ନିର୍ମାଣ ନିମନ୍ତେ ବୁଧବାର ଅପରାହ୍ନରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡା, ନୟାଗଡ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପା ନିକିମା ଲାକ୍ରା, ଡିପିଏମ ପ୍ରକାଶ ବାନାର୍ଜୀ, ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ଆଇଆଇସି ନିହାର ରଞ୍ଜନ ମହାନ୍ତି, ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଳୋଙ୍କ ସମେତ ଖଣ୍ଡପଡ଼ା ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କରାଯାଇ ନିର୍ମାଣ ହେବାକୁ ଯାଉଥିବା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ କେନ୍ଦ୍ରଟି ନୟାଗଡ ଜିଲ୍ଲାର ପ୍ରଥମ କେନ୍ଦ୍ର ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ପୂର୍ତବିଭାଗ କର୍ତୃପକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆସନ୍ତା ୬ ମାସ ମଧ୍ୟରେ ଶେଷ ହେବ ବୋଲି ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ କ୍ଷିରୋଦ ବେହେରାଙ୍କ ଠାରୁ ପ୍ରକାଶ । ଏହି କେନ୍ଦ୍ରଟି କାର୍ଯ୍ୟକ୍ଷମ ହେଲେ ସମଗ୍ର ନୟାଗଡ ଜିଲ୍ଲାବାସୀଙ୍କ ସମେତ ଆଖପାଖ ଜିଲ୍ଲାର ଜନସାଧାରଣ ଉପକୃତ ହେବେ ବୋଲି ଜଣାପଡିଛି ।

ମାନବିକ ଅଧିକାର ଦିବସ ପାଳନ ଓ ସଚେତନତା ସଭା

ଯାଜପୁର, ୧୦/୧୨ (ଆ.ପ୍ର) : ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଙ୍କ ନିର୍ଦ୍ଦେଶ କ୍ରମେ ବିରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ରେ ମାନବିକ ଅଧିକାର ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ସଚୀବ ଲିପା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଓ ଅତିଥି ଆଲୋଚକ ଭାବେ ଯଥାକ୍ରମେ ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟଚୌଧୁରୀ, ଜେଏମ୍ଏଫ୍ ସି ବିଣାପାଣୀ ତାଣ୍ଡି, ସହକାରୀ ଜିଲ୍ଲାପାଳ ବାସୁଦେବ ନାୟକ, ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତା ଡ଼ ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଏହି ଦିବସର ମହତ୍ୱ ସହିତ ଚଳିତ ୨୦୨୫ ମସିହାର ଅନୁଚିନ୍ତା ପ୍ରତିଦିନ ମାନ୍ବିକ ଅଧିକାର ଅପରିହାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଶ୍ରୀ ରାୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ୨୦୨୦ ମସିହା କୋର୍ଟ ନିୟମ ଓ ଏଡିଆର୍ ନିୟମ ୨୦୦୭ ସମ୍ବନ୍ଧ ରେ ଆଲୋଚନା କରିବା ସହିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲିଡିକ୍ ଅନୁବାଦ ସଫ୍ଟୱେର୍ ମାଧ୍ୟମରେ ଉଲ୍ଲେଖନୀୟ ରାୟ ଓ ଅନ୍ୟାନ୍ୟ ଇଂରାଜୀ କାଗଜପତ୍ର କିପରି ବିଭିନ୍ନ ଆଂଚଳିକ ଭାଷାରେ ଜନ୍ମିତ ପାଇଁ କରାଯାଉଛି ତାହା ଅବଗତ କରାଇଥିଲେ । ଅନ୍ୟମାନେ ଏ ଆଇ, କୃତ୍ରିମ ବୁଦ୍ଧିମତାର ଉପଯୋଗ ଓ କାର୍ଯ୍ୟ ପରିସର ବିଷୟରେ ବର୍ଣ୍ଣନା କରିଥିଲେ । ମାଧ୍ୟମିକ ଉଚ୍ଚବିଦ୍ୟାଳୟର ଅଧକ୍ଷ ଗୌର ସୁନ୍ଦର ଦାସ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅଧ୍ୟାପକ ଡ଼ ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀ ରେ ମାଦକ ଦ୍ରବ୍ୟ ସେବନ ଓ ତାରକୁ ପରିଣତି ଶିର୍ଷକ ବକ୍ତୃତା ପ୍ରତିଯୋଗୀତା ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲ । ଏଥିରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଲିପ୍ସାରାଣୀ ଦାସ, ନିଶାରାଣୀ ବିଶ୍ୱାଳ ଓ ମନୋସ୍ମିତା ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ବିଦ୍ୟାଳୟର ଅଧାପିକା ମାନେ ସହଯୋଗ କରିଥିଲେ ।

ବଡ଼ଦିନ ଓ ନୂତନ ବର୍ଷ ପାଳନ ସମ୍ପର୍କେ ଶାନ୍ତି କମିଟି ଅନୁଷ୍ଠିତ

କନ୍ଧମାଳ, ୧୦/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ବାରଟି ବ୍ଲକରେ ବଡ଼ଦିନ ଓ ନୂତନ ବର୍ଷ ଭାଇଚାରାରେ ପାଳନ କରିବା ନିମନ୍ତେ, ଆଜି ତା ୧୦ ଡ଼ିସେମ୍ବର, ୨୦୨୫ରିଖ ଫୁଲବାଣୀ ପଂଚାୟତ ଭବନର ସଭାଗୃହରେ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଏସ୍‌ପି ହରୀଶ ବିସି, ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଏବଂ ଜିଲ୍ଲାର ବିଭିନ୍ନ ବର୍ଗ ଓ ଗୋଷ୍ଠୀର ନେତୃବୃନ୍ଦ ଏବଂସରକାରୀ ଓ ବିଭିନ୍ନ ବେସରକାରୀ ପୁଣି ଜିଲ୍ଲାର ଖ୍ରୀଷ୍ଟିୟାନ ସମାଜର ନେତୃବୃନ୍ଦଙ୍କ ଉପସ୍ଥିତିରେ ଶାନ୍ତି କମିଟି ଅନୁଷ୍ଠିତ ହୋଇଯାଇଛି । ଆଗାମୀ ବଡ଼ଦିନ ୨୦୨୫ ଓ ନୂତନ ବର୍ଷ ୨୦୨୬କୁ ଆନନ୍ଦରେ ପାଳନ କରିବା ପାଇଁ ସମସ୍ତେ ଏକମତ ପ୍ରକାଶ କରିଅଛନ୍ତି । ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବା ସହ ପେଟ୍ରଲିଂ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି ପୁଣି ଜନ ସାଧାରଣ ମଧ୍ୟ ଶାନ୍ତି ପୂର୍ଣ୍ଣ ଭାବେ ପାଳନ କରିବାକୁ ଯତ୍ନବାନ ହେବାକୁ ମତପ୍ରକାଶ କରିଛନ୍ତି ।

ପିକରଡ଼ି ଗ୍ରାମରେ ବିଶ୍ୱମାନବ ଅଧିକାର ଦିବସ ପାଳିତ

ଟିକାବାଲି, ୧୦/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ପିକରଡ଼ି ଗ୍ରାମପଂଚାୟତର ଗୁଡାବିଦୁଙ୍ଗିଆ ଗ୍ରାମରେ ସ୍ଥାନୀୟ ଲୋକ ସଂଗଠନ ଜୀବିକା ସୁରକ୍ଷା ମଂଚ କନ୍ଧମାଳ ଶାଖା ଟିକାବାଲି ବ୍ଲକ ସଭାନେତ୍ରୀ ଉର୍ମିଳା ପ୍ରଧାନଙ୍କ ସଭାପତିତ୍ୱ ରେ ଆଜି ବିଶ୍ୱ ମାନବ ଅଧିକାର ଦିବସ ଅତି ଧୂମଧାମ ରେ ପାଳିତ ପାଳିତ ହୋଇଥିବାର ଦେଖିବାକୁ ମିଳିଛି । ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସମସ୍ତଙ୍କ ମନରେ ମାନବ ଅଧିକାର ପ୍ରତି ସଚେତନ ସୃଷ୍ଟି କରିବା । ଦେଖାଯାଏ ଯେ ବିଶ୍ୱର ବିଭିନ୍ନ ସ୍ଥାନରେ ମାନବ ଅଧିକାର ଉଲଂଘନକୁ ରୋକିବା ପାଇଁ ପଦକ୍ଷେପ ନେବା ଓ ସରକାରଙ୍କୁ ସେମାନଙ୍କ ର ନାଗରିକଙ୍କ ଅଧିକାର ସୁରକ୍ଷା ପାଇଁ ଉତ୍ତର ଦାୟୀ କରିବା । ମାନବ ଅଧିକାର ହେଉଛି ସେହି ମୌଳିକ ଅଧିକାର ଯାହା ଏକ ମଣିଷକୁ ସମ୍ମାନର ସହିତ ସ୍ୱାଧୀନତା ଭାବରେ ଏବଂ ସୁରକ୍ଷିତ ଭାବରେ ବଂଚିବା ପାଇଁ ଅତ୍ୟନ୍ତ ଆବଶ୍ୟକ । ଏଥିରେ ଅନ୍ତର୍ଭୁକ୍ତ ଅଧିକାର ଗୁଡିକ ହେଉଛି । ଜୀବନ ଧାରଣା ର ଅଧିକାର, ସ୍ୱାଧୀନତାର ଅଧିକାର, ସମାନତାର ଅଧିକାର, ଶିକ୍ଷାଗ୍ରହଣ କରିବାର ଅଧିକାର, ଏବଂ ନିର୍ଯାତନାରୁ ବଂଚିବାର ଅଧିକାର, ଆମେ ସମସ୍ତେ ଏହି ଅଧିକାର ନେଇ ଜନ୍ମ ଗ୍ରହଣ କରିଛୁ । ତେଣୁ କୌଣସି ସରକାର କିମ୍ବା କୌଣସି ବ୍ୟକ୍ତି ଏହା କୁ ଛଡ଼ାଇ ନେଇ ପାରିବ ନାହିଁ । କିନ୍ତୁ ଆଜି ମଧ୍ୟ ବିଶ୍ୱର ଅନେକ ସ୍ଥାନରେ ମାନବ ଅଧିକାରର ଉଲଂଘନ ହେଉଥିବାର ଦେଖିବାକୁ ମିଳିଛି । ଯାହା ଦ୍ୱାରା ଅନେକ ଲୋକ ଦରିଦ୍ରତା, ଅନ୍ୟାୟ, ଭେଦଭାବ, ଓ ହିଂସାର ଶିକାର ହେଉଛନ୍ତି । ଯେପରିକି ଶିଶୁ ଶ୍ରମିକ ମହିଳାଙ୍କ ପ୍ରତି ହେଉଥିବା ହିଂସା, ଏବଂ ଅସହାୟ ଲୋକଙ୍କୁ ସେମାନଙ୍କର ଅଧିକାରରୁ ବଂଚିତ କରିବା ଆଜି ମଧ୍ୟ ଏକ ବଡ଼ ସମସ୍ୟା ତେଣୁ ମାନବ ଅଧିକାର ଦିବସ କେବଳ ପାଳନ କରିବାର ଦିନ ନୁହେଁ ବରଂ ଏହା ହେଉଛି ପ୍ରତିଶ୍ରୁତି ନେବାର ଦିନ ବୋଲି ଆଜିର ବୈଠକର ଏକ ଶୀର୍ଷକ ଅଭିଭାଷଣରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଜୀବିକା ସୁରକ୍ଷା ମଂଚ ଟିକାବାଲି ବ୍ଲକ ସଂଯୋଜକ ସଂଜୀବ ଦିଗାଲ । ଏବଂ କହିଥିଲେ ସଂଗଠନ କରିବା ଶିକ୍ଷିତ ହେବା ଓ ଅନ୍ୟାୟ ବିରୋଧରେ ସ୍ୱର ଉତୋଳନ କରି ଏକ ସୁସ୍ଥ ସମାଜ ଗଠନ କରିବା ବୋଲି ମତବ୍ୟକ୍ତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ସଂଗଠନର ସାଥି ଚିତରଞ୍ଜନ ପ୍ରଧାନ, ଜନସାଥୀ ସୁନିତା ପ୍ରଧାନ, ପ୍ରଣୀତ ଦିଗାଲ, କମିଟି ସଦସ୍ୟ ସଦସ୍ୟା ଗିତା ପ୍ରଧାନ କାମରାଣୀ ପ୍ରଧାନ ଗାନ୍ଧାରୀ ମଲିକ, ନିତ୍ୟାନନ୍ଦ ପ୍ରଧାନ, ସୁବାଷ ପ୍ରଧାନ ସମେତ ବହୁ ଭଦ୍ରବ୍ୟକ୍ତି ଗଣ ଉପସ୍ଥିତ ରହି ଆଜିର କାର୍ଯ୍ୟକ୍ରମ ଟିକୁ ପ୍ରଶଂସନୀୟ କାର୍ଯ୍ୟକ୍ରମ ବୋଲି ମନେ କରିଥିଲେ ।

ଛାୟା ମିଳିତ ଜାତିସଙ୍ଘ ମହାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ

ଦଶପଲ୍ଲା, ୧୦/୧୨ (ଆ.ପ୍ର) : ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦ୍ୱାରଗାଁ ଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ଛାୟା ମିଳିତ ଜାତିସଙ୍ଘ ସମ୍ବନ୍ଧୀୟ ମହାସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସତେଇଶିଟି ଦେଶର ପ୍ରତିନିଧି ଭାବ ରେ ଛାତ୍ର ଛାତ୍ରୀ ମାନେ ଅଭିନୟ କରି ଜଳବାୟୁ ପରିବର୍ତନ ଉପରେ ବିତର୍କ କରିଥିଲେ । ତେବେ ଜଳବାୟୁ ପରିବର୍ତନ କୁ ଦୃଷ୍ଟି ରେ ରଖି ଦେଶ ଗୁଡିକର ବିକାଶ କିପରି ଜାରି ରହିବ ତାହା ଉପରେ ସମସ୍ତେ ଆଲୋଚନା କରିବା ସହ ଜାତିସଙ୍ଘ ସଭାପତି ହୋଇଥିବା ଶ୍ରେୟା ମିଶ୍ରଙ୍କ ପ୍ରସ୍ତାବକୁ ସମସ୍ତେ ଗ୍ରହଣ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭାସ୍କର ଚନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ସାହୁ ଛାତ୍ର ଛାତ୍ରୀ ମାନଙ୍କୁ ମାନ ପତ୍ର ପ୍ରଦାନ କରିବା ସହିତ ଉଦବୋଧନ ପ୍ରଦାନ କରିଥିଲେ ।

ସଚଳ ହୋଇପାରୁନି ଅଚଳ ଆକ୍ୱାଗାର୍ଡ

ଦଶପଲ୍ଲା, ୧୦/୧୨ (ଆ.ପ୍ର) :ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେଥିବା ଟୀକାକରଣ କେନ୍ଦ୍ରରେ ରୋଗୀ ଓ ସହାୟକ ମାନଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ନିମନ୍ତେ ଏକ ଆକ୍ୱାଗାର୍ଡ ସ୍ଥାପନା କରାଯାଇଥିଲା । ହେଲେ ଦୁଃଖର ବିଷୟ କିଛି ଦିନ କାର୍ଯ୍ୟକ୍ଷମ ହେବା ପରେ ଆକ୍ୱାଗାର୍ଡଟି ବର୍ଷାଧିକ୍ କାଳ ଧରି ଅଚଳ ହୋଇପଡିଛି । ଯାହାକୁ ନେଇ ସାଧାରଣରେ ବେଶ ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଅଚଳ ଆକ୍ୱାଗାର୍ଡଟିକୁ ସଚଳ କରି ଲୋକଙ୍କୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିବା ଅନିବାର୍ଯ୍ୟ ହୋଇ ପଡିଛି । ସୂଚନା ଯୋଗ୍ୟ ଯେ, ଏହି ଆକ୍ୱାଗାର୍ଡଟି ବ୍ଲଡ୍ ବ୍ୟାଙ୍କ, ଯକ୍ଷ୍ମା, ଜନ୍ମ ମୃତ୍ୟୁ ପଞ୍ଜୀକରଣ, କୁଷ୍ଠ ବିଭାଗକୁ ଆସୁଥିବା ରୋଗୀ ଓ ସହାୟକ ମାନଙ୍କୁ ସେବା ଯୋଗାଇବାର ଲକ୍ଷ୍ୟରେ ସ୍ଥାପନା କରାଯାଇଛି ।

ଆନ୍ତର୍ଜାତୀୟ ମାନବାଧିକାର ଦିବସ : ମଣିଷ ପରି ବଂଚି ରହିବାର ଭାବଧାରା ହିଁ ମାନବିକ ଅଧିକାର

ବଣାଇଁ, ୧୦/୧୨ (ଆ.ପ୍ର) : ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ମାନବାଧିକାର ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ଆଜି ବଣାଇଁ ସହରରେ ଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ବଣାଇଁ ତାଲୁକ ଆଇନ ସହାୟତା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସହାୟତା ସମିତିର ଅଧକ୍ଷ ଆଶୁତୋଷ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇଁ ସବ ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସଡିଜେଏମ ପ୍ରୀତିଶ ମିଶ୍ର, କୋଇଡା ଜେଏମଏଫସି ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ ଯୋଗଦେଇ ମାନବାଧିକାର ଦିବସରେ ଲୋକମାନେ ନିଜର ଅଧିକାର ପ୍ରତି କିପରି ସଚେତନ ରହିବେ ସେହି ଉଦ୍ଦେଶ୍ୟରେ ମୁଖ୍ୟ ଅତିଥି ବିସ୍ତୃତ ଭାବରେ ବର୍ଣ୍ଣନା କହିଥିଲେ । ମାନବାଧିକାର ଆଇନ୍ ମଧ୍ୟରେ ସ୍ୱାସ୍ଥ୍ୟ, ଆର୍ଥିକ, ସାମାଜିକ ଓ ଶିକ୍ଷା ଭଳି ଅଧିକାର ସାମିଲ ହୋଇଛି । ସମାଜରେ ମଣିଷ ଆତ୍ମମର୍ଯ୍ୟାଦା ଓ ସ୍ୱାଭିମାନ ସହିତ ବଂଚିବାକୁ ମାନବିକ ଅଧିକାର କୁହାଯାଏ । ମାନବିକ ଅଧିକାରଯୁକ୍ତ ସ୍ୱାଭିମାନକୁ ହିଁ ଆମେ ମଣିଷର ଜୀବନ ବୋଲି ଗ୍ରହଣ କରିଥାଉ । ମନୁଷ୍ୟ ଜନ୍ମ ହେବା ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମର୍ଯ୍ୟାଦାପୂର୍ଣ୍ଣ ଭାବେ ବଂଚିରହିବା ପାଇଁ ଯେଉଁ ଅଧିକାର ଗୁଡିକ ଅତ୍ୟନ୍ତ ପ୍ରୟୋଜନ ହୋଇଥାଏ ତାହାକୁ ସାଧାରଣତଃ ମାନବିକ ଅଧିକାର କୁହାଯାଇଥାଏ ମନୁଷ୍ୟ ପାଇଁ ଏହା ପ୍ରକୃତିଦତ୍ତ ଅଧିକାର । ଏହା ସମ୍ବିଧାନ ଦ୍ୱାରା ପ୍ରଦତ୍ତ ନୁହେଁ । ଏ ଅଧିକାର ପ୍ରତ୍ୟେକ ବ୍ୟକ୍ତି, ଜାତ, ବର୍ଣ୍ଣ, ଭାଷା ଓ ଆଂଚଳିକ ଭେଦଭାବ ଭୁଲି ପ୍ରକୃତି ପ୍ରତ୍ୟେକଙ୍କୁ ଦେଇଥାଏ । ସାଧାରଣ ଭାବେ ଏହା ମଧ୍ୟ କୁହାଯାଇପାରେ ଯେ ମଣିଷ ପରି ବଂଚି ରହିବାର ଭାବଧାରା ହିଁ ମାନବିକ ଅଧିକାରକୁ ବୁଝାଏ । ଏହି ପ୍ରକୃତିଦତ୍ତ ଅଧିକାର ଗୁଡିକ ମଧ୍ୟରୁ କେତେକ ଅଧିକାରକୁ ଆନ୍ତର୍ଜାତିକ ସ୍ତରରେ ଓ ଗୋଷ୍ଠୀଗତ ଭାବେ ମାନବିକ ଅଧିକାର ଭାବେ ନିର୍ଦ୍ଧାରଣ କରାଯାଇଛି । ମାନବିକ ଅଧିକାର ସୁରକ୍ଷିତ ରହିଲେ ପ୍ରତ୍ୟେକ ବ୍ୟକ୍ତିର ସମ୍ମାନ ଏବଂ ବ୍ୟକ୍ତି ନିଜେ ସୁରକ୍ଷିତ ରହିବ । ଏହା ମଣିଷର ଜନ୍ମଗତ ଅଧିକାର ବୋଲି ଅତିଥି ମାନେ ପ୍ରକାଶ କରିବା ସହ ମାନବାଧିକାର ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡ, ଶିଶୁ ବିକାଶ ବିଭାଗ ଅଧିକାରୀ ବୀଣାପାଣି ନାଏକ ସ୍କୁଲ ଅଧକ୍ଷ ପ୍ରଶାନ୍ତ କୁମାର ନାଏକ, ରିଟେନର ମାନସ ରଞ୍ଜନ ପତି, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ସିଭିଲ କୋର୍ଟର କର୍ମଚାରୀ ବ୍ରିଜେଶ କୁମାର ସାହୁ,ତପନ କୁମାର ପାଇକରାୟ ଏବଂ ଅନ୍ତର୍ଯ୍ୟାମୀ ପାତ୍ର ସହାୟତା ପ୍ରଦାନ କରିଥିଲେ ।

ଲିଙ୍ଗଭିତିକ ହିଂସା ନିବାରଣର ୧୬ ଦିନିଆ ସକ୍ରିୟତା ଏବଂ ଅନ୍ତର୍ଜାତୀୟ ମହିଳା ବିରୋଧୀ ହିଂସା ନିବାରଣ ପକ୍ଷ ପାଳନର ଜିଲ୍ଲାସ୍ତରୀୟ ଉଦ୍‌ଯାପନୀ

ନବରଙ୍ଗପୁର, ୧୦/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଲିଙ୍ଗଭିତିକ ହିଂସା ନିବାରଣର ୧୬ ଦିନିଆ ସକ୍ରିୟତା ଏବଂ ଅନ୍ତର୍ଜାତୀୟ ମହିଳା ବିରୋଧୀ ହିଂସା ନିବାରଣ ପକ୍ଷ ପାଳନର ଜିଲ୍ଲାସ୍ତରୀୟ ଉଦଯାପନୀ ଦିବସ ପାଳନ କରାଗଲା । ଚଳିତ ବର୍ଷର ଥିମ ମହିଳା ଏବଂ ବାଳିକାଙ୍କ ପ୍ରତି ଡିଜିଟାଲ୍ ହିଂସାକୁ ସମାପ୍ତ କରିବାକୁ ଏକଜୁଟ ହେବାକୁ ନେଇ ନଭେମ୍ବର ୨୫ ଡାବୁଗାଁ ମିଶନ ଶକ୍ତି ଗୃହ ରେ ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟନ ହୋଇଥିବା ସହ ଆଜି ଉଦଯାପନୀ କାର୍ଯ୍ୟକ୍ରମ ମଧ୍ୟ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗଙ୍କ ନେତୃତ୍ୱରେ ଆଇ ଏସ ଆର ଡି ୱାନ ଷ୍ଟପ ସେଂଟର୍ ଦ୍ୱାରା ପାଳନ କରାଗଲା । ୧୬ ଦିନରେ ପ୍ରତ୍ୟେକ ଦିନରେ ଭିନ୍ନ ପ୍ରକାର ଥିମ ଅନୁସାରେ ସଂଯୁକ୍ତ ବିଭାଗ ସହ ମିଶି ମହିଳା ଏବଂ ବାଳିକା ମାନଙ୍କ ହିଂସା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ଗ୍ରାମ ସ୍ତରୀୟ, ପଂଚାୟତ ସ୍ତରରେ, ବ୍ଲକ ସ୍ତରରେ ଏବଂ ଜିଲ୍ଲା ସ୍ତରରେ ଅନୁଷ୍ଠାନିକ ଭାବରେ କରାଯାଇଅଛି । ଆଜି ଏହି କାର୍ଯ୍ୟକ୍ରମର ଉଦଯାପନୀ ଅବସରରେ ସମାଜରେ ନାରୀ ହିଂସା ବିରୁଦ୍ଧରେ କାର୍ଯ୍ୟ ଏବଂ ସାହାଯ୍ୟ କରୁଥିବା ସଂଯୁକ୍ତ ବିଭାଗର ଅଧିକାରୀ ତଥା ଅଧିକାରିଣୀ ମାନଙ୍କୁ ଜିଲ୍ଲା ସ୍ତରରେ ସମ୍ମାନିତ କରାଯାଇଅଛି । ଏହି ଅବସରରେ, ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ସ୍ୱାଗତ ସମ୍ଭାଷଣ ଦେଇ ଉପସ୍ଥିତ ରହିଥିବା ସମସ୍ତଙ୍କୁ ମହିଳା ଏବଂ ବାଳିକା ହିଂସାକୁ ରୋକିବା କ୍ଷେତ୍ରରେ ୱାନ ଷ୍ଟପ ସେଂଟର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ୱାନ ଷ୍ଟପ ସେଂଟର କେନ୍ଦ୍ର ପ୍ରଶାସକ ରଞ୍ଜିତା ସାହୁ ୧୬ ଦିନର କାର୍ଯ୍ୟକ୍ରମକୁ ବର୍ଣ୍ଣନା କରିଥିଲେ । ଏହି ଅବସରରେ ସଖୀ କେନ୍ଦ୍ର ତରଫରୁ ମେଡିକାଲ ବିଭାଗ, ପୋଲିସ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶିଶୁ ମଙ୍ଗଳ କମିଟି ଅଧିକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାଂସ୍କୃତିକ ଅଧିକାରୀ, ସବଡ଼ିଭିଜନ ସୁରକ୍ଷା ଅଧିକାରୀ, ସିଡିପିଓ ନନ୍ଦାହାଣ୍ଡି ଏବଂ ପାପଡାହାଣ୍ଡି, କାଉନସେଲର ୱାର୍ଡ ୪, ପ୍ରିନସିପାଲ ନବରଙ୍ଗପୁର ପବ୍ଲିକ ସ୍କୁଲ, ଜିଲ୍ଲା ସଂଯୋଜିକା, ଡ଼ି ଏଚ ଇ ଡବ୍ଲୁ, ଜିଲ୍ଲା ସଂଯୋଜିକା ଶୋଭା ଜିଲ୍ଲା ସଂଯୋଜିକା ଚାଇଲଡ ହେଲ୍ପ ଲାଇନ, ସମାଜ ସେବି ମନୋରମା ମାଝୀ, ପ୍ରଭାତୀ ବିଶୋୟୀ ମହିଳା ସାମ୍ବାଦିକ, ଆଶା ସଂଯୋଜକ, ପିରାମୋଲ ଫାଉଣ୍ଡେସନ ପ୍ରୋଗ୍ରାମ ମ୍ୟାନେଜର, ଶକ୍ତି ସଦନ ପରିଚାଳିକା ନବରଙ୍ଗପୁର ଏବଂ ଡାବୁଗାଁ ସମସ୍ତଙ୍କୁ ସମ୍ମାନିତ କରିବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ୱାନ ଷ୍ଟପ ସେଂଟର ଷ୍ଟାଫଙ୍କୁ ସମ୍ମାନିତ କରାଗଲା ଶେଷରେ ଶ୍ରୀମତୀ ରମା ପଟ୍ଟନାୟକ ସୁରକ୍ଷା ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ କିଶୋରୀ ପଟନାୟକ ଆଇନ ପରାମର୍ଶ ଦାତ୍ରୀ, ସ୍ମରଣିକା ପଟ୍ଟନାୟକ ପରାମର୍ଶ ଦାତ୍ରୀ, ଜସ୍ମିନ ସିଂ ଏବଂ ପିନି ଖୋସଲା କେସ ୱାର୍କର, ମୋଲବି ପର୍ପୋଜ ୱାର୍କର, ଟୁନି କନ୍ଧପଣ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

‘ଚଇତି-୨୦୨୫’ ମହୋତ୍ସବ : ଶୋଭାଯାତ୍ରା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ରାୟଗଡ଼ା,୧୦/୧୨ (ଆ.ପ୍ର) : ଆଗାମୀ ରାୟଗଡ଼ା ଜିଲ୍ଲା ମହୋତ୍ସବ 'ଚଇତି-୨୦୨୫' ପାଳନ ଉପଲକ୍ଷେ ରାୟଗଡ଼ା ପୌରପାଳିକା ସମ୍ମିଳନୀ କକ୍ଷରେ ଶୋଭାଯାତ୍ରା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହୋତ୍ସବର ଶୋଭାଯାତ୍ରାକୁ ଆଡମ୍ବରପୂର୍ଣ୍ଣ ଏବଂ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଗ୍ରହଣ କରାଯାଇଥିବା ପ୍ରମୁଖ ନିଷ୍ପତ୍ତିଗୁଡିକ ନିମ୍ନରେ ପ୍ରଦାନ କରାଗଲା ଶୋଭାଯାତ୍ରା କାର୍ଯ୍ୟସୂଚୀ: ଶୋଭାଯାତ୍ରା ଅପରାହ୍ନ ୨.୩୦ ମିନିଟ ସମୟରେ ମାଁ ମଝିଘରିଆଣୀ ମନ୍ଦିରରୁ ବାହାରି ସନ୍ଧ୍ୟା ୬.୦୦ ଘଟିକା ସୁଦ୍ଧା ଜିସିଡି ପଡିଆରେ ପହଂଚିବ । ଦାୟିତ୍ୱ ବଂଟନ: ରଥ ନିର୍ମାଣ ଓ ସାଜସଜ୍ଜା ଦାୟିତ୍ୱ ଜଗନ୍ନାଥ କମିଟି ଉପରେ ନ୍ୟସ୍ତ କରାଯାଇଛି । ସେହିପରି ବିଭିନ୍ନ ସାଂସ୍କୃତିକ ଦଳର ପରିଚାଳନା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା: ଶୋଭାଯାତ୍ରା ସମୟରେ କଡା ସୁରକ୍ଷା ଯୋଗାଇଦେବା ପାଇଁ ସିଆରପିଏଫ୍ ଏବଂ ପୋଲିସ୍ ବାହିନୀ ଏସ୍କର୍ଟ ଦାୟିତ୍ୱରେ ରହିବେ । ଦିନ ୧.୦୦ ଘଟିକା ସୁଦ୍ଧା ରାସ୍ତା ବ୍ୟାରିକେଡିଂ କରାଯାଇ ସାଧାରଣ ଯାତାୟାତ ବନ୍ଦ କରାଯିବ । ଏହି ବିଶାଳ ଶୋଭାଯାତ୍ରାକୁ ସଫଳ କରିବା ପାଇଁ ସମସ୍ତ ସଙ୍ଘ ଓ ସହରବାସୀଙ୍କ ସହଯୋଗ ଏବଂ ସମର୍ଥନ ପାଇଁ ଅଧ୍ୟକ୍ଷ ମହୋଦୟ ଅନୁରୋଧ କରିଥିଲେ । ଏହି ବୈଠକରେ ଉପ-ଜିଲ୍ଲାପାଳ, ତହସିଲଦାର, ବିଡିଓ, ଥାନା ଅଧିକାରୀ, ରିଜର୍ଭ ଇନ୍ସପେକ୍ଟର, ସିଆରପିଏଫ୍ କର୍ତ୍ତୃପକ୍ଷ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହା ବ୍ୟତୀତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଯଥା - ଜୁଏଲାରୀ ଆସୋସିଏସନ୍, ୱାକର୍ସ କ୍ଲବ୍, ବ୍ରାହ୍ମଣ ସମାଜ, ବୈଶ୍ୟ ସମାଜ, ବଣିକ ସଂଘ ଏବଂ କ୍ଷୁଦ୍ର ବ୍ୟବସାୟୀ ସମାଜର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆଶ୍ରମ ବିଦ୍ୟାଳୟ ମିଳିତ ସମୀକ୍ଷା କାର୍ଯ୍ୟ କ୍ରମ ଅନୁଷ୍ଠିତ

ମୈଦଳପୁର,୧୦/୧୨ (ଆ.ପ୍ର) : ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଆଶ୍ରମ ବିଦ୍ୟାଳୟ ଗାଦବା କଡରାରେ ସିଆରସିସି ବାବୁଲାଲ ସାଗର, ସେମଲା ଓ ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡ଼ା ସହ ଶ୍ରେଣୀ ପରିଦର୍ଶନ ରେ ପିଲାଙ୍କ ଶିକ୍ଷା ସ୍ତରରେ କେମିତି ଉନ୍ନତି ହେବ ଏଥିପାଇଁ ସିଆରସିସି ସାଗର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଓ ପରିଡ଼ା ସାରଙ୍କ ସହ ଆଲୋଚନାରେ ଶିକ୍ଷକ ସମସ୍ୟା, ପିରୟଡ ସମସ୍ୟା, ଶ୍ରେଣୀ ଗୃହ ସମସ୍ୟା ମଧ୍ୟରେ ବହୁ ଶ୍ରେଣୀୟ ଶିକ୍ଷା ଓ ଲେସନ ନୋଟର ଗୁରୁତ୍ୱ ପୂର୍ଣ୍ଣ ବାବଦରେ ଆଲୋକ କରି ଲେସନ ନୋଟ ଦ୍ୱାରା ଏକାଡେମିକ ପାଠର ଅଗ୍ରଗତି, ପିଲାଙ୍କ ଜାଣିବା ଧାରା, ଶିକ୍ଷା ନିୟମ ଅନୁସରଣ, ଶିକ୍ଷକ ସେବା ପୁସ୍ତିକାର ପ୍ରମୁଖ କାର୍ଯ୍ୟ, ଶିକ୍ଷାଦାନ ବେଳେ ମଧ ଶିକ୍ଷକ ଜଣକ ଲେସନ ନୋଟ ନଲେଖିଲେ ଶିକ୍ଷକ ଶିକ୍ଷା ସେବା ପୁସ୍ତିକାର ଉଲ୍ଲଘନ ନକରି ଶିକ୍ଷକ ଭାବେ ଲେସନ ନୋଟ ସହ ୪୫ ମିନିଟ ବିନିଯୋଗ ପାଇଁ ମତ ପ୍ରକାଶରେ ନିପୁଣ ଆପରେ ଶ୍ରେଣୀ ପର୍ଯ୍ୟବେକ୍ଷଣ କାର୍ଯ୍ୟ ପାଇଁ ଲେସନ ନୋଟର ତାତ୍ପର୍ଯ୍ୟ ବାବଦରେ ଆଲୋକ ପ୍ରଦାନ କରିଥିଲେ । ବ୍ଲକ ମଙ୍ଗଳ ଅଧିକାରୀ ବିଦ୍ୟାଳୟ ଗ୍ରାଂଟ ବ୍ୟବହାର ପାଇଁ ଅବଗତ ସହ ଶିକ୍ଷାର ଉନ୍ନତି ପାଇଁ ପିଲାଙ୍କୁ ଶିକ୍ଷାଦାନ କରି ଭଲ ମଣିଷ ପାଇଁ ପ୍ରୟାସର ଆବଶ୍ୟକତା ବାବଦରେ ଜଣାଇଲେ । ସିଆରସିସି ଓ ମଂଗଳ ଅଧିକାରୀଙ୍କୁ ବିଦ୍ୟାଳୟର ପରିଚାଳନା କମିଟି, ଗ୍ରାମବାସୀ ଓ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରିଥିଲେ ।

ସୌରୀ ଚରଣ ପି ଏବଂ ଟି ଟ୍ରଷ୍ଟ ପକ୍ଷରୁ ମିନି ମାରାଥନ

ଟାଙ୍ଗୀ ଚୌଦ୍ୱାର, ୧୦/୧୨ (ଆ.ପ୍ର) : ସୌରୀ ଚରଣ ପି ଓ ଟି ଟ୍ରଷ୍ଟ ପକ୍ଷରୁ ଘଂଟିଖାଲ ଆରତୀ ୧ନମ୍ବର ଗେଟ ଠାରୁ କଖଡି ପର୍ଯ୍ୟନ୍ତ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମାରାଥନରେ ଟ୍ରଷ୍ଟ ଓ ଏକାଡେମିର ପ୍ରଶିକ୍ଷଣ ନେଉଥିବା ଭାରତୀୟ ସୈନ୍ୟ ବାହିନୀ, ଓଡିଶା ଆରକ୍ଷୀ ତଥା ଅଗ୍ନିଶମ ବିଭାଗର ବିଭିନ୍ନ ପଦପି ନିମନ୍ତେ ନିଃଶୁଳ୍କ ପ୍ରଶିକ୍ଷଣ ନେଉଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନେ ଏହି ମିନି ମାରାଥନରେ ଯୋଗ ଦେଇଥିଲେ, ଟ୍ରଷ୍ଟର ସଭାପତି ସୌରୀ ଚରଣ ପ୍ରଧାନଙ୍କ ଅଧକ୍ଷରେ ଅନୁଷ୍ଠିତ ମାରାଥନରେ ମୁଖ୍ୟ ଅତିଥି ଭାବେ କଖଡି ପଂଚାୟତର ସରପଂଚଙ୍କ ପ୍ରତିନିଧି ତଥା ଗାଁ ସଭାପତି ଦିଲ୍ଲୀପ କୁମାର ଛତାର, ସମ୍ମାନିତ ଅତିଥି ଭାବେ, ଘଂଟିଖାଲ ଫାଣ୍ଡି ଅଧିକାରୀ ସୁନୀଲ କୁମାର ସାମଲ, ଘଂଟିଖାଲ ସରପଂଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ବିଶ୍ୱାଳ, ଜେନାପୁର ଗ୍ରାମର ସମାଜ ସେବୀ ଲକ୍ଷ୍ମୀଧର ପ୍ରଧାନ, ଟ୍ରଷ୍ଟର ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ମାରାଥନକୁ ଉଦଘାଟନ କରିଥିଲେ । ପ୍ରକାଶ ଥାଉକି ଉକ୍ତ ଟ୍ରଷ୍ଟରେ ପ୍ରଶିକ୍ଷଣ ନେଉଥିବା ୧୨ ଜଣ ଛାତ୍ର ଛାତ୍ରୀ ଭାରତୀୟ ସୈନ୍ୟ ବାହିନୀ ନିମନ୍ତେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଛନ୍ତି, ଯାହାକି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଆସନ୍ତା ୧୩ ତାରିଖ ଦିନ ଏକ ବିଜୟ ଉତ୍ସବ ପାଳନ କରିବା ସହ ସେମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକର୍ମ ରହିଛି, ତତସହିତ ଉକ୍ତ ମାରାଥନରେ ଯୋଗ ଦେଇଥିବା ଏକ ଶହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ତିନି ଜଣ ଛାତ୍ର ଓ ତିନି ଜଣ ଛାତ୍ରୀଙ୍କୁ ମଧ୍ୟ ବିଜୟ ଦିବସରେ ସମ୍ମାନିତ କରିବାର କାର୍ଯ୍ୟକର୍ମ ରହିଛି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଉକ୍ତ ମାରାଥନରେ ରତିକାନ୍ତ ବେହେରା, ବଳରାମ ବେହେରା, ଅଭିନାଶ ବେହେରାଙ୍କ ସହ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସହଯୋଗ ରେ ମାରାଥନ ସଫଳ ହୋଇଛି । ପରିଶେଷରେ ଟ୍ରଷ୍ଟର ସହ ସମ୍ପାଦକ ପ୍ରଦୀପ କୁମାର ନାୟକ ସମସ୍ତ ଅତିଥି ଓ ମୁଖ୍ୟ ଅତିଥିଙ୍କ ସହ ଖୁଂଟୁଣୀ ଟ୍ରକ ମାଲିକ ସଂଘ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ପିଲାମାନଙ୍କ ପାଇଁ ଯୋଗାଇ ଦେଇଥିବାରୁ ଟ୍ରକ ମାଲିକ ସଙ୍ଘ ଖୁଂଟୁଣୀର ସଭାପତିଙ୍କ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

୧୯ବର୍ଷର ଛାତ୍ର ଅନିଲଙ୍କ ଦୁଇଟି କୀଡୀନ ନଷ୍ଟ ଚିନ୍ତାରେ ପରିବାର ଲୋକେ

ଧାମନଗର, ୧୦/୧୨ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ କାସିମପୁର ପଂଚାୟତ ଝଡ଼ିମାହାର ଗ୍ରାମରେ ରେ ଏକ ଦୁଃଖଦ ଖବର ଦେଖିବାକୁ ମିଳିଛି ଏଇ ଗ୍ରାମର ଥିବା ମୁକ୍ତିକାନ୍ତ ଦାସଙ୍କ ବଡ଼ ପୁଅ । ମୁକ୍ତିକାନ୍ତ ଗାଡି ଚଳାଇ ନିଜ ପରିବାର ପ୍ରତିପୋଷଣ କରି ଥାନ୍ତି । ବଡ ପୁଅ ଅନିଲ କୁମାର ଦାସ (୧୯)ଅସୁରାଳି ସ୍ମିତଇଉଞ୍ଜ କଲେଜରେ ଚଳିତବର୍ଷ ମେକାନିକାଲ ଇଂଜିନିୟରି ପାଠ ପଢୁ ଥିଲେ । ହଟାତ ନିଜକୁ ଅସୁସ୍ଥ ମନେ କରୁଥିଲେ ନିଜ ବାପାଙ୍କୁ ଜଣାଇଲେ ପରେ ବାପା ମା କଟକ 'ଏସ ସି ବି 'ଚିକିତ୍ସାଳୟରେ ଦେଖାଇ ଥିଲେ ସେଠାରୁ ପ୍ରାଥମିକ ଚିକିତ୍ସାରୁ ଜଣା ପଡି ଥିଲା ଅନିଲଙ୍କ ଦୁଇଟି ଯାକ କିଡ଼ନୀ ପାଣି ଜମି ଯାଇଛି ପରେ କଟକରେ ଥିବା ଆଉ ଏକ ଘରୋଇ ଚିକିତ୍ସାଳୟରୁ ଜଣା ପଡିଥିଲା ଅନିଲଙ୍କ ଦୁଇଟି କିଡ଼ନୀ ନଷ୍ଟ ହୋଇଯାଇଛି ଏଇ ଖବର ପାଇ ପରିବାରରେ ବାପା ମା'ଙ୍କ ଠାରୁ ବନ୍ଧୁ ବାନ୍ଧବ ସାଙ୍ଗସାଥି ପର୍ଯ୍ୟନ୍ତ ସମସ୍ତେ ଦୁଃଖରେ ଭାଙ୍ଗି ପଡି ଥିଲେ । ରୋଜଗାର ବୋଲି ଗାଡି ଚଳାଇ ନିଜ ପରିବାର ଚଳାଇ ଥାନ୍ତି ମୁକ୍ତିକାନ୍ତ ଏତେ ଅର୍ଥ ଆଣିବେବା କଉଠୁ ପୁଅର ଚିକିତ୍ସା ପାଇଁ କଉ ବଡ଼ ଚିକିତ୍ସାଳୟରେ ତାଙ୍କୁ ଭଲ କରିବାପାଇଁ ଦେଖାଇବେ । କିଛିଦିନ ଧରି ଏବେ ଅନିଲ ଇଗଓଙ୍ଗ ରେ ଭର୍ତି ଅଛନ୍ତି । ପୁଅର ଦୁଃଖ ନେଇ ମୁକ୍ତିକାନ୍ତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହିତ ସାକ୍ଷାତ କରି ପୁଅର ସମସ୍ତ ଖବରମାନ ଜଣାଇ ଥିଲେ ଏହା ନେଇ ମନ୍ତ୍ରୀ ମୋହୋଦୟ ସମସ୍ତ ଖବର ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଯଦି କୌଣସି ସୁ ହୃଦୟ ବ୍ୟକ୍ତି ବିଶେଷ ମାନେ କିଛି ସାହାଯ୍ୟର ହାତ ବଢ଼ାନ୍ତେ ତା ହେଲେ ସେ ପୁଅର ଚିକିତ୍ସା ଭଲରେ କରାଇ ପାରନ୍ତେ । ତାଙ୍କ ବ୍ୟାଙ୍କ ଖାତା ନମ୍ବର ହେଲା SBI ୩୪୭୭୯୫୪୧୬୭୮ ଶାଖା, ଧୁସୁରୀ.ଆଇ ଏଫ ଏସସି କୋଡ଼ ନମ୍ବର SBIN୦୦୧୩୫୮୭ ଏହି ନମ୍ବରେ ପଠାଇବା ପରିବାର ପକ୍ଷରୁ ପାଇଁ ଅନୁରୋଧ କରିଛନ୍ତି ।

ଗଜପତିର ଦଦାନ ଖଟିବାକୁ ଗୋଆ ଯାଇଥିବା ଯୁବକଙ୍କର ସନ୍ଦେହଜନକ ମୃତ୍ୟୁ

ପାରଳାଖେମୁଣ୍ଡି, ୧୦/୧୨ (ଆ.ପ୍ର) : ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଡେଂଗାଆମ୍ବ ଗ୍ରାମର ଜୟ ମଲ୍ଲିକ(୧୮)ରୋଜଗାର ପାଇଁ ଗୋଆ ଯାଇଥିଲେ । ସେଠାରେ ସେ ଏକ ହୋଟେଲରେ କାମ କରୁଥିଲେ । ଗତ ରବିବାର ଦିନ ତାଙ୍କର ମୃତ୍ୟୁ ଖବର ଗ୍ରାମରେ ପହଂଚିଲା । ପରିବାର ଶୋକାଭିଭୂତ ହୋଇପଡିଛନ୍ତି । ଦଶ ବର୍ଷ ତଳେ ସେ ନିଜ ମାଆଙ୍କୁ ହରାଇଥିଲେ । ସନିଆ ମଲ୍ଲିକଙ୍କ ୩ ପୁଅ ଓ ଗୋଟିଏ ଝିଅ । ଆର୍ଥିକ ଅନାଟନ ପାଇଁ ଗତ ଦେଢ ବର୍ଷ ହେଲା ଜୟ ଗୋଆ ଯାଇ ସମ୍ରାଟ ନାମକ ଗୋଟିଏ ହୋଟେଲରେ କାମ କରୁଥିଲେ । ବାଥରୁମରେ ଟେପରେ ଗାମୁଛା ବାନ୍ଧିଥିବା ଅବସ୍ଥାରେ ତାଂକର ଶବକୁ ଗୋଆ ପୋଲିସ ଉଦ୍ଧାର କରିଥିଲା ଓ ପରିବାର ଲୋକଂକୁ ଖବର ପୋଲିସ ଖବର ଦେଇଥିଲେ । ତାଙ୍କର ମୃତ୍ୟୁ ହେବା ଖବର ଶୁଣି ତାଂକର ବାପା ଏହାକୁ ସନ୍ଦେହ ଜନକ ପଂଚାମୃତ୍ୟୁ ବୋଲି କହିଛନ୍ତି । ତାଂକର ପୁଅକୁ ହତ୍ୟା କରାଯାଇଥିବା କହିଛନ୍ତି । ଗୋଆ ପୋଲିସ ତାଂକର ଶବକୁ ଜବତ କରି ପୋଷ୍ଟମର୍ଟମ ପରେ ଶବକୁ ନିଜ ଗ୍ରାମକୁ ପଠାଇଛନ୍ତି । ଶବ ପହଂଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଜୟ ନିଜର ରୋଜଗାରରେ ନିଜର ଭାଇ ଅଜୟ ଓ ଭଉଣୀ ଇଶାନ୍ତୀକୁ ପାଠ ପଢାଇବାରେ ସାହାଯ୍ୟ କରୁଥିଲେ । ପରିବାର ଆର୍ଥିକ ସହାୟତା ପାଇଁ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି ।

ବିଦ୍ୟୁତ ଖୁଂଟରେ ପିଟିହୋଇ ଯୁବକ ମୃତ

ଜଗତସିଂହପୁର,୧୦/୧୨ (ଆ.ପ୍ର) : ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଳାଶୋଳ ଗ୍ରାମ ମୁଖ୍ୟ ରାସ୍ତାରେ ଥିବା ଏକ ବିଦ୍ୟୁତ ଖୁଂଟରେ ମଟର ସାଇକେଲ ପିଟି ଜଣେ ଯୁବକ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ସୂଚନା ମୁତାବକ ପଳାଶୋଳ ନିକଟସ୍ଥ ପଳସୁଧା ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କ ପୁଅ ରାଜକିଶୋର ବେହେରା (୪୦) କୌଣସି କାମରେ ନିଜ ମଟର ସାଇକେଲ ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଳାଶୋଳ ବଜାରରେ ଥିବା ସହଜ ଜନ ସେବା କେନ୍ଦ୍ର ସମ୍ମୁଖରେ ରହିଥିବା ଏକ ବିଦ୍ୟୁତ ଖୁଂଟରେ ପିଟି ହୋଇଯାଇଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ସୁଦ୍ଧା ପ୍ରାୟ ଅଧ ଘଂଟାରୁ ଊର୍ଦ୍ଧ୍ୱ ସମୟ ପରେ ଆମ୍ବୁଲାନ୍ସ ପହଂଚି ଥିଲା । ଏହି ସମୟ ମଧ୍ୟରେ ଘଟଣାସ୍ଥଳରେ ରାଜକିଶୋରଙ୍କ ମୃତ୍ୟୁ ଘଟିଥିଲା । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଚାପା ଉତେଜନା ସୃଷ୍ଟି ହୋଇଥିଲା । ତେବେ ରାଜକିଶୋରଙ୍କ ଏଭଳି ଅକାଳ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ସାଇବର ସତର୍କତା କର୍ମଶାଳା ଅନୁଷ୍ଠିତ

ପୁରୀ, ୧୦/୧୨ (ଆ.ପ୍ର) : ସାଇବର ଅପରାଧୀ ମାନେ ସେମାନଙ୍କ ଜାଲ ବିଛାଇ ବସିଥାନ୍ତି । ଯିଏ ଲୋଭାସକ୍ତ ହୋଇ ତାହାକୁ ଗ୍ରହଣ କରେ ସେ ଅନଲାଇନ ଲୁଟର ଶିକାର ହୁଏ । ଏହାକୁ କେବଳ ସତର୍କତା ଓ ସଚେତନତା ଦ୍ୱାରା ପ୍ରତିହତ କରାଯାଇ ପାରିବ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ । ବୁଧବାର ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ବେଟୀ ବଚାଓ ବେଟୀ ପଢାଓ ଅଧିନରେ ସାଇବର ସତର୍କତା ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସେଠୀ ଆଜିର ସମୟରେ ଛୋଟ ପିଲା ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟ ଫୋନ ବ୍ୟବହାର କରୁଛନ୍ତି । ଇନଷ୍ଟାଗ୍ରାମ, ହ୍ୱାଟସପ, ଫେସବୁକ ଇତ୍ୟାଦି ବିବିଧ ସୋସିଆଲ ମିଡିଆରେ ସକ୍ରିୟ ରହୁଛନ୍ତି । ତେବେ ଅପରାଧୀ ମାନେ ମଧ ସକ୍ରିୟ ହୋଇ ପ୍ରତି କ୍ଷେତ୍ରରେ ଠକେଇ ପାଇଁ ଉଦ୍ୟମ କରୁଛନ୍ତି । ଆମେ ଲୋଭ ଛାଡ଼ି, ସଠିକତା ଅନୁଭବ କରି ଯଦି ସତର୍କ ହେବା ତେବେ ସାଇବର ଠକାମୀରୁ ବର୍ତି ପାରିବା ବୋଲି ସେ କହିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୋଲିସ ସାଇବର ସେଲର ଆଇଆଇସି ଯୋଗମାୟା ସାହୁ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିବକ୍ତା ଶୁଭ୍ରାନ୍ତ ମିଶ୍ର, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ସାଇବର ଅପରାଧର ସଂଜ୍ଞା, କି କି ପ୍ରକାର ଠକାମୀ, ତାହାର ନିରାକରଣ, ସଚେତନତା ଓ ସତର୍କତା ସମ୍ପର୍କରେ ବିଷଦ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କର୍ମଶାଳାରେ ଉପସ୍ଥିତ ଦର୍ଶକ ମାନେ ନିଜ ଅଭିଜ୍ଞତାରୁ କିପରି ଲୋଭନୀୟ ଅଫର ଆସିଥିବା ଓ ସତର୍କତା ଯୋଗୁ ସେଥିରୁ ବର୍ତି ଯାଇଥିଲେ ସେ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ ସଂଚାଳନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁପରଭାଇଜର ବାଳ୍ୟବତୀ ମହାନ୍ତି, ସିଡିପିଓ, ସୁପରଭାଇଜର କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ରାୟଗଡ଼ାରେ ବିଜୁ କନ୍ୟା ରତ୍ନ ଯୋଜନା –ବେଟି ବଚାଓ ବେଟି ପଢ଼ାଓ ଅଭିଯାନରେ ଝିଅମାନଙ୍କ ହକି ଓ ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ

ରାୟଗଡ଼ା, ୧୦/୧୨ (ଆ.ପ୍ର) : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରାୟଗଡା ତରଫରୁ ବିଜୁ କନ୍ୟା ରତ୍ନ ଯୋଜନା –ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଅଧୀନରେ ଝିଅମାନଙ୍କ ସଶକ୍ତିକରଣ ପାଇଁ ହକି ଓ ଫୁଟବଲ୍ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଗଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବୀନ ଚନ୍ଦ୍ର ନାୟକ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିଲେ । ଏଥି ସହିତ ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝି, ଜିଲ୍ଲା କ୍ରୀଡା ଅଧିକାରୀ ସେଖ ଆଲିମାନ, ଡିସିପିଓ ମହାଦେବ ତିରୁଆନ ଏବଂ ଡ଼ିଆଇପି ହରିହର ପତ୍ର ଯୋଗଦାନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସମସ୍ତ ଡିସିପିଇ ସହକର୍ମୀ ଓ ଚାଇଲ୍ଡ ହେଲ୍ପଲାଇନ୍ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଫୁଟବଲ୍ ପ୍ରତିଯୋଗିତାରେ ବିଜେତା ପିଏମସି ଜଗଡ଼ମ୍ବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋଲନର ରନର ଅପ ଭାବେ ସେବା ସମାଜ ଶିଶୁ ଯତ୍ନ କେନ୍ଦ୍ର ହୋଇଥିଲା । ସେହିପରି ହକି ପ୍ରତିଯୋଗିତାରେ ବିଜେତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡ଼ ପ୍ରଥମ ହୋଇଥିବା ବେଳେ ପିଏମସି ଜଗଡ଼ମ୍ବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋଲନର ରନର ଅପ ହୋଇଥିଲା । କାର୍ଯ୍ୟକ୍ରମର ଶେଷରେ ମନୋରଞ୍ଜନ ବାଘ ଧନ୍ୟବାଦ ଜଣାଇ ପ୍ରଦାନ କଲେ । ଝିଅମାନଙ୍କ କ୍ରୀଡା ଦକ୍ଷତା, ଆତ୍ମବଳ ଓ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ରାୟଗଡା ଡିସିପିଉଙ୍କ ଏହି ଉଦ୍ୟମ ସ୍ୱାଗତଯୋଗ୍ୟ ।

ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ମାନଙ୍କ ସ୍ୱଚ୍ଛନ୍ଦ ଦର୍ଶନ ନିମନ୍ତେ ପ୍ରାରମ୍ଭିକ ଆଲୋଚନା

ପୁରୀ, ୧୦/୧୨ (ଆ.ପ୍ର) : ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ମାନଙ୍କ ସ୍ୱଚ୍ଛନ୍ଦ ଦର୍ଶନ ବ୍ୟବସ୍ଥା ଉପରେ ପ୍ରାରମ୍ଭିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟିର ସେବକ ସଦସ୍ୟ ମାନଙ୍କ ସହିତ ବରିଷ୍ଠ ସେବକ ମଧ୍ୟ ନିମନ୍ତ୍ରିତ ସଦସ୍ୟ ଭାବରେ ଯୋଗଦାନ କରିଥିଲେ । ତତ୍ ସହିତ ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଦିବ୍ୟାଙ୍ଗମାନଙ୍କ ସୁବିଧା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିବା ପ୍ରସ୍ତାବିତ ମାର୍ଗଦର୍ଶିକା ଆଗାମୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଉପସ୍ଥାପନ କରାଯାଇ ପରିଚାଳନା କମିଟିଙ୍କ ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ମୁଖ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

କୁର୍ମିତାର ଲୌହ ଖଣିରେ ଖଣି ପରିବେଶ ଓ ଖଣିଜ ପଦାର୍ଥ ସଂରକ୍ଷଣ ସପ୍ତାହ ପାଳନ

ବଣାଇଁ, ୧୦/୧୨ (ଆ.ପ୍ର) : ବଣାଇ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ୍ ଅନ୍ତର୍ଗତ ଖଣ୍ଡାଧାର ଠାରେ ଥିବା ଓଡ଼ିଶା ଖଣି ନିଗମର କୁର୍ମିତାର ଲୌହ ଖଣି ତରଫରୁ ୨୭ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳନ ହୋଇ ଯାଇଛି । ଭାରତୀୟ ଖଣି ବ୍ୟୁରୋ ଭୁବନେଶ୍ୱର ତରଫରୁ ଆୟୋଜିତ ଏହି ବାର୍ଷିକ କାର୍ଯ୍ୟକ୍ରମରେ କୁର୍ମିତାର ଲୌହ ଖଣି ଏକ ସପ୍ତାହ ବ୍ୟାପି ପ୍ରଚାର ପ୍ରସାର ନିମିତ ସଚେତନତା କାର୍ଯ୍ୟକ୍ରମ ସହ ବିଦ୍ୟାଳୟ ମାନଙ୍କରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । କର୍ମଚାରି ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଓ ନାରା ଲିଖନ ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସମାପନ ଦିବସରେ ମୁଖ୍ୟ ସଂଯୋଜକ ଭାବରେ ଏମ୍ ଜି ମହାନ୍ତି ଏଣ୍ଡ ସନ ସଂସ୍ଥାର ମହା ପ୍ରବନ୍ଧକ ବିକାଶ କୁମାର ନାୟକ, ଉପ ସଂଯୋଜକ ଭାବରେ ବିଶ୍ୱନାଥ ପାଲ (ପ୍ରବନ୍ଧକ ଭୂତତ୍ତ୍ୱ), ଟାଟା ଷ୍ଟିଲ ଲିଃ ଏବଂ ସହ ସଂଯୋଜକ ସରୋଜ କୁମାର ଯା (ଖଣି ପ୍ରବନ୍ଧକ) ଏମ ଜି ମହାନ୍ତି ସଂସ୍ଥା ର ଅତିଥି ଭାବରେ ଯୋଗ ଦେଇଥିଲେ । ଓଡିଶା ଖଣି ନିଗମର ଆଂଚଳିକ ପରିଚାଳକ ବିଭୂତି ଭୂଷଣ ନାୟକଙ୍କ ନିର୍ଦ୍ଦେଶନାରେ କୁର୍ମିତାର ଲୌହ ଖଣିର ଖଣି ପରିଚାଳକ ପ୍ରିୟ ରଞ୍ଜନ ରାଉତ ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ସ୍ଥଳ ପରିଭ୍ରମଣ କରି କୃତି ପ୍ରତିଯୋଗୀ ମାନଙ୍କୁ ସଂଯୋଜକ ଦ୍ୱାରା ଚୟନ କରାଯାଇଥିଲା । ଏହା ପରେ ମଂଚରେ ଦୀପ ପ୍ରଜ୍ୱଳନ ହୋଇଥିଲା । ପରିବେଶ ସୁରକ୍ଷା, ଖଣି ସଚେତନତା ଓ ଖଣିଜ ସଂରକ୍ଷଣ ସମ୍ବନ୍ଧରେ ଉତ୍ସାହର ସହ, ସଂଯୋଜକ ଜଣାଇଥିଲେ । ସମାଜରେ ମନୁଷ୍ୟ କିପରି ପରିବେଶ ସହ ଖଣି ପରିବେଶ ଓ ଆଜିର ଆଧୁନିକ ଯନ୍ତ୍ର କୌଶଳ ମାଧ୍ୟମରେ ଚିର ସ୍ଥାୟୀ ଖଣି ସଂରକ୍ଷଣ କରାଯାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ । ଓଏମସିର ଆଂଚଳିକ ପରିଚାଳକ ପରିବେଶ ଓ ଖଣିଜ ସମ୍ପଦର ପ୍ରଭାବ ସମାଜ ଓ ଦେଶରେ କିପରି ପ୍ରତିଫଳିତ ହେଉଛି ଓ ଦେଶ ଗଠନରେ ଏହାର ଭୂମିକା ଅଛି ବୋଲି ଦର୍ଶାଇ ଥିଲେ । ସହ ସଂଯୋଜକ ସରୋଜ କୁମାର କୁର୍ମିତାର ଲୌହ ଖଣିର କର୍ମକର୍ତା ଓ ଏହାର କାର୍ଯ୍ୟ ପ୍ରଣାଳୀକୁ ପ୍ରଶଂସା କରିଥିଲେ । ଏହି ଅବସରରେ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ବୃଦ୍ଧି ନିମିତ ଏକ ନାଟକ -ପ୍ରକୃତି ର ବନ୍ଧୁ ପରିବେକ୍ଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଲା । ଏ ବର୍ଷର ନିଷ୍ଠାପର କର୍ମଚାରି ଭାବରେ ସୋମେନ ଦାସଙ୍କୁ ପୁରସ୍କୃତ କରାଯାଇଥିଲା. ଉଲ, ସିଏସଆର କାର୍ଯ୍ୟ ପାଇଁ ପ୍ରଦୀପ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ସେହି ଭଳି ସବୁ ବିଭାଗର କର୍ମୀଙ୍କୁ ମଂଚ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ବ୍ୟବସ୍ଥାପକ ଭାବରେ ତାରିଣୀ ଗୌତମ, (ସହ ପ୍ରବନ୍ଧକ) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ମଂଚରେ ସଚେତନ ଓ ପରିବେଶ ବାର୍ତା କୁ ଜନ ମାନସରେ ପହଂଚାଇବାର ଭୂମିକା ବିଲେଶ୍ୱର କିସାନ, ବରିଷ୍ଠ ପ୍ରବନ୍ଧକ ଭୂତତ୍ତ୍ୱ ବିତ୍ ନିଭାଇଥିଲେ । ଏହା ସହ ଜଙ୍ଗଲ ଓ ପରିବେଶ ବିଭାଗର ମନୋଜ ଦେବତା, ପ୍ରବନ୍ଧକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁଦୀପ୍ତ ସୁନ୍ଦର ପରିଡା, ପ୍ରବନ୍ଧକ (ଭୂତତ୍ୱ) ବିଶ୍ୱ ରଞ୍ଜନ ସାହୁ କୋ ପ୍ରବନ୍ଧକ (ସୁରକ୍ଷା), ପ୍ରଶାନ୍ତ କୁମାର ମିଶ୍ର ପ୍ରବନ୍ଧକ (ସୁରକ୍ଷା)ସହ ଅନ୍ୟ କର୍ମକର୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ପ୍ରକଳ୍ପ ଅଧିକାର, ସାମାଜିକ ସମୀକ୍ଷା ଶିବିର ଅନୁଷ୍ଠିତ

ଦଶପଲ୍ଲା, ୧୦/୧୨ (ଆ.ପ୍ର) : ମାନବ ଅଧିକାର ଦିବସ ଅବସରରେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ଚାଲିଥିବା ଜନ ସଚେତନତା କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ସାମାଜିକ ସମୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ବିଭିନ୍ନ ଗ୍ରାମ ପଂଚାୟତର ସରପଂଚ, ଏମ୍‌ବିକେ, ପ୍ରାଣୀ ମିତ୍ର, କୃଷି ମିତ୍ର, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ୱାର୍ଡ ମେମ୍ବର ଇତ୍ୟାଦି ଯୋଗଦାନ କରି ପ୍ରକଳ୍ପ ଅଧିକାର ଦ୍ୱାରା ଅବହେଳିତ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇଥିବା କଥା ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏ ପ୍ରକଳ୍ପର ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟ କ୍ଷେତ୍ର, ଲକ୍ଷ୍ୟ ଗୋଷ୍ଠୀ ତଥା ସକାରାତ୍ମକ ପ୍ରଭାବ ବିବରଣୀ ଉପସ୍ଥାପନା କରାଯାଇଥିବା ବେଳେ ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ ଏ ଉଦ୍ୟମ ଯଥାର୍ଥରେ ଗ୍ରାମୀଣ ଗରିବ ବଂଚିତ ଆଦିମ ଜନ ଜାତି ମହିଳା ବୃଦ୍ଧ ବୃଦ୍ଧା ଶିଶୁ ଓ ଭିନ୍ନକ୍ଷମ ମାନଙ୍କ ଜୀବନ ଜୀବିକାର ସୁରକ୍ଷା ଓ ପରିବର୍ତନ ଆଣିବାରେ ଉଦାହରଣ ସୃଷ୍ଟି କରିଛି ବୋଲି ମତ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରପଂଚ ସଂଜୟ କୁମାର ପଟ୍ଟନାୟକ ଏ ଉଦ୍ୟମ ଯଥାର୍ଥ ବୋଲି କହିଥିବା ବେଳେ ବରେଣ୍ୟ ଅତିଥି ଭାବେ ସରୋଜ ସାହୁ, ସି ଆର୍ ଇ ଓ କଳିଙ୍ଗ ଚାନ୍ଦ ଯୋଗଦେଇ ଗ୍ରାମାଂଚଳର ଲୋକଙ୍କ ପାଇଁ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ଆବଶ୍ୟକତା କଥା ବୁଝାଇଥିଲେ । ଉପସ୍ଥିତ ଥିବା ଏମ୍‌ବି କେ ରୁନୁ ନାୟକ, କୁଲୁହୁକୁମା, ସିଆର୍‌ପି ପିଙ୍କି ପାତ୍ର, ଖମାରସାହି ଓ ମାନସୀ ପ୍ରଧାନ ଇତ୍ୟାଦି ପ୍ରକଳ୍ପ ଅଧିକାର ପ୍ରକୃତରେ ଗରିବ ବଂଚିତ ଲୋକଙ୍କ ସହାୟ ହୋଇପାରିଛି ବୋଲି କହିଥିବା ବେଳେ ଭୋଗବାଡି ନାଏବ ସରପଂଚ ପିଙ୍କି ଖିଲାର ଓ ସରିଗଣ୍ଡା ର ତ୍ରିନାଥ ମଲିକ ଅଧିକାରର କାର୍ଯ୍ୟ ଧାରାକୁ ନେଇ ଉଚ୍ଚ ପ୍ରଶଂସା କରିଥିଲେ । ଅଧିକାର ମିତ୍ର ଅଭିମନ୍ୟୁ ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂସଦଙ୍କ ଖେଳ ମହୋତ୍ସବର ଅଷ୍ଟମ ଦିବସ

ଭାପୁର, ୧୦/୧୨ (ଆ.ପ୍ର) : କଟକ ଲୋକସଭା ଅନ୍ତର୍ଗତ ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ସାଂସଦ ଖେଳ ମହୋତ୍ସବ ଭାପୁର ବ୍ଲକ ବାଇଗୁଣିଆ ଗ୍ରାମସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ପରିସରରେ ଉଦଘାଟିତ ହୋଇଯାଇଅଛି । ଖେଳ ମହୋତ୍ସବର ଅଷ୍ଟମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସାଂସଦ ଖେଳ ମହୋତ୍ସବର ସଂଯୋଜକ ସମାଜସେବୀ ନାରାୟଣ ମହାରଣା ଯୋଗ ଦେଇଥିଲେ । ଏହି ଅବସରରେ ଭାପୁର ବ୍ଲକ କ୍ରୀଡା ସମ୍ପାଦକ ଶଙ୍କର କୁମାର ମଲ୍ଲିକ, ବିକ୍ରମ ସାମନ୍ତରାୟ ଓ ଖଣ୍ଡପଡା ବ୍ଲକ କ୍ରୀଡା ସମ୍ପାଦକ ବିଜୟ କୁମାର ମହାପାତ୍ର, ସମୀର କୁମାର ଖୁଂଟିଆ, ଗଗନ ବିହାରୀ ବାରିକ ଏବଂ ତନ୍ତୁବାୟ ସହଯୋଗ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକଙ୍କ ତତ୍ୱାବଧାନରେ ଖେଳକୁ ସୂଚାରୁ ରୂପେ ପରିଚାଳନା କରୁଛନ୍ତି । ପୁନଶ୍ଚ ଭାପୁର ଏବଂ ଖଣ୍ଡପଡା ବ୍ଲକର ୪୯ ରୁ ଊର୍ଦ୍ଧ୍ୱ କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି । ଉକ୍ତ ଖେଳ ମହୋତ୍ସବକୁ ୨ଟି ବର୍ଗରେ ଅର୍ଥାତ୍ ୧୪ ରୁ ୧୯ ବର୍ଷ ଜୁନିୟର ବର୍ଗ ଏବଂ ୨୦ ରୁ ୨୪ ବର୍ଷ ସିନିୟର ବର୍ଗ ଭାବେ ଖେଳରେ ପ୍ରତିଯୋଗୀ ମାନେ ଖେଳ ପ୍ରଦର୍ଶନ କରୁଛନ୍ତି । ଆଜି କବାଡି, ଖୋଖୋ ଏବଂ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ପ୍ରତିଯୋଗୀ ମାନଙ୍କୁ ଚୟନ କରାଯାଇ ପ୍ରତ୍ୟେକ ଖେଳର ଏକ ଟିମ୍ ଗଠନ କରାଯିବ । ଚୟନ ହୋଇଥିବା ଉଭୟ ବର୍ଗର ବିଭିନ୍ନ ଖେଳର ଖେଳାଳି ମାନେ ଆସନ୍ତା ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ କଟକ ଠାରେ ଆୟୋଜିତ ଲୋକସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ 'ସାଂସଦଙ୍କ ଖେଳ ମହୋତ୍ସବ'ରେ ପ୍ରତିଯୋଗୀ ଭାବେ ସାମିଲ ହେବେ ।

ଶକ୍ତି ଉତୋଳନ ପ୍ରତିଯୋଗିତାରେ ଛାତ୍ର ଦ୍ୱୟ ସ୍ୱର୍ଣ୍ଣ ଓ ବ୍ରୋଞ୍ଜପଦକ ବିଜେତା

ଚିଲିକା/ବାଣପୁର, ୧୦/୧୨ (ଆ.ପ୍ର) : ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ବିଦ୍ୟାଳୟ ଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଶକ୍ତି ଉତୋଳନ ପ୍ରତିଯୋଗିତାରେ ବାଲୁଗାଁ ମହାବିଦ୍ୟାଳୟର ଓଡ଼ିଆ ସ୍ନାତକ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ସନ୍ତୋଷ ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ଥଳେ ଇତିହାସ ସ୍ନାତକ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଆଦିତ୍ୟ ନାରାୟଣ ପ୍ରଧାନ ବ୍ରୋଞ୍ଜପଦକ ହାସଲ କରିଛନ୍ତି । ଏହି ଅବସରରେ ଉଭୟ ଛାତ୍ରଙ୍କୁ ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ସ୍ୱବୁଦ୍ଧି ଏବଂ ନୂତନ ଦୁଇ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଏବଂ କ୍ରୀଡ଼ା କ୍ଷେତ୍ରରେ ଆହୁରି ଉତ୍କର୍ଷତା ହାସଲ କରି ମହାବିଦ୍ୟାଳୟ ଓ ଅଂଚଳକୁ ଗୌରବାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬ ଉଦ୍‌ଯାପିତ

ଜଗତସିଂହପୁର, ୧୦/୧୨ (ଆ.ପ୍ର) : ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬, ବକ୍ଷଲବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ, ପ୍ରତିଯୋଗିତା ଓ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ଏବଂ ଜଣାଅଜଣା ପ୍ରତିଯୋଗିତା-୨୦୨୫-୨୬ ସ୍ଥାନୀୟ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର ଶାସନ ପରିସରରେ ଉଦଯାପିତ ହୋଇଯାଇଛି । ପୂର୍ବାହ୍ନରେ ବିଜ୍ଞାନ ପ୍ରସାରମଂଚ, ବାଲିକୁଦା ଆନୁକୂଲ୍ୟରେ ଖୋଲାମାଂଚ ବିଜ୍ଞାନ ଭିତିକ ପ୍ରଶ୍ନୋତର କାର୍ଯ୍ୟକ୍ରମକୁ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଓ ଶିକ୍ଷକ ରମେଶ ଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ । ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅପରାହ୍ନରେ ଜିଲ୍ଲା ଶିକ୍ଷାଅଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣ ସଭାରେ ଜିଲ୍ଲାବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ସେବାନିବୃତ୍ତ ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ ମୁଖ୍ୟ ବକ୍ତା, ଓ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଡ଼ ସୁଶାନ୍ତ ମହାନ୍ତି,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ ରାୟ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ କୃତୀ ଶିଶୁବୈଜ୍ଞାନିକ ମାନଙ୍କୁ ପୁରସ୍କୃତ କରିଥିଲେ । ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜନୀ ମଣ୍ଡଳୀର ସଭ୍ୟ ଅମୂଲ୍ୟ କୁମାର ମିଶ୍ର ତଥା ସଭ୍ୟା ମନୀଷା ମିଶ୍ର ପ୍ରଧାନ ଶିକ୍ଷୟତ୍ରୀ ଅନସୂୟା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପରେ ବରିଷ୍ଠ ବିଭାଗରେଶିଶୁ ବୈଜ୍ଞାନିକ ଅଂଶୁମାନ ସାହୁ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶର୍ମିଷ୍ଠା ରଥ, ଓ କନିଷ୍ଠ ବିଭାଗରେ ଅର୍ପିତା ଖଟୁଆ, ସ୍ୱିଷ୍ଟିଆ ମହାନ୍ତି ଓ ପିଏସ ଶ୍ରୁଆଲିଙ୍କ ପ୍ରକଳ୍ପକୁ ପୁରସ୍କାର ମିଳିଥିଲା । ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ପ୍ରକଳ୍ପରେ ରାଜସ୍ମିତା ପଲେଇ, ସ୍ୱପ୍ନେଶ୍ୱର ରାଉତ, ଏସ୍‌.ଜାମାଉଦ୍ଦିନ ଓ ବାଇବୈଜ୍ଞାନିକ ପ୍ରଦର୍ଶନୀରେ ଶୁଭଙ୍କର ଦାସ, ରାଜନନ୍ଦିନୀ ଦାସ, ସାଇଶୋଭନ ପତି, ଅଙ୍କିତା ଶୁଭଦୀପ୍ତା ନାୟକ, ରାଜଲକ୍ଷ୍ମୀ ରଥ, ରୁଦ୍ରନାରାୟଣ ଦାସ ଏବଂ ଅଂଶୁମାନ ଖଟୁଆଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ପୁରସ୍କୃତ ପ୍ରଦାନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ସୂଚନା ଦିଆଯାଇଥିଲା । ପଦରାଜ ଉମାକାନ୍ତ ନାୟକ, ଶିବ କୁମାର ବିଶ୍ୱାଳ ସୌଭାଗ୍ୟ ପ୍ରସାଦ ମିଶ୍ର,ସସ୍ମିତା ଶତପଥି, ପ୍ରଳୟ ରଞ୍ଜନ ଭୂୟାଁ, ଦେବାଶିଷ ନାୟକ, ସୁଦର୍ଶନ ସାହୁ, ଅଶୋକ ମାଦେଳି, କ୍ଷମପ୍ରଭା ସାହୁ, ବିଶ୍ୱଜିତ ମହାନ୍ତି, ଅସ୍ମିତା ପରିଜା, ଶୁଭଶ୍ରୀ ମଲ୍ଲିକ, ବିଷ୍ଣୁପ୍ରିୟା ପାଢ଼ୀ, କୀର୍ତିବାଳା ରାଉତରାୟ, ପ୍ରିୟଙ୍କାବେହେରା ତ୍ରୈଲୋକ୍ୟନାଥ ବିଶ୍ୱାଳ, ତ୍ରିନାଥ ରାଉତ , ପ୍ରଗତି ପ୍ରିୟମ୍ବଦା ଜେନା, ଶିଶିର କୁମାର ତ୍ରିପାଠୀ,ଏସ୍, ଡି ପ୍ଲାବନ କୁମାର, ସୁମିତ୍ରା ମଲ୍ଲିକ, ନରେନ୍ଦ୍ର କୁମାର ବେହେରା ପ୍ରଭୃତି ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

ନୂଆପଡାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ର ଦ୍ୱାରା ଗୁଣବତା ପ୍ରମାଣ କର୍ମଶାଳା ଆୟୋଜିତ

ନୂଆପଡା,୧୦/୧୨ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ର, ନୂଆପଡାଙ୍କ ସଂଯୁକ୍ତ ଉଦ୍ୟମରେ ଆଜି ସ୍ଥାନୀୟ ସଦ୍ଭାବନା ସଭାଗୃହରେ BDSP ଅଧୀନରେ ଗୁଣବତା ପ୍ରମାଣ (ZED/LEAN/ISO) ବିଷୟରେ ଏକ କର୍ମଶାଳା ଆୟୋଜନ ହୋଇଥିଲା । ନୂଆପଡା ଜିଲ୍ଲାର ଗଝଗର ଉଦ୍ୟୋଗଗୁଡ଼ିକୁ ଗୁଣମାନ ମାନଦଣ୍ଡ ମାଧ୍ୟମରେ ସଶକ୍ତ କରିବା ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ଥିଲା । କର୍ମଶାଳାରେ ଓଝଙ, ଖଉଉଘ ଏବଂ ଡଉଭ ଭଳି ଗୁଣବତା ପ୍ରମାଣପତ୍ରର ବ୍ୟବହାର, ଗୁରୁତ୍ୱ ଏବଂ ଏହାର ଲାଭ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉଦ୍ୟୋଗୀମାନଙ୍କୁ ଏହି ପ୍ରକ୍ରିୟା ଆପଣାଇ ନିଜର ପ୍ରତିଯୋଗୀତା ମୂଳକ କ୍ଷମତା ବୃଦ୍ଧି କରିବାରେ ପ୍ରୋତ୍ସାହିତ କରାଯାଇଥିଲା । ଏହି ଅବସରରେ ବୈଠକକୁ ଅଧ୍ୟକ୍ଷତା କରି ଜିଲ୍ଲାପାଳ ମଧୁସୂଦନ ଦାଶ ଗଝଗର ଭୂମିକାକୁ ଜିଲ୍ଲାର ସମନ୍ୱିତ ଆର୍ଥିକ ଅଭିବୃଦ୍ଧିର ଯନ୍ତ୍ର ଭାବେ ଅଭିହିତ କରିଥିଲେ । ଗୁଣମୂଳକ ପ୍ରମାଣନ ଆପଣାଇବା ଦ୍ୱାରା ଉଦ୍ୟୋଗଗୁଡ଼ିକ ସୁଦୃଢ଼ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟକୁ ପ୍ରାପ୍ତ କରିପାରିବେ ବୋଲି ସେ କହିଥିଲେ । କର୍ମଶାଳାରେ BDSP, ଜିଲ୍ଲା ଶିଳ୍ପକେନ୍ଦ୍ରର କର୍ମକର୍ତାମାନେ, ସ୍ଥାନୀୟ ଉଦ୍ୟୋଗୀମାନେ ଏବଂ ବିଭିନ୍ନ ଶିଳ୍ପ ଉଦ୍ୟୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସମସ୍ତଙ୍କୁ ଗୁଣମାନ ଭିତିକ ଉତ୍ପାଦନ ଏବଂ ବ୍ୟବସ୍ଥାପନ ଶୈଳୀକୁ ଗ୍ରହଣ କରି ନୂଆପଡାକୁ ଗଝଗର କ୍ଷେତ୍ରରେ ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

ବିଶ୍ୱ ମାନବାଧିକାର ଦିବସ ପାଳିତ

ଚନ୍ଦାହାଣ୍ଡି, ୧୦/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ତାଲୁକ ଆଇନ ସେବା ପ୍ରାଧିକରଣ କମିଟି ଆନୁକୂଲ୍ୟରେ ଧୋଡ଼ିପାଣି ସ୍ଥିତ ଏସଏସଡି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ରୁକ୍ମିଣୀ ଜାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଚନ୍ଦାହାଣ୍ଡି ଜେଏମଏଫସି ତଥା ତାଲୁକ ଆଇନ ସେବା କମିଟିର ଅଧକ୍ଷା ଜରିନ ଖାନ ଯୋଗ ଦେଇ ଯେମିତ ମାନବାଧିକାର କ୍ଷୁର୍ଣ୍ଣ ନହୁଏ ସେଥି ପାଇଁ ସମସ୍ତ ନାଗରିକ ସଚେତନ ରହିବା ସହ ଆଇନର ସହାୟତା ନେବା ପାଇଁ ନିବେଦନ ପୂର୍ବକ ମାନବ ଜାତିର ସ୍ୱାଭିମାନକୁ ଉଦ୍ଭାବିତ କରିବା ପାଇଁ ଆଇନର ପ୍ରତ୍ୟକ ସୋପାନରେ ବ୍ୟବସ୍ଥା ରହିଥିବା କହିଥିଲେ । ଏଥିପାଇଁ ସଚେତନତାର ଆବଶ୍ୟକ ରହିଥିବା ବେଳେ ବ୍ଲକ, ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଆଇନ ସେବା ପ୍ରାଧିକରଣ ସଂସ୍ଥା ଚାରୋଟି ସୋପାନରେ କାର୍ଯ୍ୟକରୁଥିବା ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷକ ସଂଘ ସଭାପତି ସନ୍ତୋଷ ଖମାରୀ ଛାତ୍ରଛାତ୍ରୀଙ୍କ ଅଧିକାର ସମ୍ପର୍କ ରେ ବୁଝେଇ ଥିଲେ । ସମ୍ମାନିତ ଅତିଥି ଭାବେ ଗିମାଣ୍ଡ ଓକିଲ ମହମ୍ମଦ ହୁସେନ, ଆଇନଜୀବୀ ଭୁବନେଶ୍ୱର ହଂସ, ଶ୍ୟାମସୁନ୍ଦର ସୁନାନୀ, ଅଧ୍ୟାପକ ମନୋରଞ୍ଜନ କର, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ କୋର୍ଟ କର୍ମଚାରୀ କେଶରୀ ମନହିରା, ନିଲୁପ୍ରସାଦ ଶବର ପ୍ରମୁଖ ସହଯୋଗ କରି ଥିଲେ ।

ରାଇକିଆ ପୂର୍ବ ସୈନିକ ସଂଘର ବାର୍ଷିକ ଉତ୍ସବ

ରାଇକିଆ, ୧୦/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ପୂର୍ବ ସୈନିକ ସଂଘ ତରଫରୁ ବୁଧବାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅମର ଯବାନଙ୍କ ସ୍ମୃତି ସ୍ତମ୍ଭରେ ଅତିଥି ବୃନ୍ଦ, ପୂର୍ବତନ ସେନା କର୍ମଚାରୀଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସଂଘ ସଭାପତି ଲଳିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିନା ପ୍ରଧାନ, ଦଡିଙ୍ଗିଆ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, କୁଇ ସମାଜ ସଭାପତି ଭାସ୍କର ପ୍ରଧାନ, ପୋଲିସ ସବ ଇନ୍‌ସପେକ୍ଟର ମିଶ୍ର, ପୂର୍ବତନ ପୋଲିସ ଅଧିକାରୀ ଦିଲିପ ପ୍ରଧାନ, ରାଇକିଆ ସରପଂଚ ଗୀତାଞ୍ଜଳୀ ନାୟକ, ପେଟାପାଙ୍ଗା ସରପଂଚ ପୁଷ୍ପାଞ୍ଜଳି ପ୍ରଧାନ, ଦଡିଙ୍ଗିଆ ସରପଂଚ ଅଶୋକ ପ୍ରଧାନ, ବେରେତାକିଆ ସରପଂଚ ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ । ଯୁବ ପିଢ଼ିଙ୍କୁ ସେନା ଓ ପୋଲିସରେ ଯୋଗ ଦେଇ ଦେଶ ସେବା ପାଇଁ ଯୁବକଙ୍କୁ ଉତ୍ସାହିତ କରିବା, ସୈନିକ ପରିବାରଙ୍କୁ ସହଯୋଗ କରିବା, ସମାଜରେ ସଂସ୍କାର ମୂଳକ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ସଂଘ କାର୍ଯ୍ୟ କରୁଥିବା ବେଳେ ସଂଘରର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସଂପର୍କରେ ମଧ୍ୟ ସଂଘ ସଭାପତି ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଙ୍କ ସମେତ ସୈନିକ ପରିବାର ସଦସ୍ୟ ମାନେ ଯୋଗ ଦେଇଥିଲେ ।

ଓଏସଇବି ଓ୍ୱାର୍କମେନ୍ସ ୟୁନିଅନର ୫୩ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ

ଜଗତସିଂହପୁର/କୁଜଙ୍ଗ, ୧୦/୧୨ (ଆ.ପ୍ର) : ଓଏସଇବି ଓ୍ୱାର୍କମେନ୍ସ ୟୁନିଅନ ର ୫୩ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । କୁଜଙ୍ଗ ବ୍ଲକ ରାହାମା ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସଂଘର ସଭାପତି ମନୋରଞ୍ଜନ ପାତ୍ର ସଭାପତିତ୍ୱ କରିଥିବା ବେଳେ, ସାଧାରଣ ସମ୍ପାଦକ ଗଗନ ବିହାରୀ ଲେଙ୍କା ବିବରଣୀ ପାଠ କରଥିଲେ । ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ବିଦ୍ୟୁତ ମଜଦୁର ମହାସଂଘର କୋଷାଧକ୍ଷ ସୁଧାଂଶୁ ସାମନ୍ତରାୟ, ବକ୍ତା ଭାବେ ରାଜୀବ ଲୋଚନ ମହାରଣା ଯୋଗଦେଇଥିବା ବେଳେ ସଭା ପରିଚାଳନା କରିଥିଲେ ଶାନ୍ତନୁ ମଲ୍ଲିକ । ଏହି ସଭାରେ ସଂଘର ନୂତନ କାର୍ଯ୍ୟକାରୀ ସଭାପତି ପ୍ରସାଦ କୁମାର ନାୟକ, ଉପ ସଭାପତି ବାବାଜୀ ଚରଣ ସାହୁ, ମୁଖ୍ୟ ସଂଗଠନ ସମ୍ପାଦକ ନିରଞ୍ଜନ ସ୍ୱାଇଁ, ସଂଗଠନ ସମ୍ପାଦକ ନିର୍ମଳ କୁମାର ବେହେରା, କୋଷାଧକ୍ଷ ଆଶିଷ କୁମାର ସାମନ୍ତରାୟ ମଂଚରେ ଉପସ୍ଥିତ ରହିଥିଲେ । ଅନ୍ୟ ଅତିଥିମାନଙ୍କ ଭିତରେ ବି ସି ଡ଼ି ଜି ୨ର ଚନ୍ଦ୍ରମଣୀ ପ୍ରଧାନ କେନ୍ଦ୍ରାପଡ଼ା ଡିଭିଜନର ସମ୍ପାଦକ ଦେବିଦାସୀ ଜେନା, ପାରାଦ୍ୱୀପର ସମ୍ପାଦକ ଅଶୋକ କୁମାର ଜେନା, ଅଲ ଓଡିଶା ଡିଏଲ ସଂଗଠନ କର୍ମକର୍ତାଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ । ଏହି ସଭାରେ ବିଦ୍ୟୁତ ଶ୍ରମିକ ମାନଙ୍କ ସମସ୍ୟା, ଟାଟା ପାୱାର କର୍ମଚାରୀଙ୍କୁ ଶୋଷଣ ସହ ବେଆଇନ ଛଟେଇକୁ ନେଇ ଆଲୋଚନା କରାଯିବା ସହ ଆସନ୍ତା ସମୟରେ ଟାଟା ପାୱାର ମନମାନିକୁ ଉଚିତ ଜବାବ ଦିଆଯିବ ବୋଲି ସମସ୍ତେ ମତ ରଖିଥିଲେ ।

ବିଏସଏଫ୍ ପକ୍ଷରୁ କମ୍ବିଂ ଅପରେସନ ବେଳେ ବିପୁଳ ମାଓ ସାମଗ୍ରୀ ଜବତ

ବାଲିଗୁଡା, ୧୦/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ୧୩୬ ବିଏସ୍‌ଏଫ୍ ଜବାନ ମାନେ କମ୍ବିଂ ଅପରେସନ କରୁଥିବା ବେଳେ ଏକ ବଡ଼ଧରଣର ମାଓ ହମଲା ଉଦ୍ୟମକୁ ପଣ୍ଡ କରିପାରିଛନ୍ତି । ସୂଚନା ଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ସଲାଗୁଡା ପଂଚାୟତ ସିକିଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ଗୁଇନ୍ଦା ସୂଚନା ପାଇବା ପରେ ବିଏସଏଫ ଜବାନ ମାନେ କମ୍ବିଂ ଅପରେସନକୁ ଜୋରଦାର କରିଥିଲେ । ଏହି କମ୍ବିଂ ଅପରେସନ ବେଳେ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀ ମାନେ ଆଇଇଡି ବିସ୍ଫୋରକ ବିଛାଇଥିଲେ । କିନ୍ତୁ ମାଓବାଦୀଙ୍କ ଏହି ଯୋଜନାକୁ ବିଏସଏଫ୍ ୧୩୬ ବାଟାଲିୟନ ପଣ୍ଡ କରିଥିବା ଜଣାପଡିଛି । ଜଙ୍ଗଲରୁ ୧୮ଟି ଜିଲାଟିନ୍, ୧୭ଟି ବ୍ୟାଟେରୀ, ଗୋଟିଏ ସୋଲାର ପ୍ଲେଟ୍, ୮ଟି ଡିଟୋନେଟର, ୧୨ ମିଟର ଫିଉଜ୍ ତାର, ୧୫ ମିଟର ବିଦ୍ୟୁତ୍ ତାର, ୯ଟି ତୀକ୍ଷଣ ଲୁହା ଛଡ଼, ୨ କୁରାଢ଼ି, ପାଣି ବୋତଲ, କେନ୍, ଜୋତା, ପଲିଥିନ ଆଦି ସାମଗ୍ରୀ ଜବତ ପରେ ସମଗ୍ର କନ୍ଧମାଳ ଜିଲ୍ଲାକୁ ମାଓ ମୁକ୍ତ କରିବାକୁ ଘଂଚ ଜଙ୍ଗଲ ଗୁଡିକ ରେ ଜୋରଦାର ଅପରେସନ ଚାଲିଥିବା ବିଷୟ ବିଏସଏଫ୍ ପକ୍ଷରୁ ସୂଚନା ମିଳିଛି ।

୨୦୨୫-୨୬ ରବି ଋତୁ ପାଇଁ ଏକ ଜିଲ୍ଲାସ୍ତରୀୟ କୃଷିଭିତିକ ରଣନୀତି କମିଟି ବୈଠକ

ନବରଙ୍ଗପୁର, ୧୦/୧୨ (ଆ.ପ୍ର) : ଆଜି ସ୍ଥାନୀୟ ମିଶନ ଶକ୍ତି ୨୦୨୫-୨୬ ବର୍ଷ ପାଇଁ ଏକ ଜିଲ୍ଲା ସ୍ତରୀୟ କୃଷିଭିତିକ ରଣନୀତି କମିଟି ବୈଠକ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧୀରଞ୍ଜନ ବେହେରା କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାରେ କାର୍ଯ୍ୟକାରି କୃଷି ଯୋଜନା, ବିଭିନ୍ନ କୃଷି କ୍ରିୟାକଳାପ ଓ ଆସନ୍ତା ରବି ଋତୁ ପାଇଁ ବିବେଚିତ କୌଶଳ ଉପସ୍ଥାପନ କରିଥିଲେ । ଏହାସହିତ ଉଦ୍ୟାନ କୃଷି ନିର୍ଦ୍ଦେଶକ, କୃଷି ବିଜ୍ଞାନ କେନ୍ଦ୍ର ଉମରକୋଟ ମୁଖ୍ୟ ବୈଜ୍ଞାନିକ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ମଧ୍ୟ ନିଜ-ନିଜ ବିଭାଗୀୟ କାର୍ଯ୍ୟସୂଚୀ ଓ ରବି କାଳୀନ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ ଓ ଉକ୍ତ ବୈଠକରେ ବିଭିନ୍ନ ଜଳ ସମ୍ପଦ ବିଭାଗର ଅଧିକାରୀମାନେ, କୃଷି ବିଭାଗର ସମସ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉକ୍ତ ବୈଠକରେ ଯୋଗ ଦେଇଥିଲେ । ସଭାରେ ରବି ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହେବା ସହ ଜିଲ୍ଲାପାଳ ମହୋଦୟ ପାଣିର ସଠିକ୍ ବ୍ୟବହାର ଓ ଜୀବାଣୁ ସାରର ଯୁକ୍ତିସଙ୍ଗତ ବ୍ୟବହାର ପାଇଁ ଧାନ ଠାରୁ ଅଣଧାନ ଫସଲକୁ ଅଧିକ ଗୁରୁତ୍ୱ ଦେବା ବିଷୟରେ ଆଲୋଚନା କରିଥିଲେ ।

ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣଙ୍କ ୧୧୦ତମ ଜୟନ୍ତୀ ସମାରୋହ

ଖୋର୍ଦ୍ଧା, ୧୦/୧୨ (ଆ.ପ୍ର) : ସ୍ୱାଧୀନତା ସଂଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ, କବିଗୋ ?ରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ ଓ ତିତୀକ୍ଷା ବିଶ୍ୱସ୍ତରରେ ପହଂଚାଇବା ସହ ତାଙ୍କ ଆଦର୍ଶ ପ୍ରତି ଯୁବମାନସଙ୍କୁ ଆକୃଷ୍ଟ କରିବା ଲାଗି ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି । ଖୋର୍ଦ୍ଧା ସ୍ଥିତ ଜୟୀ ରାଜଗୁରୁ ଟାଉନହଲ ପରିସରରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ତମ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ହରିଚନ୍ଦନ ପଣ୍ଡିତ ମିଶ୍ରଙ୍କ ଲବଣ ସତ୍ୟାଗ୍ରହରୁ ଆରମ୍ଭ କରି ଅସହଯୋଗ ଆନ୍ଦୋଳନରେ ରହିଥିବା ସମ୍ପୃକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ରୂପେ ଅଗ୍ନିଚକ୍ର-ଓଡ଼ିଶାର ସମ୍ପାଦକ ହରେକୃଷ୍ଣ ପଣ୍ଡା ପଣ୍ଡିତ ମିଶ୍ର ଯାଜପୁର ଜିଲାର ବରୀ ଆଶ୍ରମରେ ରହି କିଭଳି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଲାଗି ବାନର ସେନା ଗଠନ କରିବାରେ ଅଗ୍ରସର ହେଉଥିଲେ, ସେ ସମ୍ପର୍କରେ ଅବତାରଣା କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଡ଼.ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହର ଆରମ୍ଭରେ ବିବେକାନନ୍ଦ ଗ୍ରୁପର ଅଧକ୍ଷ ତଥା ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ସମ୍ପାଦକ ଡ଼.ଧୀରେନ୍ଦ୍ର ନନ୍ଦ ପ୍ରାରମ୍ଭିକ ସୂଚନା ଦେବା ସହ ପଣ୍ଡିତ ମିଶ୍ରଙ୍କ ଷଠିଘର 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପୁନରୁଦ୍ଧାର ପ୍ରତି ସରକାର ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ବକ୍ତା ରୂପେ ବରିଷ୍ଠ ଆଡ଼ଭୋକେଟ ଅଜିତ୍ ପଟ୍ଟନାୟକ ଏବଂ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ଲିଖିତ 'ଚିଲିକା ଦର୍ଶନ', 'ଭୋଟର ଭାବନା', 'ପୁଣ୍ୟଶ୍ଳୋକ' ଓ 'ଦଶଦିଗ' ଆଦି କାବ୍ୟ ଓଡ଼ିଆ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ବୋଲି ବିବେଚନା କରିଥିଲେ । ସମ୍ମାନିତ ଅତିଥି ରୂପେ ଇନରହୁଇଲ କ୍ଲବ ସଭାନେତ୍ରୀ ଡ଼.ମିନତା ମହାନ୍ତି, କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼.ବୃନ୍ଦାବନ ପଣ୍ଡା ପ୍ରମୁଖ ଯୋଗଦେଇ ବାଳପୁର ମାଟି ପୁଣ୍ୟାତ୍ମା ମିଶ୍ରଙ୍କ ପାଇଁ ଋଦ୍ଧିମନ୍ତ ହୋଇଛି ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ୍ ସୁକାନ୍ତି ପଟ୍ଟନାୟକ, ଗଣମାଧ୍ୟମ ବ୍ୟକ୍ତିତ୍ୱ କମଳକୃଷ୍ଣ ମହାନ୍ତି, ଆନ୍ଦୋଳନ-ଓଡ଼ିଶାର ସତ୍ୱାଧିକାରୀ ସନ୍ତୋଷ କୁମାର ମହାନ୍ତି, ଚିତ୍ରଉତୋଳକ ଗୋପୀନାଥ ନନ୍ଦୀ ଏବଂ ସନ୍ତୋଷ କୁମାର ଦାସ ପ୍ରମୁଖଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସମବାୟବିତ୍ ବିମଳ ଷଡ଼ଙ୍ଗୀ, ଆଡ଼ଭୋକେଟ ଶକ୍ତିଶଙ୍କର ମିଶ୍ର, ପଣ୍ଡିତ ମିଶ୍ରଙ୍କ ପୁତ୍ରବଧୂ ତଥା ଆଦର୍ଶ ଶିକ୍ଷୟିତ୍ରୀ ମନୋରମା ମିଶ୍ର, ବିବେକାନନ୍ଦ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଜୟଦେବ ମିଶ୍ର, ସୁବାସ ସାମନ୍ତରାୟ, ଆଦର୍ଶ ଶିକ୍ଷକ ବୈକୁଣ୍ଠନାଥ ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ସକାଳେ ମଙ୍ଗଳା ନଗର ଛକ ସ୍ଥିତ ପଣ୍ଡିତ ମିଶ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଶେଷରେ କାରମେଲ୍ ଇଂରାଜୀ ବିଦ୍ୟାଳୟ ଛାତ୍ର ସୌ ?ଭବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସଙ୍କ ପରଲୋକ

ଚନ୍ଦାହାଣ୍ଡି, ୧୦/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି । ସେ କିଛି ଦିନରୁ ଅସୁସ୍ଥ ଥିଲେ । ଆଜି ସକାଳେ ଅସୁସ୍ଥତା ଅନୁଭବ କରିବାରୁ ଚନ୍ଦାହାଣ୍ଡି ସିଏଚସିରେ ଭର୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା । ସେ ସର୍ବଦା ଚନ୍ଦାହାଣ୍ଡି ଅଂଚଳର ସମସ୍ୟାକୁ ନିଜ ଖବର କାଗଜ ମାଧ୍ୟମରେ ଲୋକଲୋଚନକୁ ଆଣି ସମାଧାନ କରିବାକୁ ଉଦ୍ୟମ ଜାରି ରଖିଥିଲେ । ସେ ଜଣେ ସରଳ ତଥା ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କ ଶେଷ ସମୟରେ ଧର୍ମ ପତ୍ନୀ ଇନ୍ଦୁରେଖା, ପୁଅ, ଝିଅ ଉପସ୍ଥିତ ଥିଲେ । ପୂର୍ବତନ ସାଂସଦ ରମେଶ ମାଝୀ, କ୍ଷେମରାଜ ବାଘ, ଅକାକୁ ଢାଲି, ଶ୍ୟାମ ସୁନ୍ଦର ମାଝୀ, ଭରତ ବାଘ, ପ୍ରଭାତ ସୁନା, ନବରଙ୍ଗପୁର ବିଶିକେସନ ପାଢ଼ୀ, ମନୋଜ ପାଣ୍ଡୀ, ମହମ୍ମଦ ହୁସେନଙ୍କ ସମେତ ଜିଲ୍ଲାର ବହୁ ସାମ୍ବାଦିକ ଶୁଭେଚ୍ଛୁ ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ ।

ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ କାମରେ ଆସୁନି ଶବ ବ୍ୟବଚ୍ଛେଦ କେନ୍ଦ୍ର, ପ୍ରଶାସନ ନୀରବ

ଧାମନଗର, ୧୦/୧୨ (ଆ.ପ୍ର) : ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁରଠାରେ ଚାରିବର୍ଷ ତଳେ ନିର୍ମାଣ ହୋଇଥିବା ଶବ ବ୍ୟବଚ୍ଛେଦ ଗୃହ ଏବେ କାମରେ ଆସୁନାହିଁ । ନିର୍ମାଣ ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ ଓ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟାରେ ୨୦୧୮-୧୯ରେ ପୂର୍ତ ବିଭାଗ ଦ୍ୱାରା ଏହା ନିର୍ମାଣ କରାଯାଇଥିଲା ଓ ଧାମନଗରରେ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ୬ବର୍ଷ ଊର୍ଦ୍ଧ୍ୱ ହେଲା ଶବ ବ୍ୟବଚ୍ଛେଦ ହେଉନାହିଁ । ଏଥିପ୍ରତି କାହାରି ନଜର ପଡୁ ନଥିବାରୁ ସରକାରଙ୍କ ଲକ୍ଷାଧିକ ଟଙ୍କା ଏବେ ପାଣିରେ ବା ନଷ୍ଟ ହୋଇଥିବା ବେଳେ ପଡ଼ିବାକୁ ଏବେ ଶବ ବ୍ୟବଚ୍ଛେଦ ଗୃହଟି ଭୂତକୋଠିରେ ପରିଣତ ହୋଇଛି । ଏହି ସୁବିଧା ଉପଲବ୍ଧ ନହେବାରୁ ମୃତ ବ୍ୟକ୍ତିଙ୍କ ପରିବାରକୁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ନଗର ଉନ୍ନୟନ ରାଜ୍ୟ ସଚିବ, ସ୍ୱାସ୍ଥ୍ୟ ବିଭାଗ, ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ସମସ୍ୟାକୁ ସମାଧାନ ପାଇଁ ଧାମନଗରର ବରିଷ୍ଠ ନାଗରିକ, ଜନ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି ।

ଶ୍ରୀଲଙ୍କା ବିପକ୍ଷ ଟି-ଟ୍ୱେଂଟି ସିରିଜ୍ ପାଇଁ ୧୫ ମହିଳା ଯୋଦ୍ଧା ଘୋଷଣା

ନୂଆଦିଲ୍ଲୀ, ୧୦/୧୨(ନ୍ୟୁ.ଏ): ବିଶ୍ୱ ଚାମ୍ପିଅନ୍ ଟିମ୍ ଇଣ୍ଡିଆ ଖୁବ୍‌ଶୀଘ୍ର ମୈଦାନକୁ ଓହ୍ଲାଇବ । ପ୍ରଥମ ଥର ପାଇଁ ଆଇସିସି ମହିଳା ବିଶ୍ୱକପ୍ ଜିତିଥିବା ଭାରତୀୟ କ୍ରିକେଟ୍ ଦଳ ଡିସେମ୍ବର ଶେଷ ଆଡ଼କୁ ଶ୍ରୀଲଙ୍କା ବିପକ୍ଷରେ ଏକ ଟି-ଟ୍ୱେଂଟି ସିରିଜ୍ ଖେଳିବ । ବିସିସିଆଇ ଚୟନ କମିଟି ଏହି ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରିଛି । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ପାଇଁ ଏକ ୧୫ ଜଣିଆ ଦଳ ଚୟନ କରାଯାଇଛି । ଏଥିରେ ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଅଛନ୍ତି । ଏହି ସିରିଜ୍ ଡିସେମ୍ବର ୨୧ ତାରିଖରୁ ଆରମ୍ଭ ହେବ । ବ୍ରେକ୍ ପରେ କମବ୍ୟାକ୍, ମନ୍ଧାନା ସାମିଲ- ନଭେମ୍ବର ୨ ତାରିଖରେ ବିଶ୍ୱକପ୍ ଫାଇନାଲ୍ ଜିତିଥିବା ଭାରତୀୟ ଦଳ ସେବେଠୁ ବିରତି ନେଇଛି । କିଛି ଖେଳାଳି ଘରୋଇ କ୍ରିକେଟରେ ସକ୍ରିୟ ଥିଲେ ମଧ୍ୟ, ଅଧିକାଂଶ ପ୍ଲେୟାର ବିଶ୍ରାମ ନେଇଛନ୍ତି । ଏବେ, ଦଳର ବ୍ରେକ୍ ଖୁବଶୀଘ୍ର ଶେଷ ହେବ କାରଣ ଶ୍ରୀଲଙ୍କା ଦଳ ପାଂଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ଭାରତ ଗସ୍ତ କରୁଛି । ଯାହା ବିଶ୍ୱକପ୍ ପରେ ଟିମ୍ ଇଣ୍ଡିଆର ପ୍ରଥମ ସିରିଜ୍ ହେବ । ଏହି ଦଳରେ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ଅଧିକାଂଶ ଖେଳାଳି ମଧ୍ୟ ସାମିଲ ଅଛନ୍ତି । ତଥାପି, ସବୁଠାରୁ ପ୍ରମୁଖ ନାମ ହେଉଛି ସ୍ମୃତି ମନ୍ଧାନା । ସେ ନଭେମ୍ବର ୨୩ ତାରିଖରେ ପଲାଶ ମୁଛଲଙ୍କୁ ବିବାହ କରିବାର ଥିଲା ହେଲେ ତାହା ଟଳିଯାଇଛି । ବଡ଼ ବ୍ୟକ୍ତିଗତ ସମସ୍ୟା ପରେ ମନ୍ଧାନା ତୁରନ୍ତ ପଡ଼ିଆକୁ ଫେରିବେ କି ବିରତି ନେବେ ତାହା ଉପରେ ଧ୍ୟାନ କେନ୍ଦ୍ରିତ ହୋଇଥିଲା । ତଥାପି, ଟିମ୍ ଇଣ୍ଡିଆର ଉପ-ଅଧିନାୟିକା ଦଳରେ ସାମିଲ ହୋଇଛନ୍ତି । ଟିମ୍ ଇଣ୍ଡିଆ- ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟକ), ଦୀପ୍ତି ଶର୍ମା, ସ୍ନେହ ରାଣା, ଜେମିମା ରୋଡ୍ରିଗ୍ସ, ଶେଫାଳୀ ବର୍ମା, ହାରଲିନ ଦେଓଲ, ଅମନଜୋତ୍ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ରେଣୁକା ସିଂ, ଗିତା ଘୋଷ, ଜି. କାମାଲିନୀ, ଶ୍ରୀଚରଣୀ, ବୈଷ୍ଣବୀ ଶର୍ମା ।

ଜାତୀୟ ଦଳରେ ଚୟନ ନ ହେବାରୁ କୋଚଙ୍କୁ ପିଟିଲେ ୩ କ୍ରିକେଟର

ପୁଡୁଚେରୀ, ୧୦/୧୨(ନ୍ୟୁ.ଏ): କ୍ରିକେଟ ଆସୋସିଏସନ ଅଫ ପୁଡୁଚେରୀ(ସିଏପି) ପଡ଼ିଆରେ ଭୟଙ୍କର ଘଟଣା । ପଡ଼ିଆରେ ପଶି ପୁଡୁଚେରୀର ଜଣେ ଅଣ୍ଡର ୧୯ କ୍ରିକେଟ କୋଚ୍‌କୁ ଭୟଙ୍କର ଢଙ୍ଗରେ ମାଡ଼ ମାରିଛନ୍ତି ୩ ଜଣ ସ୍ଥାନୀୟ କ୍ରିକେଟର । ଜାତୀୟ ଦଳ ଅର୍ଥାତ ପୁଡୁଚେରୀ ଟିମରେ ୩ ଖେଳାଳିଙ୍କ ଚୟନ ନ ହେବାରୁ ସେମାନେ ଅଣ୍ଡର ୧୯ କୋଚଙ୍କ ଉପରେ ରାଗ ଶୁଝାଇଛନ୍ତି । ଏହି ୩ ଖେଳାଳି ପୁଡୁଚେରୀ ପାଇଁ ହାଇଦ୍ରାବାଦରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳିବେ ବୋଲି ଆଶା ରଖିଥିଲେ । କିନ୍ତୁ ଦଳରେ ସେମାନଙ୍କ ଚୟନ ନ ହେବାରୁ ସେମାନେ କୋଚଙ୍କୁ ପିଟି ଲହୁ ଲୁହାଣ କରିଛନ୍ତି । ଘଟଣା ପରେ ପୁଲିସ୍ ଫେରାର ଥିବା ୩ କ୍ରିକେଟରଙ୍କୁ ଖୋଜିବାରେ ଲାଗିଛି । ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି । ସେହିପରି ଆକ୍ରମଣରେ ଗୁରୁତର ହୋଇଥିବା କୋଚ ଜଣଙ୍କ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପୁଲିସର କହିବା କଥା ଯେ କ୍ରିକେଟ କୋଚ ଭେଙ୍କଟରମଣ ସୋମବାର ଅପରାହ୍ନ ସମୟରେ ସିଏପି ପଡ଼ିଆରେ ନେଟ୍ସ ସେସନ୍‌ର ତଦାରଖ କରୁଥିଲେ । ଏହି ସମୟରେ କାର୍ତ୍ତିକେୟନ, ଅରବିନ୍ଦରାଜ ଓ ସନ୍ତୋଷ କୁମାରନ ନାମକ ୩ ଜଣ କ୍ରିକେଟର ସେଠାରେ ପହଂଚିଥିଲେ । ପୁଡୁଚେରୀ ଟିମରୁ ସେମାନଙ୍କ ନାଁ କାହିଁକି ବାଦ ପଡ଼ିଲା ବୋଲି ସେମାନେ ଭେଙ୍କଟରମଣଙ୍କୁ ଧମକ ଦେଇ ପଚାରିଥିଲେ । ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା । ଏଥିରେ ରାଗି ଯାଇ ୩ ଜଣ ଯାକ ବ୍ୟାଟ, ଷ୍ଟିକେଟ ଓ ହାତରେ କୋଚ ଭେଙ୍କଟରମଣଙ୍କୁ ପ୍ରବଳ ପିଟିଥିଲେ । ଭେଙ୍କଟରମଣ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ି ଯିବାରୁ ୩ ଜଣ ଯାକ ସେଠାରୁ ଫେରାର ହୋଇ ଯାଇଥିଲେ । ଆକ୍ରମଣ ଯୋଗୁ କୋଚ ଭେଙ୍କଟରମଣଙ୍କ କାନ୍ଧ ଓ ପଞ୍ଜରା ହାଡ଼ ଭାଙ୍ଗି ଯାଇଛି । କପାଳରେ ଗୋଟିଏ ବିରାଟ କ୍ଷତଚିହ୍ନ ଥିବାରୁ ୨୦ଟି ଷ୍ଟିଚ ପଡ଼ିଛି । ଏବେ ବି ତାଙ୍କ ଅବସ୍ଥା ଗୁରୁତର ଥିବାରୁ ହସ୍ପିଟାଲରେ ଚିକିତ୍ସା ଚାଲିଛି । ପୁଲିସ୍ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ କରୁଥିଲେ ହେଁ ଏଯାଏ ଫେରାର ଥିବା କ୍ରିକେଟରଙ୍କ ପତା ମିଳିନାହିଁ ।

୧୦୦୦ କୋଟି ଟଙ୍କାର କ୍ଷତି ସହିଛି ଇଣ୍ଡିଗୋ, ୮ ଦିନରେ ପାଖାପାଖି ୫୦୦୦ ବିମାନ ବାତିଲ

ନୂଆଦିଲ୍ଲୀ, ୧୦/୧୨(ନ୍ୟୁ.ଏ): ଇଣ୍ଡିଗୋ ଏୟାରଲାଇନ୍‌ର ଉଡ଼ାଣ ବାତିଲ ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ରାଜଧାନୀ ଦିଲ୍ଲୀର ଅର୍ଥନୀତି ସିଧାସଳଖ ପ୍ରଭାବିତ ହୋଇଛି । ବାଣିଜ୍ୟ, ଶିଳ୍ପ ଏବଂ ପର୍ଯ୍ୟଟନ କ୍ଷେତ୍ରରେ କ୍ଷତି ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଗତ ଦଶ ଦିନ ମଧ୍ୟରେ ସେୟାର ବଜାରରେ ଭିଡ଼ ହ୍ରାସ ପାଇଛି ଏବଂ ପ୍ରଦର୍ଶନୀ ଏବଂ ପର୍ଯ୍ୟଟନ କାର୍ଯ୍ୟକଳାପ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି । ଡିସେମ୍ବର ପହିଲା ତାରିଖରୁ ଆଜି ପର୍ଯ୍ୟନ୍ତ ୪,୦୦୦ ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି, ଯାହାଦ୍ୱାରା ଦିଲ୍ଲୀ ବିମାନବନ୍ଦର ଦେଇ ଯାତ୍ରା କରୁଥିବା ହଜାର ହଜାର ଯାତ୍ରୀଙ୍କ ଯୋଜନାରେ ବାଧା ସୃଷ୍ଟି କରିଛି । ସାଧାରଣ ସମୟରେ, ପ୍ରତିଦିନ ପ୍ରାୟ ଦେଢ଼ ଲକ୍ଷ ଲୋକ ଦିଲ୍ଲୀ ବିମାନବନ୍ଦର ଦେଇ ଯାତ୍ରା କରନ୍ତି, କିନ୍ତୁ ସାମ୍ପ୍ରତିକ ପରିସ୍ଥିତି ଯୋଗୁଁ ଯାତ୍ରୀ ସଂଖ୍ୟାରେ ତୀବ୍ର ହ୍ରାସ ଘଟିଛି । ବିଶେଷକରି ବ୍ୟବସାୟିକ ଯାତ୍ରୀଙ୍କ ଅଭାବ ସହରର ବ୍ୟବସାୟିକ ପରିବେଶକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିଛି । ସିଟିଆଇର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଜାତୀୟ ଗଣମାଧ୍ୟମକୁ କହିଛନ୍ତି ଯେ, ପ୍ରତିଦିନ ପ୍ରାୟ ୫୦,୦୦୦ ବ୍ୟବସାୟୀ ଦିଲ୍ଲୀ ଗସ୍ତ କରନ୍ତି, କିନ୍ତୁ ବିମାନ ବାତିଲ ହେବା ଯୋଗୁଁ ଏହି ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇଛି । ଗତ ଦଶ ଦିନ ମଧ୍ୟରେ ଦିଲ୍ଲୀର ପ୍ରମୁଖ ବଜାରରେ ଲୋକଙ୍କ ସଂଖ୍ୟା ପ୍ରାୟ ୨୫% ହ୍ରାସ ପାଇଛି, ଯାହା ବିକ୍ରୟ ଏବଂ ବ୍ୟବସାୟ ଉଭୟକୁ ପ୍ରଭାବିତ କରିଛି । ଦିଲ୍ଲୀରେ, ପ୍ରଗତି ମୈଦାନ ଏବଂ ଆନନ୍ଦ ମଣ୍ଡପମ୍ ଭଳି ପ୍ରମୁଖ ସ୍ଥାନରେ ଅଟୋମୋବାଇଲ୍, ବୟନଶିଳ୍ପ, ହସ୍ତତନ୍ତ ଏବଂ ଗୃହସାମଗ୍ରୀକୁ ନେଇ ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମଗୁଡ଼ିକ ଦେଶ ସାରାରୁ ବହୁ ସଂଖ୍ୟକ ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ଇଣ୍ଡିଗୋ ବିମାନ ଚଳାଚଳ ସମସ୍ୟା ହଜାର ହଜାର ଲୋକଙ୍କ ଯାତ୍ରା ଯୋଜନାକୁ ବାଧା ଦେଉଛି । ଆୟୋଜକ ଏବଂ ଅଂଶଗ୍ରହଣକାରୀ ଉଭୟ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଖ୍ରୀଷ୍ଟମାସରୁ ନୂଆବର୍ଷ ପର୍ଯ୍ୟନ୍ତ ସମୟକୁ ଦେଶରେ ପର୍ଯ୍ୟଟନ ଋତୁର ଏକ ଶ୍ରେଷ୍ଠ ସମୟ ଭାବରେ ବିବେଚନା କରାଯାଏ । ଟ୍ରାଭେଲ୍ ଏଜେନ୍ସିଗୁଡ଼ିକର ମତରେ, ଏହି ସମୟ ମଧ୍ୟରେ ସର୍ବାଧିକ ବୁକିଂ ହୋଇଥାଏ । ମନୋଜ ଟ୍ରାଭେଲ୍ସର ନିର୍ଦ୍ଦେଶକ ମନୋଜ ଖଣ୍ଡେଲୱାଲ କହିଛନ୍ତି ଯେ ବିମାନ ବାତିଲ ହେବା ସିଧାସଳଖ ଛୁଟିଦିନ, ହୋଟେଲ ବୁକିଂ ଏବଂ ଟୁର୍ ପ୍ୟାକେଜକୁ ପ୍ରଭାବିତ କରୁଛି । ଅନେକ ଲୋକ ସେମାନଙ୍କର ଯୋଜନା ବାତିଲ କିମ୍ବା ସ୍ଥଗିତ ରଖୁଛନ୍ତି । ସିଟିଆଇ ଆକଳନ କରୁଛି ଯେ, ବିମାନ ବାତିଲ ହେବା ଦ୍ୱାରା ପ୍ରାୟ ୧୦୦୦ କୋଟି ଟଙ୍କାର ବ୍ୟବସାୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି, ଯେଉଁଥିରେ ଶିଳ୍ପ, ପର୍ଯ୍ୟଟନ, ହୋଟେଲ, ରେଷ୍ଟୁରାଂଟ ଏବଂ ଇଭେଂଟ ମଧ୍ୟ ରହିଛି । ଅନେକ ଗନ୍ତବ୍ୟ ବିବାହରେ ଅତିଥିମାନେ ସମୟସୀମାରେ ପହଂଚି ପାରି ନଥିଲେ ଏବଂ କିଛି କ୍ଷେତ୍ରରେ, ବର ଏବଂ କନ୍ୟାଙ୍କ ପରିବାର ମଧ୍ୟ ଅନୁପସ୍ଥିତ ଥିଲେ । ହୋଟେଲ, ଭୋଜି ଏବଂ ରିସର୍ଟ ବୁକିଂରେ ତୀବ୍ର ହ୍ରାସ ଘଟୁଛି । ଡିଜିସିଏ ଅନୁଯାୟୀ, ନଭେମ୍ବର ମାସରେ ନିର୍ଦ୍ଧାରିତ ୬୪.୩୪୬ ବିମାନ ମଧ୍ୟରୁ କେବଳ ୫୯,୪୩୮ ବିମାନ ଚଳାଚଳ କରିଥିଲା ।

ସୂର୍ଯ୍ୟ, ମାର୍କରାମଙ୍କୁ ରୁପା କ୍ଲକ୍ ଟାୱାର ଉପହାର

କଟକ, ୧୦/୧୨(ନ୍ୟୁ.ଏ): ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାର୍କରାମଙ୍କୁ ଓସିଏ ପକ୍ଷରୁ ରୁପାର କ୍ଲକ୍ ଟାୱାର ଉପହାର ଦିଆଯାଇଛି । ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓସିଏ ସମ୍ପାଦକ ସଂଜୟ ବେହେରାଙ୍କ ଉପସ୍ଥିତିରେ ଉଭୟ ଅଧିନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସାଙ୍ଗରେ ବିଭିନ୍ନ ବିଧାୟକ ଓ ଓସିଏର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏଥିପୂର୍ବରୁ ଘଂଟି ବଜାଇ ମୁଖ୍ୟମନ୍ତ୍ରୀ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ । ସାଙ୍ଗରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ । ବାରବାଟୀ ଷ୍ଟାଡିୟମ୍‌ରେ ଭାରତ-ଦକ୍ଷିଣ ଆଫ୍ରିକା ଟ୍ୱେଂଟି-୨୦ ମ୍ୟାଚ୍ ଦେଖିବାକୁ ଅନେକ ଆଇଏଏସ୍, ଆଇପିଏସ୍, ନେତା, ମନ୍ତ୍ରୀଙ୍କ ଭିଡ଼ ଲାଗିଥିଲା । ସେମାନଙ୍କ ମଧ୍ୟରେ କେନ୍ଦ୍ରାଂଚଳ ଆରଡିସି ଗୁହା ପୁନମ ତାପସ କୁମାର ମଧ୍ୟ ଷ୍ଟାଡିୟମ୍‌କୁ ଆସିଥିଲେ । ସାଙ୍ଗରେ ତାଙ୍କ ଝିଅ ଓ ପିଏସ୍‌ଓ ମଧ୍ୟ ଥିଲେ । ହେଲେ 'ଓସିଏ'ର ଇନର ଗେଟ୍ ପାଖରେ ଆରଡିସିଙ୍କୁ ଛଡ଼ା ଯାଇ ନଥିଲା । ଗେଟ୍ ଦାୟିତ୍ୱରେ ଥିବା ଘରୋଇ ସୁରକ୍ଷାକର୍ମୀ 'ଆରଡିସି କିଏ ଆମେ ଜାଣିନୁ' ବୋଲି କହିଥିଲା ବେଳେ ପାଖରେ ଥିବା ପୁଲିସ୍ କର୍ମଚାରୀମାନେ ମଧ୍ୟ ଆରଡିସିଙ୍କୁ ରାସ୍ତାରୁ ପାଖେଇ ଯିବାକୁ ବାରମ୍ବାର କହିଥିଲେ । ଆରଡିସିଙ୍କ ପିଏସ୍‌ଓ ବାରମ୍ବାର ତାଙ୍କ ପରିଚୟ କହିଥିଲେ ବି କେହି ଖାତିର କରି ନଥିଲେ । ପରେ ଗଣମାଧ୍ୟମ ପ୍ରତିନିଧି ଓ ଉପସ୍ଥିତ ଅତିଥିମାନେ ଆରଡିସିଙ୍କ ବାବଦରେ ସୁରକ୍ଷାକର୍ମୀଙ୍କୁ କହିବା ପରେ ତାଙ୍କୁ ସାଧାରଣ ଲୋକଙ୍କ ପରି ଧାଡ଼ିରେ ପାଖ ଗେଟ୍ ଦେଇ ଭିତରକୁ ଛଡ଼ାଯାଇଥିଲା । ଭାରତ-ଇଂଲଣ୍ଡ ମ୍ୟାଚ୍ ସମୟରେ ଫ୍ଲଡ୍ ଲାଇଟ୍ ଲିଭିବା ଘଟଣା ପରେ ଓଡ଼ିଶାକୁ ସାରା ବିଶ୍ୱରେ ଲଜ୍ଜିତ ହେବାକୁ ପଡ଼ିଥିଲା । ଯଦିଓ ଏହାପରେ ଓସିଏ କର୍ତ୍ତୃପକ୍ଷ ଅନେକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି, ତଥାପି କୌଣସି ଅଘଟଣକୁ ନେଇ କର୍ତ୍ତୃପକ୍ଷଙ୍କ ମନରେ ଆଶଙ୍କା ରହିଛି । ତେଣୁ କୌଣସି ପ୍ରକାରର ବିଘ୍ନକୁ ଏଡ଼ାଇବା ପାଇଁ ଷ୍ଟାଡିୟମ୍‌ର ବିଭିନ୍ନ ସ୍ଥାନରେ ପତିତପାବନ ବାନାକୁ ଲଗାଯାଇଛି । ୨ ନମ୍ବର, ୭ ନମ୍ବର, ୪ ନମ୍ବର ଓ କ୍ଲକ୍ ଟାୱାର ଉପରେ ଏହି ପତିତପାବନ ବାନା ଲଗାଯାଇଛି । ଇଡେନ୍ ଗାର୍ଡେନ୍ ପରି ବାରବାଟୀ ଷ୍ଟାଡିୟମ୍‌ରେ ଫ୍ଲଡ୍‌ଲାଇଟ୍‌ରେ ଡିଏମ୍‌ଏକ୍ସ ବ୍ୟବସ୍ଥା କରାଯାଇଥିଲା । ସଂଗୀତର ତାଳେତାଳେ ଫ୍ଲଡ୍‌ଲାଇଟ୍ ଧପଧପ୍ ହୋଇଥାନ୍ତା । ଏଥିପାଇଁ ଟ୍ରାଏଲ୍ ରନ୍ ମଧ୍ୟ ହୋଇଥିଲା । ହେଲେ ମ୍ୟାଚ୍ ଦିନ ଦର୍ଶକ ଏହାକୁ ଦେଖିବାର ସୁଯୋଗ ପାଇ ନଥିଲେ । ବିସିସିଆଇର କଡ଼ା ତାଗିଦ୍ ପରେ ଫ୍ଲଡ୍‌ଲାଇଟ୍‌ରେ ମନୋରଂଜନ କରାଯିବା ଯୋଜନାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି । ଗତବର୍ଷ ଫ୍ଲଡ୍‌ଲାଇଟ୍ କଟିଯିବାରୁ ଓସିଏକୁ ଅନେକ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା । ତେଣୁ ଏଥର ଏଭଳି କିଛି ପଦକ୍ଷେପକୁ ଦୁଃସାହସିକ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା । ତେଣୁ ଫ୍ଲଡ୍‌ଲାଇଟ୍ ଜଳିବା, ଲିଭାଇବା ବାରମ୍ବାର କଲେ ଲାଇଟ୍ ଉପରେ ତାହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଇଥିଲା । ଯେଉଁଥିପାଇଁ ଯୋଜନାକୁ ସ୍ଥଗିତ ରଖାଯାଇଥିବା ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି । ବାରବାଟୀରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ରେଜ୍ ଦେଖିବାକୁ ମିଳିଛି । ଲାଲ ପିଚ୍‌ରେ ଭାରତୀୟ ଶୀର୍ଷକ୍ରମ ସଂଘର୍ଷ କରୁଥିଲାବେଳେ ପାଣ୍ଡା ଏଥିରେ ଜୀବନ ଭରିଥିଲେ । ଭାରତ ୭୮/୪ରେ ସଂଘର୍ଷ କରୁଥିଲା ବେଳେ କ୍ରିଜ୍‌କୁ ଆସି ଲଗାତାର ଛକା ମାରିବାପରେ ବାରବାଟୀ ଦର୍ଶକ ତାଙ୍କ ପ୍ରେମରେ ପଡ଼ିଯାଇଥିଲେ । ଶେଷ ଓଭର ଦ୍ୱିତୀୟ ବଲ୍‌ରେ ହାର୍ଦ୍ଦିକ ଛକା ମାରିବା ପରେ ଅର୍ଦ୍ଧଶତକରେ ପହଂଚିଯିବାରୁ ଦର୍ଶକମାନଙ୍କ ଉର୍ଜା ବେଶ୍ ବଢ଼ି ଯାଇଥିବା ଦେଖାଯାଇଥିଲା । ୫ ନମ୍ବର ଗ୍ୟାଲେରି ଭିତରୁ ହାର୍ଦ୍ଦିକ.. ହାର୍ଦ୍ଦିକ... ନାରା ଶୁଭିଥିଲା ବେଳେ ପର୍ଯ୍ୟାୟକ୍ରମେ ଏହା ଷ୍ଟାଡିୟମ୍ ସାରା ବ୍ୟାପିଯାଇଥିଲା । ହାର୍ଦ୍ଦିକ ମଧ୍ୟ ମୁଣ୍ଡ ହଲାଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ ।

ଅଷ୍ଟ୍ରେଲିଆରେ ୧୬ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ମନା

ନୂଆଦିଲ୍ଲୀ, ୧୦/୧୨(ନ୍ୟୁ.ଏ): ଅଷ୍ଟ୍ରେଲିଆରେ ସୋସିଆଲ ମିଡିଆ କଟକଣା । ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ୍ ହୋଇଛି । ଆଜିଠୁ ନୂଆ ନିୟମ ଲାଗୁ ହୋଇଛି । ଫେସବୁକ୍, ଇନଷ୍ଟାଗ୍ରାମ୍, ୟୁଟ୍ୟୁବ୍‌ରେ ଆକାଉଂଟ ଥିଲେ ହଟାଇବାକୁ ପଡ଼ିବ ନଚେତ୍, କମ୍ପାନୀକୁ ୩୩ ମିଲିୟନ ଡଲାର ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ । ଅଷ୍ଟ୍ରେଲିଆ ବିଶ୍ୱରେ ପ୍ରଥମ ଦେଶ ହୋଇଛି ଯିଏକି ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆକୁ ନେଇ ନୂଆ ନିୟମ ଆଣିଛି । ଏହି ନୂଆ ଆଇନ୍‌କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ । ଏହାକୁ 'ପ୍ରାଇଡ୍ ଡେ' କହିବା ସହ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ଇଂଟରନେଟ୍ ମିଡିଆ ଉପରେ ପ୍ରତିବନ୍ଧକ ପିଲାମାନଙ୍କୁ ସେମାନଙ୍କର ଶୈଶବ ସୁନିଶ୍ଚିତ କରିବ । ପିଲାଙ୍କ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାକୁ ଏହି ବଡ଼ ପଦକ୍ଷେପ ନିଆଯାଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ପିଲାମାନଙ୍କୁ ଟିକଟକ୍ , ଆଲଫାବେଟ୍ ଇନକର୍ପୋରେଟେଡ୍ର ୟୁଟ୍ୟୁବ୍, ମେଟାର ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍ ସମେତ ଅନେକ ପ୍ଲାଟଫର୍ମ ବ୍ୟବହାର ଉପରେ ପ୍ରତିବନ୍ଧକ ଲାଗିଛି । ନୂଆ ଆଇନ୍ ଅନୁଯାୟୀ, ୧୦ଟି ବୃହତମ ପ୍ଲାଟଫର୍ମ ଉପରେ ପିଲାମାନଙ୍କ ପାଇଁ କଟକଣା ଲାଗିଛି । ନିର୍ଦ୍ଦେଶ ଦିଆଯାଇଛି ଯେ ନିୟମ ନମାନିଲେ କମ୍ପାନୀକୁ ୩୩ ମିଲିୟ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ । ପ୍ରମୁଖ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଏବଂ ବାକ୍ ସ୍ୱାଧୀନତା ପ୍ରବକ୍ତାମାନେ ଏହି ଆଇନକୁ ସମାଲୋଚନା କରିଛନ୍ତି, କିନ୍ତୁ ପିତାମାତା ଏବଂ ଶିଶୁ ଅଧିକାର ପ୍ରବକ୍ତାମାନେ ଏହାକୁ ସ୍ୱାଗତ କରିଛନ୍ତି । ଅନଲାଇନରେ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଅନ୍ୟ ଅନେକ ଦେଶ ଗମ୍ଭୀରତାର ସହିତ ସମାନ ପଦକ୍ଷେପ ବିଷୟରେ ବିଚାର କରୁଛନ୍ତି । ଆଇନକୁ କୋର୍ଟରେ ଚ୍ୟାଲେଞ୍ଜ- କେହି କେହି ଆଇନର ପ୍ରଶଂସା କରୁଥିବା ବେଳେ ସିଡନୀର ୧୫ ବର୍ଷୀୟ ନୋୟା ଜୋନ୍ସ ଏବଂ ମାଇସି ନେଲାଣ୍ଡ ଏହି ଆଇନକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି । ସେମାନେ ଯୁକ୍ତି ବାଢ଼ିଛନ୍ତି କି, ଏହି ନିୟମ ଦେଶର ପ୍ରାୟ ୨.୬ ନିୟୁତ କିଶୋରଙ୍କ ମତାମତ ସ୍ୱାଧୀନତାକୁ ସୀମିତ କରୁଛି । ତଥାପି, ସରକାର ଦାବି କରୁଛନ୍ତି ଯେ, ଅଧିକାଂଶ ପିତାମାତା ଇଂଟରନେଟ୍ ଗଣମାଧ୍ୟମର କ୍ଷତିକାରକ ପ୍ରଭାବରୁ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ପଦକ୍ଷେପକୁ ସମର୍ଥନ କରିଛନ୍ତି ।

ବାରବାଟୀରେ ବିଜୟ ଉଲ୍ଲାସ: ହୃଦୟ ଜିତିଲେ ପରାକ୍ରମୀ ପାଣ୍ଡ୍ୟା

କଟକ: ବାରବାଟୀରେ ମଙ୍ଗଳବାର ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡା ସମସ୍ତଙ୍କ ହୃଦୟ ଜିତିନେଇଥିଲେ । ବ୍ୟକ୍ତିଗତ ଭାବେ ଶତକୀୟ ଛକା ମାରି ଏଠାରେ ଖେଳିବାକୁ ସ୍ମରଣୀୟ କରିଥିଲେ । କେବଳ ବ୍ୟାଟିଂ ନୁହେଁ ବୋଲିଂରେ ମଧ୍ୟ ସେ ନିଜ ଯାଦୁ ଦେଖାଇଥିଲେ । ଭାରତ ସଙ୍କଟରେ ପଡ଼ିଥିବା ବେଳେ ବିସ୍ଫୋରକ ଅର୍ଦ୍ଧଶତକ ଅର୍ଜନ କରି ସ୍କୋରକୁ ୧୭୫/୬ରେ ପହଂଚାଇଥିଲେ । ପୁଣି ଠିକଣା ସମୟରେ ଗୋଟିଏ ୱିକେଟ୍ ନେଇ ଭାରତ ବିଜୟର ପ୍ରମୁଖ ସୂତ୍ରଧାର ପାଲଟିଥିଲେ । ଆଜି ପ୍ରଥମ ଓଭରରେ ଶୁବମନ ଗିଲ୍ ଆଉଟ ହୋଇଯିବା ପରଠୁ ଦର୍ଶକମାନେ ଶାନ୍ତ ପଡ଼ିଯାଇଥିଲେ । ପୁଣି ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମାଙ୍କଠୁ ଦର୍ଶକ ଯାହା ଆଶା ରଖିଥିଲେ, ସେଭଳି ବଡ଼ ଧରଣର ସଟ୍ ଦେଖାଯାଇ ନଥିଲା । ଯଦିଓ ମଝିରେ ଅଭିଷେକ ଓ ଅକ୍ଷର ପଟେଲଙ୍କ ସହ ମିଶି ତିଳକ ବର୍ମା ଭଲ ଭାଗୀଦାରି ଗଢ଼ିଥିଲେ । କିନ୍ତୁ ତାଙ୍କ ୱିକେଟ୍ ଯିବା ପରେ ଦର୍ଶକଙ୍କ ମନରେ ଆଶଙ୍କାର ବାଦଲ ଖେଳିଯାଇଥିଲା । ଅକ୍ଷର ପଟେଲଙ୍କ ସହ ୨୬ ରନ୍, ଶିବମ ଦୁବେଙ୍କ ସହ ୩୩ ରନ୍ ଓ ଜିତେଶ ଶର୍ମାଙ୍କ ସହ ୩୮ଂଚ ରନ୍‌ର ଭାଗୀଦାରି କରି ପାଣ୍ଡ୍ୟା ଭାରତୀୟ ଶିବିରରେ ଆଶା ସଂଚାର କରିଥିଲେ । ଦ୍ୱାଦଶ ଓଭର ପରଠୁ ସେ ଛକା, ଚୌକାରେ ଦର୍ଶକଙ୍କ ମନୋରଂଜନ କରିଥିଲେ । ୧୯ତମ ଓଭରରେ ଲୁଥୋ ସିପାମ୍ଲାଙ୍କୁ ହାର୍ଦ୍ଦିକ ଚୌକା, ଛକା ଓ ଜିତେଶ ଛକା ମାରି ଚୁପ୍ କରାଇଥିଲେ । ଏହି ଓଭରର ପଂଚମ ବଲ୍‌ରେ ହାର୍ଦ୍ଦିକଙ୍କ ବ୍ୟାଟ୍‌ର ଏଜ୍ ନେଇ ଯାଇଥିବା ଏକ ଉଚ୍ଚ ସଟ୍ ସୌଭାଗ୍ୟବଶତଃ ଖେଳାଳି ନଥିବା ଜାଗାରେ ପଡ଼ିଥିଲା । ତେବେ ଶେଷ ଓଭର ଦ୍ୱିତୀୟ ବଲ୍‌ରେ ହାର୍ଦ୍ଦିକ ଛକା ମାରିବା ପରେ ଅର୍ଦ୍ଧଶତକରେ ପହଂଚିଯିବାରୁ ଦର୍ଶକମାନଙ୍କ ଉର୍ଜା ବେଶ୍ ବଢ଼ିଯାଇଥିବା ଦେଖାଯାଇଥିଲା । ଏହି ଛକା ସହାୟତାରେ ହାର୍ଦ୍ଦିକ ମଧ୍ୟ ଟ୍ୱେଂଟି-୨୦ରେ ୧୦୦ତମ ଛକା ପୂରଣ କରିଛନ୍ତି । ଭାରତୀୟ ପାଳିରେ ହାର୍ଦ୍ଦିକ ୨୮ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୫୯ଂଚ ରନ୍‌ର ପାଳି ଖେଳିଥିଲେ । ଟ୍ୱେଂଟି-୨୦ରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା ୧୦୦ ୱିକେଟ୍ ହାସଲ କରିଛନ୍ତି । ବାରବାଟୀରେ ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ଆଉଟ୍ କରି ସେ ଏହି ମାଇଲଖୁଂଟରେ ଛୁଇଁଛନ୍ତି । ପରେ କେଶବ ମହାରାଜଙ୍କୁ ଆଉଟ କରି ତାଙ୍କ ଟ୍ୱେଂଟି-୨୦ ୱିକେଟ୍ ସଂଖ୍ୟା ୧୦୧ରେ ପହଂଚାଇଛନ୍ତି । ଏବେ ସେ ଅର୍ଶଦୀପ ସିଂହଙ୍କ ପରେ ୧୦୦ ୱିକେଟ୍ ନେବାରେ ଦ୍ୱିତୀୟ ବୋଲର ହୋଇଛନ୍ତି । ଅର୍ଶଦୀପ ଆଜି ଦୁଇଟି ୱିକେଟ୍ ନେଇ ନିଜର ଟ୍ୱେଂଟି-୨୦ ୱିକେଟ୍ ସଂଖ୍ୟାକୁ ୧୦୭ରେ ପହଂଚାଇଛନ୍ତି । ଏଥିପୂର୍ବରୁ ପ୍ରଥମ ପାଳିରେ ବାମହାତୀ ବ୍ୟାଟର ତିଳକ ବର୍ମା ମଧ୍ୟ ଟ୍ୱେଂଟି-୨୦ରେ ୧,୦୦୦ ରନ୍ ପୂରଣ କରିଛନ୍ତି । ଏହି ମ୍ୟାଚ୍ ପୂର୍ବରୁ ୯୯୬ ରନ୍‌ରେ ଥିବା ତିଳକ ଷଷ୍ଠ ଓଭରର ତୃତୀୟ ବଲ୍‌ରେ ମାର୍କୋ ୟାନସେନ୍‌ଙ୍କୁ ମିଡ୍‌ୱିକେଟ୍ ଅଂଚଳକୁ ଚୌକା ମାରି ଏହି ମାଇଲଖୁଂଟରେ ପହଂଚିଥିଲେ । ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରିତ ଭାରତୀୟ ଖେଳାଳି ବାରବାଟୀ ପ୍ରଶଂସକଙ୍କୁ ମଙ୍ଗଳବାର ଖଟାମିଠା ମିଶ୍ରିତ ଅନୁଭବ ଦେଇଥିଲେ । ଲାଲ୍ ମାଟିରେ ବ୍ୟାଟିଂ ବୋବାଲ୍ ଦେଖିବାକୁ ଆସିଥିବା ପ୍ରଶଂସକ ନିରାଶ ହୋଇନଥିଲେ । କିନ୍ତୁ ଏକ ଅଜବ ସଂଯୋଗ ରହିଥିଲା ଭାରତୀୟ ପାଳିରେ । ସୁଯୋଗ ପାଇଥିବା ଭାରତର ୮ ବ୍ୟାଟରଙ୍କ ମଧ୍ୟରୁ ୬ ଜଣ ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ପାଳିରେ ପରିଣତ କରିପାରି ନଥିଲେ ।

ନକଲି ଘିଅ ପରେ ଏବେ ତିରୁପତି ମନ୍ଦିରରେ ସାଲ୍ ଦୁର୍ନୀତି



ନୂଆଦିଲ୍ଲୀ, ୧୦/୧୨(ନ୍ୟୁ.ଏ): ଆନ୍ଧ୍ର ପ୍ରଦେଶର ପ୍ରସିଦ୍ଧ ତିରୁପତି ବାଲାଜୀ ମନ୍ଦିରରେ ନକଲି ଘିଅ ପରେ ଏବେ ଆରମ୍ଭ ହୋଇଛି ନୂଆ ଦୁର୍ନୀତି । ତିରୁମାଳା ମନ୍ଦିରକୁ ପରିଚାଳନା କରୁଥିବା ଟ୍ରଷ୍ଟ, ତିରୁମାଳା ତିରୁପତି ଦେବସ୍ଥାନମ (ଟିଟିଡି)ର ଆଭ୍ୟନ୍ତରୀଣ ଯାଂଚରୁ ଏହି ଦୁର୍ନୀତି ବିଷୟରେ ଜଣାପଡିଛି । ଜଣେ କଂଟ୍ରାକ୍ଟର ଲଗାତାର ୧୦ ବର୍ଷ ହେବ ୧୦୦% ପଲିଷ୍ଟର ସାଲ୍‌କୁ ଶୁଦ୍ଧ ସିଲକ୍ ସାଲ୍ କହି ବିକ୍ରି କରୁଥିଲେ । ୨୦୧୫ ରୁ ୨୦୨୫ ପର୍ଯ୍ୟନ୍ତ ପୁରା ଏକ ଦଶକ ପର୍ଯ୍ୟନ୍ତ ଟିଟିଡିରେ ଚାଲିଥିବା ୫୪ କୋଟି ଟଙ୍କାର ସାଲ୍ ଦୁର୍ନୀତିର ଏବେ ଖୁଲାସା ହୋଇଛି । ଟିଟିଡିର ଅନ୍ତରୀଣ ଯାଂଚ ରିପୋର୍ଟରେ କୁହାଯାଇଛି ଏହି କଂଟ୍ରାକ୍ଟର ଜଣକ ୧୦୦% ପଲିଷ୍ଟର ସାଲ୍‌କୁ ୧୦୦% ଶୁଦ୍ଧ ମଲବରୀ ସିଲ୍କ ସାଲ୍ କରି ୧୦ ବର୍ଷ ହେବ ସପ୍ଲାଇ କରୁଥିଲେ । ପଲିଷ୍ଟର ଦେଇ ସିଲ୍କର ଦାମ୍ ନେଉଥିଲେ । ଅଧ୍ୟକ୍ଷ ବିଆର ନାଇଡୁଙ୍କ ନେତୃତ୍ୱରେ ଟିଟିଡି ବୋର୍ଡ ସାଲ୍‌ର କ୍ୱାଲିଟି ଉପରେ ଚିନ୍ତା ପ୍ରକାଶ କରାଯିବା ପରେ ଏହାର ଯାଂଚ କରାଯାଇଥିଲା । ଯାଂଚ ପରେ ଜଣାପଡିଥିଲା ଏହି ବଡ଼ ଠକେଇ ବିଷୟରେ । ମନ୍ଦିରର ମ୍ୟାନେଜମେଂଟ ଦ୍ୱାରା ଏହି ସାଲ୍ ବଡ଼ ବଡ଼ ଭିଆଇପିଙ୍କୁ ଦିଆଯାଉଥିଲା । ଭେଦାସିରଭଚନମ୍ ଭଳି ମନ୍ଦିରର ରୀତି-ନୀତିରେ ମଧ୍ୟ ଏହାର ବ୍ୟବହାର କରାଯାଉଥିଲା । ଟିଟିଡି ବୋର୍ଡ ଚେୟାରମ୍ୟାନ୍ କହିଛନ୍ତି, ଯେଉଁ ସାଲର ଦାମ୍ ୩୫୦ ଟଙ୍କା ଥିଲା ତାକୁ ୧୩୦୦ ଟଙ୍କାରେ ବିକ୍ରି କରାଯାଉଥିଲା । ୫୦ କୋଟି ଟଙ୍କାରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଛି । ଆମେ ଆଂଟି କରପସନ୍ ବ୍ୟୁରୋକୁ ଏହାର ଯାଂଚ କରିବାକୁ କହିଛୁ । ସାଲ୍‌ର ସାମ୍ପଲକୁ ସାଇଂଟିଫିକ୍ ଆନାଲିସିସ୍ ପାଇଁ ଦୁଇଟି ଲାବ୍ ପଠାଯାଇଥିଲା । ଯେଉଁଥିରୁ ଗୋଟିଏ ଥିଲା ସେଂଟ୍ରାଲ ସିଲକ୍ ବୋର୍ଡ । ଦୁଇଟି ଟେଷ୍ଟରେ ଜଣାପଡିଥିଲା ଏହା ପଲିଷ୍ଟର ଥିଲା, ଯାହା ଟେଣ୍ଡର ସ୍ପେସିଫିକେସନର ସ୍ପଷ୍ଟ ଉଲଂଘନ ଥିଲା । ଉଲ୍ଲେଖନୀୟ ଯେ, ଗତ ବର୍ଷ ଏହି ମନ୍ଦିରରେ ନକଲି ଘିଅ ସପ୍ଲାଇ କରିବା ଓ ସେଥିରେ ପ୍ରସାଦମ୍ (ଲଡୁ) ତିଆରି ହେଉଥିବା କଥା ଜଣାପଡିଥିଲା । ୫ ବର୍ଷ ଭିତରେ ଟିଟିଡିରେ ପ୍ରାୟ ୨୫୦ କୋଟି ଟଙ୍କା ମୂଲ୍ୟର ୬୮ ଲକ୍ଷ କିଲୋ ନକଲି ଘିଅ ସପ୍ଲାଇ କରାଯାଇଥିଲା ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das